EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୬ ସଂଖ୍ୟା-୧୬ ୦୨ - ୦୮ ମଇ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-16 02nd - 08th MAY, 2022 BHUBANESWAR ₹ 5/- (8 Pages)

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ


## ଦ୍ୱନ୍ଦ୍ୱରେ ଶ୍ରଦ୍ଧାଳୁ, ୯ରେ ଶୁଣାଣି

**ଭୁବନେଶ୍ୱର :** ଶ୍ରୀଜଗନ୍ନାଥ ମନ୍ଦିରର ୧୦୦ମିଟର ନିଷେଧା ଅଞ୍ଚଳରେ ଖନନ ଓ ନିର୍ମାଣ କାର୍ଯ୍ୟକୁ ନେଇ ରାଜନୀତି ଜୋର ଧରିଥିବାବେଳେ ହାଇକୋର୍ଟ ଏହି ପ୍ରସଙ୍ଗରେ ଦାଏର ମାମଲାର ଶୁଣାଣି ମେ’ ୯ତାରିଖରେ କରିବା ପାଇଁ ସାନି ତାରିଖ ଧାର୍ଯ୍ୟ କରିଛନ୍ତି। ଏଏସଆଇକୁ ମଧ୍ୟ ମିଳିତ ଅନୁଧ୍ୟାନ ରିପୋର୍ଟ ସତ୍ୟପାଠ ଆକାରରେ ଦାଖଲ କରିବା ନିମନ୍ତେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିଜେଡି, ବିଜେପି ଓ କଂଗ୍ରେସର ନେତାମାନଙ୍କ ମଧ୍ୟରେ ଚାଲିଥିବା ବୟାନବାଜି ଓ ନିର୍ମାଣ କାର୍ଯ୍ୟ ବନ୍ଦ ନହେବା ଏବଂ ଏଏସଆଇର ନିରବତା ଏବେ କୋଟିକୋଟି ଶ୍ରଦ୍ଧାଳୁଙ୍କୁ ଚିନ୍ତାରେ ପକାଇଛି। ପ୍ରକୃତ ସତ କ’ଣ ତାହା ସାଧାରଣ ଭକ୍ତ ଜାଣି ନପରି ଦ୍ୱନ୍ଦ୍ୱରେ ରହିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ହାଇକୋର୍ଟରେ ଦାଏର ମାମଲାର ପରବର୍ତ୍ତୀ ଶୁଣାଣି ମେ’ ୧୬ତାରିଖ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ



ଏସ ମୁରଲୀଧରଙ୍କ ଖଣ୍ଡପୀଠ ତାରିଖ ଧାର୍ଯ୍ୟ କରିଥିଲେ। କିନ୍ତୁ ଆବେଦନକାରୀ ଦିଲ୍ଲୀପ କୁମାର ବରାଳଙ୍କ ଓକିଲ ମାମଲାର ତ୍ୱରିତ୍ ଶୁଣାଣି ପାଇଁ କେତେକ ଦସ୍ତାବିଜ ଦାଖଲ କରିବା ପରେ ହାଇକୋର୍ଟ ମାମଲାକୁ ୯ତାରିଖରେ ଶୁଣାଣି କରିବା ନିମନ୍ତେ ଦିନ ଧାର୍ଯ୍ୟ କରିଛନ୍ତି। ଏହା ସହିତ ରାଜ୍ୟ ସରକାରଙ୍କ ସହ ମିଶି ମିଳିତ ଅନୁଧ୍ୟାନ ରିପୋର୍ଟ ଅତିକମରେ ଶୁଣାଣିର ଦୁଇଦିନ ପୂର୍ବରୁ ଦାଖଲ କରିବା ପାଇଁ ଏଏସଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ କେତେକ ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଚାଲିଥିବା ବୟାନବାଜି ଶୁଣିବା ପରେ ତାଙ୍କ ମନରେ ବାରମ୍ବାର ସନ୍ଦେହ ଆସିଥିଲା। ଗଜପତି ମହାରାଜା ମଧ୍ୟ ଶ୍ରୀମନ୍ଦିର ପ୍ରକଳ୍ପ ଯୋଗୁ ଶ୍ରୀମନ୍ଦିର ପ୍ରତି କୌଣସି ବିପଦ ନାହିଁ ବୋଲି କହିବା ପରେ ତାଙ୍କ ମନରେ ଥିବା ସନ୍ଦେହ ଅଧିକ ବଢ଼ିଥିଲା। ତେଣୁ ସେ ନିଜେ କାହାକୁ କିଛି ନକହି ରବିବାର ଶ୍ରୀମନ୍ଦିରକୁ ଯାଇ ନିର୍ମାଣ କାର୍ଯ୍ୟ ଦେଖିଛନ୍ତି। ଆଉ ତାହା ଦେଖିବା ପରେ ତାଙ୍କ ମନରେ ଥିବା ସନ୍ଦେହ ଅଧିକ ଦୃଢ଼ୀଭୂତ ହୋଇଛି। ବଡ଼ବଡ଼ ଗାତ ଖୋଳାଯାଇଛି ଓ ସେସବୁ ପୋତା ଯାଇଛି। ମନ୍ଦିରର ୧୦୦ମିଟର ପରିସର ଭିତରେ ➤ ପୃ-୬

## ମହାନଦୀ ଶୁଖିଲା



**ଭୁବନେଶ୍ୱର:** ଶୁଖିଲା ପଡିଛି ମହାନଦୀ। ଛତିଶଗଡ କଲମା ବ୍ୟାରେଜର ସମସ୍ତ ଗେଟ

**ଯେଉଁଠି ଦିନେ ଲହଡି ଭାଙ୍ଗୁଥିଲା ପାଣି ଆଜି ସେଠି ଧୂଳି ଉଡୁଛି**
**ଯନ୍ତ୍ରୀଙ୍କ ଯୁକ୍ତି ଜଳ ଭଣ୍ଡାରରେ ପାଣି କମିନି**

ବନ୍ଦ। ଛତିଶଗଡ଼ ପଟେ ଆଖି ପାଇବା ଯାଏଁ କେବଳ ପାଣି ହିଁ ପାଣି ଥିବାବେଳେ ତଳମୁଣ୍ଡରେ ଓଡିଶାପଟେ ମହାନଦୀ ଶୁଖିଲା ପଡିଛି। ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକର ସୁଖାସୋଢା ଗାଁ ଦେଇ ମହାନଦୀ ଓଡିଶାକୁ ପ୍ରବେଶ କରିଥିବାବେଳେ ସେଠାରେ ଶୁଖାପଡିଛି ମହାନଦୀ। ମହାନଦୀର ଶାଖାନଦୀ ଗୁଡିକରେ ବି ବାଲିଚର। ଏଣେ ଜଳ ➤ ପୃ-୬

## ଅନ୍ୟମାନଙ୍କ ଲାଗି ଓଡ଼ିଶା ପାଲଟିଛି ରୋଲ୍ ମଡେଲ୍ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଇଣ୍ଡିଆ ଟୁଡେ କନକ୍ଲେଭରେ ପରିବର୍ତ୍ତିତ ଓଡ଼ିଶା କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ୨ ହଜାର ମସିହାରେ ଦାୟିତ୍ୱ ନେଇଥିଲେ। ଠିକ୍ ବର୍ଷକ ପୂର୍ବରୁ ୧୯୯୯ ମହାବାତ୍ୟା ସବୁ ଛାରଖାର୍ କରି ଦେଇଥିଲା। ବିଗିଡ଼ି ଯାଇଥିଲା ରାଜ୍ୟର ଆର୍ଥିକ ସ୍ଥିତି। ଦରମା ଦେବାକୁ ଟଙ୍କା ନଥିଲା। ଏବେ ସ୍ଥିତି ବଦଳିଛି, ଉନ୍ନତି ହୋଇଛି। ସେତେବେଳେ ଭୋକିଲା, ଗରିବୀକୁ ନେଇ ଖବରର ଚର୍ଚ୍ଚାକୁ ଆସୁଥିବା ଓଡ଼ିଶା ଏବେ ସୁନାମ ଅର୍ଜନ କରୁଛି। ବିଗତ ୨ ଦଶନ୍ଧିରେ ଓଡ଼ିଶାରେ ଅନେକ କିଛି ବଦଳିଛି। ଅନେକ କ୍ଷେତ୍ରରେ ଓଡ଼ିଶା



ଅନ୍ୟମାନଙ୍କ ଲାଗି ରୋଲ୍ ମଡେଲ୍ ପାଲଟିଛି। ଓଡ଼ିଶାର ଏହି ଯାତ୍ରାରେ ଅନେକ ପ୍ରତିବନ୍ଧକ ଆସିଛି। ଭୌଗଳିକ ସହ ସାମାଜିକ-ଅର୍ଥନୈତିକ ଚ୍ୟାଲେଞ୍ଜକୁ ସାମ୍ନା କରି ଓଡ଼ିଶା ଗୋଟିଏ ଲକ୍ଷ୍ୟରେ ଆଗକୁ ବଢ଼ିଛି। ଯେଉଁଥିପାଇଁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବଢ଼ିଥିବା ବେଳେ ଲୋକେ କ୍ରମାଗତ ପାଞ୍ଚ ପାଞ୍ଚ ଥର ସରକାରରେ ବସାଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ଆମ ସରକାର କାମ କରୁଛି। ୫ଟିକୁ ନେଇ ଗତିଶୀଳ ହେଉଛି ବ୍ୟବସ୍ଥା। ➤ ପୃ-୬

### ଦୁର୍ନୀତିରେ ବୁଡ଼ିଛି ରାଜ୍ୟର ସବୁ ବ୍ଲକ୍

## ସ୍ୱତନ୍ତ୍ର ଅଡିଟ୍ ଦାବି କଲା ବିଜେପି

**ଭୁବନେଶ୍ୱର :** ଦୀର୍ଘ ୨୨ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାରର ଶାସନରେ ଦୁର୍ନୀତି ସବୁ ସୀମା ଲଂଘନ କରିଛି। ବିଜେଡି ନେତା,ମନ୍ତ୍ରୀମାନଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ବ୍ଲକଗୁଡ଼ିକରେ ବ୍ୟାପକ ଦୁର୍ନୀତି ହେଉଛି। ବିଜେଡି ହିଁ ଏହି ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦେଉଛି ବୋଲି ବିଜେପି ଅଭିଯୋଗ କରିବା ସହ ୨୦୦୦ ମସିହାରୁ ରାଜ୍ୟର ସମସ୍ତ ବ୍ଲକ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକର ସ୍ୱତନ୍ତ୍ର ଅଡିଟ୍ କରିବାକୁ ଦାବି କରିଛି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପୂର୍ବତନ




ସାଂସଦ ତଥା ବିଜେପି ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଦୁର୍ନୀତିରେ ସିଧାସଳଖ ଭାବେ ଲିପ୍ତ ଥିବା ସରକାରୀ ଅଧିକାରୀମାନଙ୍କୁ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ସହିତ ପରବର୍ତ୍ତୀ ସମୟରେ ନିଜ ଦଳୀୟ କାର୍ଯ୍ୟ ପାଇଁ ଶାସକ ବିଜେଡି ବ୍ୟବହାର କରୁଛି। ଏପରିକି ପରବର୍ତ୍ତୀ ସମୟରେ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ଭାବେ ଦୁର୍ନୀତିଖୋର ସରକାରୀ କର୍ମଚାରୀମାନଙ୍କୁ ବିଭିନ୍ନ ଗଣତାନ୍ତ୍ରିକ ପଦପଦବୀରେ ଅବସ୍ଥାପିତ କରାଯାଉଛି। ଆବଶ୍ୟକ ପଡ଼ିଲେ ଶାସକ ବିଜେଡି ସମସ୍ତ ଆଇନ କାନୁନକୁ ଜଳାଞ୍ଜଳି ଦେବାକୁ ମଧ୍ୟ ପଛାଉ ନାହିଁ। ସରକାରୀ ଏକ ଟଙ୍କାର ଅନିୟମିତତା ଦଣ୍ଡନୀୟ ଅପରାଧ ହୋଇଥିବାବେଳେ କୋଟି କୋଟି ଟଙ୍କା ଦୁର୍ନୀତିରେ ସଂପୃକ୍ତ ଥାଇ ମଧ୍ୟ ➤ ପୃ-୬

### ବକ୍ରବାଣୀ



ଚିଲିକା ବୁଲାରେ ହାଲିଆ ହେଇ
ନବୀନ ଚାକର ଗଲାକି ଶୋଇ
ପୁରୀ ଯିବା ପାଇଁ ସମୟ ନାହିଁ
ବାହାନା କରୁଚି ମିଛରେ କାହିଁ
ଭାଇମାନେ ଯିଏ ଯଉଁଠି ଥାଅ
ମଣିମାଙ୍କ କଥା ଶୁଣିବା ହୁଅ
ରତ୍ନଭଣ୍ଡାରଠୁ ବ୍ରହ୍ମବିଭ୍ରାଟ
ଖୋଲିଲାନି କେବେ ତାଙ୍କରି ତୁଣ୍ଡ
ଆସିବେ ବୋଲିକି ଅପରାଜିତା
ଗାରିମାକୁ ଭୁଲି ହେଲେକି ନେତା।


——— ଟୁଟୁ

### ଚନ୍ଦ୍ରଶେଖରପୁର-ନୀଳାଦ୍ରି ବିହାର ପୋଲ ଭାଙ୍ଗି ହରଡ ଘଣାରେ ପ୍ରଶାସନ

## ନୂଆ ପୋଲ ନିର୍ମାଣ ବନ୍ଦ

**ଭୁବନେଶ୍ୱର :** ଚନ୍ଦ୍ରଶେଖରପୁର ଭାରତ ପେଟ୍ରୋଲ ପମ୍ପ ନିକଟରୁ ନୀଳାଦ୍ରି ବିହାରକୁ ଲମ୍ବିଥିବା ରାସ୍ତା ମଝିରେ ଥିଲା ଏକ ପୁରୁଣା ପୋଲ। ଏହି ପୋଲଟି ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ତଥାପି ବିକଳ୍ପ ନଥିବାରୁ ଏହାରି ଉପରେ ସ୍ଥାନୀୟ ଲୋକ ଯା’ ଆସ କରିବା ସହ ଗାଡିମୋଟର ମଧ୍ୟ ଚାଲିଥିଲା। ଗତ ୩ ମାସ ତଳେ ପୂର୍ତ୍ତ ବିଭାଗ ଏହି ପୁରୁଣା ପୋଲଟିକୁ ଭାଙ୍ଗି ଦେଇ ଉଭୟପଟେ ବୋର୍ଡ ଲଗାଇଥିଲା। ନୂଆ ପୋଲ ନିର୍ମାଣ ହେବା ଲାଗି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଥିଲା। ହେଲେ ଅଚାନକ ଜଣାପଡିଲା ଯେ, ଆଗରୁ ଥିବା ପୋଲଟି ସରକାରୀ ଜମିରେ ନୁହେଁ ବରଂ ଏକ ଘରୋଇ ଜାଗା। ତେବେ ପ୍ରଶ୍ନ ଉଠୁଛି ଦୀର୍ଘବର୍ଷ ଧରି ଏକ ଘରୋଇ ଜମିରେ ପୋଲ ନିର୍ମାଣ





ହୋଇଥିଲା କିପରି। ଯଦି ଏହା ଘରୋଇ ଜମି ହୋଇଥାଏ ତେବେ ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗ ଏହା ଜାଣିପାରିଲା ନାହିଁ କାହିଁକି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚନ୍ଦ୍ରଶେଖରପୁରରୁ ନୀଳାଦ୍ରି ବିହାରକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ମଝିରେ ଥିବା ଏହି ବିପଦସଙ୍କୁଳ ପୋଲ ଭାଙ୍ଗି ଦେଇ ନୂତନ ପୋଲ ନିର୍ମାଣ ଲାଗି ପ୍ରଶାସନ ପଦକ୍ଷେପ ନେଇଥିଲେ। ସେଥିପାଇଁ ଟେଣ୍ଡର ଡାକି କାର୍ଯ୍ୟାଦେଶ ଦିଆ ସରିଥିଲା। ସୂଚନାଯୋଗ୍ୟ, ଯେଉଁଦିନ ଏହି ପୁରୁଣା ପୋଲଟିକୁ ଭାଙ୍ଗି ଦିଆଗଲା, ତା’ପରଦିନ ହିଁ ଅସଲ ଖେଳ ଆରମ୍ଭ ହୋଇଗଲା। ଡମଣା ଗାଁର ଜନୈକ ବ୍ୟକ୍ତି ପୋଲ ନିର୍ମାଣକୁ ନେଇ ହାଇକୋର୍ଟରେ ମାମଲା କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ➤ ପୃ-୬




### କଣ୍ଟିଲୋ ନୀଳମାଧବ ପୀଠ ବିକାଶ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

## ଖର୍ଚ୍ଚ ହେବ ଶହେ କୋଟି

**ଭୁବନେଶ୍ୱର :** କଣ୍ଟିଲୋ ନୀଳମାଧବ ପୀଠର ପାରିପାର୍ଶ୍ୱିକ ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ଲାଭ କରିଛି। ଏଥିନିମନ୍ତେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ୧୮ ମାସ ମଧ୍ୟରେ କାମ ଶେଷ ହେବ। ସମ୍ବନ୍ୱିତ ଐତିହ୍ୟ ଓ କୀର୍ତ୍ତିରାଜି ବିକାଶ ଯୋଜନା ରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ପ୍ରକଳ୍ପର ସଫଳ କାର୍ଯ୍ୟକାରୀତା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ଥାନୀୟ ଜନସାଧାରଣ ଓ ସେବାୟତ ମାନଙ୍କ ସହଯୋଗ କାମନା କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନୀଳମାଧବ ପୀଠର ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନ ଉପରେ ବିଚାର ବିମର୍ଷ ପରେ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ସହ ନୀଳମାଧବ ପୀଠର ନିବିଡ଼ ସଂପର୍କ ରହିଛି। ବିଶ୍ୱାସ କରାଯାଏ ଯେ ନୀଳମାଧବ ପୀଠ ବ୍ରହ୍ମାଦ୍ରୀ ପର୍ବତରେ ମହାପ୍ରଭୁ ନୀଳମଣି ଭାବରେ ଶବର ରାଜା



ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ। ମହାପ୍ରଭୁଙ୍କ ଏହି ଆଦିରୂପକୁ ଦର୍ଶନ କରିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ନୀଳମାଧବ ପୀଠକୁ ଆସିଥାନ୍ତି। ବ୍ରହ୍ମାଦ୍ରୀ ପର୍ବତର ଉତ୍ତର ଦିଗରେ ମହାନଦୀର ଭୀମକାନ୍ତ ରୂପ ଅତ୍ୟନ୍ତ ରମଣୀୟ। ପର୍ଯ୍ୟଟକ ମାନଙ୍କ ପାଇଁ ମଧ୍ୟ ଏହି ସ୍ଥାନ ଅନ୍ୟତମ ପ୍ରମୁଖ ଆକର୍ଷଣ। ଏହି ପବିତ୍ର ପୀଠର ସୁବ୍ୟବସ୍ଥିତ ବିକାଶ ଦ୍ୱାରା ଭକ୍ତ ଓ ପର୍ଯ୍ୟଟକ ସହିତ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଗତ ସପ୍ତାହରେ ନୀଳମାଧବ ପୀଠ ପରିଦର୍ଶନ କରି ବିକାଶ ଯୋଜନା ସଂପର୍କରେ ସେବାୟତ ତଥା ସ୍ଥାନୀୟ ଜନସାଧାରଣଙ୍କ ଓ ଜିଲ୍ଲା ପ୍ରଶାସନ ସହ ବିସ୍ତୃତ ଆଲୋଚନା କରି ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ମାଷ୍ଟରପ୍ଲାନରେ ମୁଖ୍ୟତଃ ମନ୍ଦିରର ପୁନରୁଦ୍ଧାର, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପରିକ୍ରମା ପଥ, ଚନ୍ଦନ ପୁଷ୍କରିଣୀର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ସହିତ ଚତୁପାର୍ଶ୍ୱ ରାସ୍ତାର ଉନ୍ନତୀକରଣ, ଛାୟାପ୍ରଦ ବୃକ୍ଷ, ଉଦ୍ୟାନ, ପାର୍କିଂ, ମହାନଦୀର କୂଳ ସୁରକ୍ଷା ଓ ନଦୀପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଆଦି ବିଷୟରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିରକୁ ଯାଇଥିବା ତିଖା ପାହାଚ ଶ୍ରେଣୀର ପୁନରୁଦ୍ଧାର କରାଯାଇ ଭକ୍ତ ମାନେ ଯେପରି ସୁବିଧା ରେ ଯାଇ ପାରିବେ ତଦନୁଯାୟୀ ବିକାଶ କରାଯିବ। ଏହା ସହିତ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଚାରି ଦ୍ୱାରର ଉନ୍ନତୀକରଣ କରାଯିବ। ବୟସ୍କ ଓ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ତେଲ ମସଲା ଖାଦ୍ୟ ଖାଆନ୍ତୁ ନାହିଁ। ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ପରିବାରରେ ଝଗଡା ହୋଇପାରେ। ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ହାନୀ ହୋଇପାରେ। ପ୍ରତିକାର : ୪୧ଥର ଓଁ ରାହବେ ନମଃ ଜପ କରନ୍ତୁ।

**ବୃଷ**
ଥକା ଅନୁଭବ କରିବେ ଓ ଅନ୍ୟଙ୍କ ଉପରେ ବିରକ୍ତ ହୋଇପାରନ୍ତି। ମୂଲ୍ୟବାନ ବସ୍ତୁ ଚୋରୀ ହୋଇପାରେ। ପରିବାରରେ ଖୁସି ପାଇବେ। ପିତାମାତାଙ୍କ ପରାମର୍ଶ ନିଅନ୍ତୁ : ପ୍ରତିକାର : ଶୁକ୍ରବାର ଦିନ ଲକ୍ଷ୍ମୀ ନାରାୟଣଙ୍କ ଠାରେ ହୋମ କରନ୍ତୁ।

**ମିଥୁନ**
ପୁରୁଣା ରୋଗରୁ ମୁକ୍ତି ମିଳିବ। ସଞ୍ଚିତ ଧନ କାମରେ ଲାଗିବ। ପୁରୁଣା ବନ୍ଧୁଙ୍କ ଅନ୍ୟ ସାଥିରେ ଦେଖି ଦୁଃଖିତ ହେବେ। କାର୍ଯ୍ୟକ୍ଷେତ୍ରରେ ମତଭେଦ ହେବ। ପ୍ରତିକାର : ବୃହସ୍ପତିଙ୍କୁ ଧ୍ୟାନ କରନ୍ତୁ।

**କର୍କଟ**
ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଧନ ସମସ୍ୟାରେ ପଡିପାରନ୍ତି। ଛୋଟ ପିଲାଙ୍କ ସହ ସମୟ ବିତାନ୍ତୁ। କାର୍ଯ୍ୟକ୍ଷେତ୍ରରେ ଅଳସୁଆ ହେବେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ସିଂହ**
ଅନେକ ସ୍ରୋତରୁ ଅର୍ଥ ଆସିବ। ଖର୍ଚ୍ଚରେ ଲଗାମ ଲଗାନ୍ତୁ। ପରିବାର ସହ ଦୂରଯାତ୍ରା କରନ୍ତୁ। ଅନ୍ୟକୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ। ପ୍ରତିକାର : ଶନିବାର ଦିନ ରାଶି ତେଲ ଦୀପ ଜାଳନ୍ତୁ।

**କନ୍ୟା**
ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଆର୍ଥିକ ସ୍ଥିତି ବିଗିଡିବା ଆଗରୁ ସତର୍କ ରୁହନ୍ତୁ। ଖରାପ ସଙ୍ଗତରୁ ଦୂରେଇ ରହନ୍ତୁ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ତୁଳା**
ମାନସିକ ଚିନ୍ତାରୁ ମୁକ୍ତି ମିଳିବ। ଗାଡି ଚଳାଇବା ବେଳେ ସତର୍କ ରହନ୍ତୁ। ଖର୍ଚ୍ଚରେ ଲଗାମ ଲଗାନ୍ତୁ। ଛାତ୍ରମାନେ ବିଦେଶ ପଢ଼ିବା ପାଇଁ ଯାଇ ପାରନ୍ତି। ପ୍ରତିକାର : ମଙ୍ଗଳବାର ଦିନ ରାହୁ ଓ କେତୁଙ୍କ ଅର୍ଚ୍ଚନା କରନ୍ତୁ।

**ବିଛା**
ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ। ପୂର୍ବରୁ ଲଗାଇଥିବା ଧନରୁ ଅର୍ଥପ୍ରାପ୍ତି ଯୋଗ ଅଛି। ଉଧାର ଦିଅନ୍ତୁ ନାହିଁ। ଘରର ସଦସ୍ୟଙ୍କ ପରାମର୍ଶ ନିଅନ୍ତୁ। ଭାଗୀଦାରକୁ ବିଶ୍ୱାସ କରନ୍ତୁ ନାହିଁ। ପ୍ରତିକାର : ଓଁ ହନୁମତେ ନମଃ ଜପ କରନ୍ତୁ।

**ଧନୁ**
ସ୍ୱାସ୍ଥ୍ୟରେ ବଡଧରଣର ପରିବର୍ତ୍ତନ ହୋଇପାରେ। ଆୟରେ ବୃଦ୍ଧି ହେବ। ପରିବାରର ପିଲାଙ୍କ ପାଇଁ ସମସ୍ୟା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କ ଗୁରୁତ୍ୱ କମିବ। ପ୍ରତିକାର : ଗୁରୁବାର ଦିନ ବୃଦ୍ଧ ବ୍ରାହ୍ମଣଙ୍କୁ ଭୋଜନ କରାନ୍ତୁ।

**ମକର**
ମନ ଚଞ୍ଚଳ ରହିବ। କାର୍ଯ୍ୟକ୍ଷେତ୍ରରେ ଝଗଡା ହୋଇପାରେ। ଜିନିଷ କିଣିବା ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ପରିବାରରେ ଅଧିକ ସମୟ କଟାଇବେ। ପ୍ରତିକାର : ଶନିବାର ଦିନ ଶନିଙ୍କ ସନ୍ତୁଷ୍ଟ କରନ୍ତୁ।

**କୁମ୍ଭ**
ଆଣ୍ଠୁଗଣ୍ଠି ଜନିତ କଷ୍ଟ ପାଇପାରନ୍ତି। ବ୍ୟୟରେ ବୃଦ୍ଧି ହେବ। ସମାଜରେ ସମ୍ମାନିତ ହେବେ। ପରିବାରରେ ମୁଖ ପାଇବେ। ଜୀବନସାଥୀଙ୍କ ବ୍ୟବହାରରେ ଦୁଃଖି ହୋଇପାରନ୍ତି। ପ୍ରତିକାର : ଓଁ ମନ୍ଦାୟ ନମଃ ୧୭ଥର ଜପ କରନ୍ତୁ।

**ମୀନ**
ମନ ଅସ୍ଥିର ରହିବ। କ୍ଷତି ହୋଇପାରେ। ପୁଞ୍ଜି ବିନିଯୋଗ ପୂର୍ବରୁ ବିଚାର କରନ୍ତୁ। ଉଚ୍ଚ ଅଧିକାରୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ସଫଳତାର ଅନ୍ୟ ଛାତ୍ରମାନେ ଦୁଃଖି ହେବେ। ନିଜ ସମ୍ପର୍କରେ ତୃତୀୟ ବ୍ୟକ୍ତିର ପ୍ରବେଶକୁ ରୋକନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଜଳବାୟୁ ପରିବର୍ତ୍ତନର ପ୍ରଭାବ; ବଢ଼ିବ ପ୍ରାକୃତିକ ବିପର୍ଯ୍ୟୟ



**ଜେନେଭା :** ପ୍ରାକୃତିକ ବିପର୍ଯ୍ୟୟ ଓ ରୋଗ ଆଦିରେ ଅସ୍ତବ୍ୟସ୍ତ ହେଉଥିବା ପୃଥିବୀ ଆଗାମୀ ଦିନମାନଙ୍କରେ ଆହୁରି ଭୀଷଣ ପ୍ରାକୃତିକ ବିପର୍ଯ୍ୟର ସମ୍ମୁଖୀନ ହୋଇପାରେ। ମିଳିତ ଜାତିସଂଘଙ୍କ ଅଫିସ ଫର ଦି ଡିଜାଷ୍ଟର ରିସ୍କ ରିଡକ୍ସନଙ୍କ ଏକ ରିପୋର୍ଟରେ ଏହିପରି ଚେତାବନୀ ଦିଆଯାଇଛି। ଏକ ଆକଳନ ଅନୁସାରେ ୨୦୧୫ ମସିହାରୁ ପୃଥିବୀ ବାର୍ଷିକ ପ୍ରାୟ ୪ଶହଟି ଏହିପରି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଯାହା ୨୦୩୦ ବେଳକୁ ୫୬୦କୁ ବୃଦ୍ଧିପାଇପାରେ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ୧୯୭୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସମୟର ଅନୁଶୀଳନ କଲେ ସେତେବେଳେ ବାର୍ଷିକ ମଧ୍ୟମରୁ ବୃହତ୍ତ ବିପର୍ଯ୍ୟୟ ସଂଖ୍ୟା ପ୍ରାୟ ୯୦ରୁ ୧୦୦ ମଧ୍ୟରେ ରହୁଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ଗ୍ରୀଷ୍ମ ଅନୁଭୂତ ହେଉଛି ଓ ଋତୁ ମଧ୍ୟ ଖୁବଶୀଘ୍ର ଆରମ୍ଭ ହୋଇଛି। ଯଦି ପରିସ୍ଥିତି ଏପରି ରହେ ତେବେ ୨୦୩୦ ମସିହା ବେଳକୁ ଗରମ ପବନ ବହିବାର ଧାରା ଚରମ ପର୍ଯ୍ୟାୟକୁ ପହଞ୍ଚିଥିବ। ଜଳବାୟୁ ପରିବର୍ତ୍ତନ କାରଣରୁ କେବଳ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ କୋଭିଡ-୧୯, ଆର୍ଥିକ ମାନ୍ଦାବସ୍ଥା ଓ ଖାଦ୍ୟ ସମସ୍ୟା ମଧ୍ୟ ଉପୁଜୁଛି। ତେବେ ଏପରି ବିପର୍ଯ୍ୟୟ ଯୋଗୁ ଆମକୁ କେତେ କ୍ଷତି ସହିବାକୁ ହେଉଛି ସେ ବାବଦେ ଲୋକଙ୍କୁ ସମାନ୍ୟତମ ଧାରଣା ମଧ୍ୟ ନାହିଁ ବୋଲି ଡିଜାଷ୍ଟର ରିସ୍କ ରିଡକ୍ସନ ଅଫିସଙ୍କ ମୁଖ୍ୟ ମାମି ମିଜତୋରୀ କହିଛନ୍ତି। ଏଣୁ ଆମେ ଯଦି ପରିସ୍ଥିତିକୁ ସନ୍ତୁଳିତ କରିବାରେ ସକ୍ଷମ ନ ହୁଏ ତେବେ ଆଗକୁ ଯେଉଁ ସବୁ କ୍ଷୟକ୍ଷତି ହେବ ତାର ଭରଣା କରିବା ମଧ୍ୟ ଆମପକ୍ଷେ ଆଉ ସମ୍ଭବ ହୋଇ ନପାରେ ବୋଲି ସେ ଚେତାଇ ଦେଇଛନ୍ତି। ଏବେ ଆମର ୯୦ ପ୍ରତିଶତ ପାଣ୍ଠି କେବଳ ବିପର୍ଯ୍ୟୟ କ୍ଷତିପୂରଣ ପ୍ରଦାନରେ ବ୍ୟୟ ହେଉଛି। ପୁନର୍ନିର୍ମାଣ ଲାଗି ୬ ପ୍ରତିଶତ ବ୍ୟୟ ହେଉଥିବା ବେଳେ ବିପର୍ଯ୍ୟୟ ରୋକିବାକୁ ମାତ୍ର ୪ ପ୍ରତିଶତ ବ୍ୟୟ କରୁଛେ। ୧୯୯୦ ମସିହାରେ ପ୍ରାକୃତିକ ବିପର୍ଯୟ ଯୋଗୁ ସାରା ବିଶ୍ୱରେ ବାର୍ଷିକ ୭୦ ବିଲିନ ଡଲାରର କ୍ଷୟକ୍ଷତି ହୋଇଥିଲା। ଯାହା ବର୍ତ୍ତମାନ ୧୭୦ କୋଟିକୁ ପହଞ୍ଚିସାରିଲାଣି। ତେବେ ପୂର୍ବ ତୁଳନାରେ ଜନହାନୀ ହାରରେ ହ୍ରାସ ଦେଖାଯାଇଛି। ସମୟ ପୂର୍ବରୁ ସତର୍କତା ଜାରିକରି ଦିଆଯାଉଥିବାରୁ କ୍ଷୟକ୍ଷତି ଅନେକ ପରିମାଣରେ ହ୍ରାସ ହେଉଛି। ଯଦି ସମାଜ ଚିନ୍ତାକରିବାର ଉପାୟ ପରିବର୍ତ୍ତନ ନ କରେ ଆସିବାକୁ ଥିବା ବିପର୍ଯ୍ୟୟ ଲାଗି ଆଗରୁ ପ୍ରସ୍ତୁତି ନ କରେ ତେବେ ଆପଦାକୁ ବିପଦରେ ବଦଳିବାକୁ ସମୟ ଲାଗିବନି ବୋଲି ମିଜତୋରୀ କହିଛନ୍ତି। ଏପରି ବିପର୍ଯ୍ୟୟ ଆର୍ଥିକ ପ୍ରଗତିଶୀଳ ଦେଶଙ୍କ ବଦଳେ ଗରିବ ଦେଶଙ୍କ ଉପରେ ବିଶେଷ ପ୍ରକୋପ କରୁଛି। ଆର୍ଥିକ ଦୃଷ୍ଟିରୁ ପ୍ରଥମରୁ ବିପନ୍ନ ଦେଶ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ଭରଣାରେ ପ୍ରାୟତଃ ଅସମର୍ଥ ହେଉଥିବା ବେଳେ ଅନେକ ସମୟରେ ଏପରି ବିପର୍ଯ୍ୟୟ ଦେଶର ଆର୍ଥିକ ମେରୁଦଣ୍ଡକୁ ବି ଦୋହଲାଇ ଦେଉଛି। ଏଣୁ ଏପରି ବିପର୍ଯ୍ୟୟ ଲାଗି ଆମକୁ ପୂର୍ବରୁ ପ୍ରସ୍ତୁତ ରଖିବାକୁ ହେବ ବୋଲି ରିପୋର୍ଟରେ ମିଜତୋରୀ କହିଛନ୍ତି।

# କରୋନା ବଢ଼ାଇଛି ଆବଶ୍ୟକତାରୁ ଅଧିକ ଔଷଧ ସେବନ



**ନ୍ୟୁୟର୍କ :** କରୋନା ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଚିଡ଼ଚିଡ଼ା ମାନସିକତା ଭରିଦେଇଛି। ବିଶେଷ ଭାବ ବିଭିନ୍ନ ରୋଗ ନିମନ୍ତେ ଔଷଧ ସେବନ କରୁଥିବା ଲୋକଙ୍କ ମାନସିକତା ଉପରେ ଏହାର କୁପ୍ରଭାବ ପଡ଼ିଛି। ଏହି ମହାମାରୀ ପରେ ସେମାନଙ୍କୁ ଆବଶ୍ୟକତାଠାରୁ ଅଧିକ ମାତ୍ରାରେ ଔଷଧ ଖାଇବାକୁ ପଡୁଛି। ଯାହା ସେମାନଙ୍କ ଜୀବନ ପ୍ରତି ବିପଦ ବଢ଼ାଇଛି। ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଏହି ମହାମାରୀ ସମୟରେ ଆବଶ୍ୟକତାଠାରୁ ଅଧିକ ଔଷଧ ଖାଇବା ଯୋଗୁ ଆମେରିକାରେ ଗତ ବର୍ଷକ ଭିତରେ ଲକ୍ଷେ ଲୋକଙ୍କ ଜୀବନ ଗଲାଣି। କରୋନାକୁ ପ୍ରତିହତ କରିବା ନିମନ୍ତେ ଘରେ ଆଇସୋଲେସନରେ ରହିବା ନିର୍ଦ୍ଦେଶ ମୃତ୍ୟୁସଂଖ୍ୟା ବଢ଼ାଇବାର ମୁଖ୍ୟ କାରଣ ହୋଇଛି। ଲୋକଙ୍କ ମାନସିକତା ଉପରେ ଏହା ଗଭୀର ପ୍ରଭାବ ପକାଉଛି। ଯେଉଁମାନେ ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି ସେମାନେ ଆବଶ୍ୟକତା ଅନୁଯାୟୀ ଔଷଧ ଓ ଚିକିତ୍ସା ସେବା ପାଉନାହାନ୍ତି। ତେଣୁ ସେମାନଙ୍କୁ ରୋଗରୁ ଭଲ ହେବା ନିମନ୍ତେ ନିଜ ଅଞ୍ଚଳରେ ଉପଲବ୍ଧ ହେଉଥିବା ଔଷଧକୁ ଅଧିକ ପରିମାଣରେ ସେବନ କରିବାକୁ ପଡୁଛି। ଯାହା ତାଙ୍କ ନିମନ୍ତେ କ୍ଷତି ଘଟାଉଛି। ବିନା ଡାକ୍ତରଙ୍କ ପରାମର୍ଶରେ ରୋଗୀମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣାରୁ ରକ୍ଷା ପାଇବାକୁ ଓପିଏଡ ଓ ମିଥାମଫେଟାମାଇନ ବ୍ୟବହାର କରୁଛନ୍ତି। ଅଗଷ୍ଟ ୨୦୨୦ ମସିହାରୁ ମେ' ୨୦୨୧ ମସିହା ପର୍ଯ୍ୟନ୍ତ ହୋଇଥିବା ଅଧ୍ୟୟନରେ ଏଭଳି ୬୭ ଜଣ ରୋଗୀ ମିଳିଥିଲେ। ମାତ୍ର ୩୮ ପ୍ରତିଶତ ରୋଗୀ ମହାମାରୀ ସମୟରେ ଭଲ ରୋଜଗାର ପାଇଥିବା ପ୍ରକାଶ କରିଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ଚାକିରିଆ ରହିଥିଲେ। ଅନ୍ୟମାନଙ୍କୁ ଘର ଚଳାଇବା ଓ ଖାଦ୍ୟ ପାଇବାରେ ଖୁବ୍ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଅଧିକାଂଶ ସେମାନଙ୍କ ଭିତରେ ଥିବା ଅଶାନ୍ତି ଓ ଅସନ୍ତୋଷ ପ୍ରକାଶ କରିଥିଲେ। ଅଧିକାଂଶ ନିଜକୁ ଏକାକୀ ବୋଲି ଭାବି ଚିନ୍ତାରେ ରହିଥିଲେ। ଯାହା ସେମାନଙ୍କ ମାନସିକ ଓ ଶରୀରିକ ରୋଗ ବଢ଼ାଇ ଥିଲା। ଏହାର ଉପସମ ନିମନ୍ତେ ସେମାନଙ୍କୁ ଅଧିକ ଔଷଧ ଖାଇବାକୁ ପଡ଼ିଥିଲା। ଏହି ମହାମାରୀ ଅନେକଙ୍କ ପ୍ରତ୍ୟେକ ଦିନ ଔଷଧ ଖାଇବା ଅଭ୍ୟାସକୁ ମଧ୍ୟ ବଢ଼ାଇ ଦେଇଥିବା ଅଧ୍ୟୟନରେ ଜଣାପଡ଼ିଛି।

# କରୋନା ବିପଦ ଟଳି ନାହିଁ, ସତର୍କ ରୁହ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ପୁଣି ଧିରେ ଧିରେ ଦେଶରେ ବୃଦ୍ଧି ହେଉଛି କରୋନା ସଂକ୍ରମଣ। କରୋନାର ବୃଦ୍ଧି ପାଉଥିବା ମାମଲାକୁ ନଜରରେ ରଖି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟର ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଅନ୍ୟ ଦେଶ ତୁଳନାରେ ଆମ ଦେଶରେ କରୋନା ନିୟନ୍ତ୍ରଣରେ ରଖିଛୁ। ମାତ୍ର କରୋନା ବିପଦ ଏଯାଏଁ ଟଳି ନାହିଁ। ଓମିକ୍ରନ ଓ ଏହାର ଉପପ୍ରକରଣ କୌଣସି ପ୍ରକାରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି। ଯାହା କି ୟୁରୋପର ଦେଶରେ ଦେଖାଯାଇଛି। ଗତ କିଛି ମାସରେ ଏହି ପ୍ରକରଣର ମାମଲା ବୃଦ୍ଧି ପାଇଛି। କିଛି ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସତର୍କ ରହିବାକୁ ପଡିବ। ତୃତୀୟ ଲହର ବେଳେ ଦୈନିକ ୩ ଲକ୍ଷ ମାମଲା ସାମ୍ନାକୁ ଆସୁଥିଲା। ସେହି ସମୟରେ ସବୁ ରାଜ୍ୟ ଏହାର ସଫଳତାର ସହ ମୁକାବିଲା କଲେ। କରୋନା ବିରୁଦ୍ଧରେ ଲଢେଇ ଲଢି ଚାଲିବା, ରାସ୍ତା ବାହାର କରିବା। ଭାରତ ଅତି ଦୃଢତାର ସହ କରୋନା ବିରୁଦ୍ଧରେ ଲଢେଇ କରିଛି।



ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ହେଉଥିବା ଏହି ବୈଠକରେ କହିଛନ୍ତି, ଗତ ୨ ବର୍ଷରେ କରୋନାକୁ ନେଇ ୨୪ଟି ବୈଠକ କରାଯାଇଛି। କରୋନା ସମୟରେ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ପରସ୍ପର ସହ ସହଯୋଗ କରି କାର୍ଯ୍ୟ କରିଛନ୍ତି।

# ପିଲାଙ୍କ ପାଇଁ ୩ ଟିକାକୁ ଅନୁମତି



**ନୂଆଦିଲ୍ଲୀ :** ୬ରୁ ୧୨ ବର୍ଷ ପିଲାଙ୍କୁ ଦିଆଯିବ କରୋନା ପ୍ରତିଷେଧକ ଟିକା କୋଭାକ୍ସିନ। ଡ୍ରଗ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ଏନେଇ ଭାରତ ବାୟୋଟେକକୁ ଅନୁମତି ପ୍ରଦାନ କରିଛନ୍ତି। ଭାତରରେ ପୁନଶ୍ଚ କରୋନା ଆକ୍ରାନ୍ତ ସଂଖ୍ୟା ବଢ଼ିଥିବା ବେଳେ ଏହି ନୂଆ ନିଷ୍ପତ୍ତି ଆସିଛି। ଆସନ୍ତା ୨ ମାସ ନିମନ୍ତେ ଟିକା ଦେବାର ୧୫ ଦିନର ବିଶ୍ଳେଷଣ ରିପୋର୍ଟ ଦେବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ପରେ ଆସନ୍ତା ୫ ମାସ ନିମନ୍ତେ ମାସିକ ରିପୋର୍ଟ ଦେବାକୁ କୁହାଯାଇଛି। ଏପ୍ରିଲ ୨୧ ତାରିଖରେ ଡିସିଜିଆଇର ସବଜେକ୍ଟ ଏକ୍ସପଟ କମିଟି(ଏସଇଜି) ପକ୍ଷରୁ ଭାରତ ବାୟୋଟେକକୁ ୨ରୁ ୧୨ ବର୍ଷର ଶିଶୁମାନଙ୍କୁ କରୋନା ଭ୍ୟାକ୍ସିନ କୋଭାକ୍ସିନ ଦେବା ନିମନ୍ତେ ତଥ୍ୟ ଦେବାକୁ ତଥ୍ୟ ମାଗିଥିଲା। ତଥ୍ୟ ପାଇବା ପରେ ଏକ୍ସପଟ କମିଟି ୬ରୁ ୧୨ ବର୍ଷ ପିଲାଙ୍କୁ କରୋନା ପ୍ରତିଷେଧକ ଦେବାକୁ ନିଷ୍ପତ୍ତି ନେଇଛି। ତେଣେ ଡିସିଜିଆଇ ଏକ୍ସପଟ କମିଟି ପକ୍ଷରୁ ୫ରୁ ୧୧ ବର୍ଷର ଶିଶୁମାନଙ୍କୁ ଜରୁରୀକାଳୀନ ବ୍ୟବହାର ନିମନ୍ତେ ବାୟୋଲୟଜିକାଲ ଇ' କୋଭିଡ୍-୧୯ ଭ୍ୟାକସିନ କର୍ବେଭକ୍ସ ଦେବାକୁ ସୁପାରିଶ କରିଛି। ସେହିପରି ଡିସିଜିଆଇ ପକ୍ଷରୁ ୧୨ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଜିଡସ କାଡିଲା ଭ୍ୟାକ୍ସିନ(ଜିକୋଭଡ) ଦେବାକୁ ଅନୁମତି ଦେଇଛି। ଏହାକୁ ମିଶାଇ ମଙ୍ଗଳବାର ମୋଟ ୩ ଟିକାକୁ ଶିଶୁଙ୍କୁ ଦେବା ନିମନ୍ତେ ଡିସିଜିଆଇ ଅନୁମତି ପ୍ରଦାନ କରିଛି। ତେବେ କରୋନାର ପୂର୍ବ ଲହରି ଶିଶୁମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇନି। ମାତ୍ର ଏବେ 'ଏକ୍.ଇ.' ନୂଆ ଭ୍ୟାରିଏଣ୍ଟ ଦ୍ୱାରା ଶିଶୁମାନେ ବିଶେଷ ଭାବେ ସଂକ୍ରମିତ ହେଉଛନ୍ତି। ସ୍କୁଲ ଖୋଲିବା ପରେ ଏହି ସଂକ୍ରମଣ ବଢ଼ିବା ନେଇ ବେଶୀ ଆଶଙ୍କା ପ୍ରକାଶ ପାଇଛି। ଗତ ୩ ମାସ ଭିତରେ ଶିଶୁମାନଙ୍କ ଭିତରେ ଏଭଳି ସଂକ୍ରମଣ ଲକ୍ଷଣମାନ ଚିହ୍ନଟ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି। ଆହୁରି ମଧ୍ୟ କୁହାଯାଇଛି, ଏହି ସଂକ୍ରମଣ ସେତେ ସାଂଘାତିକ ନୁହେଁ। ଅଭିଭାବକଙ୍କୁ ଏଥିନିମନ୍ତେ ବ୍ୟସ୍ତ ହେବା ଉଚିତ ନୁହେଁ। ଶିଶୁ ଠାରେ କରୋନା ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଚିକିତ୍ସା କରାଇଲେ ଏହା ଭଲ ହୋଇଯିବ।

# 'କଂଗ୍ରେସ ନିଜକୁ ନିଜେ ସଜାଡ଼ିବାକୁ ସକ୍ଷମ'



**ନୂଆଦିଲ୍ଲୀ :** ମାତ୍ର କିଛି ଦିନ ତଳେ କଂଗ୍ରେସର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିବା ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର(ପିକେ) ଦଳ ସମ୍ପର୍କରେ ବଡ଼ ବୟାନ ଦେଇଛନ୍ତି। ପିକେ କହିଛନ୍ତି, କଂଗ୍ରେସ ନିଜକୁ ନିଜେ ସଜାଡ଼ିବା ବା ପୁନଃଶକ୍ତିଶାଳୀ କରିବାକୁ ସକ୍ଷମ। ଦଳକୁ ସଜାଡ଼ିବା ପାଇଁ ମୋର କୌଣସି ଆବଶ୍ୟକତା ନାହିଁ। ଗୋଟିଏ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ପିକେ କହିଛନ୍ତି, "ଦଳର ଭବିଷ୍ୟତ ଯୋଜନା ପାଇଁ କଂଗ୍ରେସ ନେତୃବୃନ୍ଦ ଓ ମୁଁ ଅନେକ ପ୍ରସଙ୍ଗରେ ଏକମତ ହୋଇଥିଲୁ। କିନ୍ତୁ ସେମାନେ ନିଜେ ମଧ୍ୟ ସେଗୁଡ଼ିକୁ କରିବାକୁ ସକ୍ଷମ। ସେମାନଙ୍କ ପାଖରେ ଅନେକ ବଡ଼ବଡ଼ ନେତା ଅଛନ୍ତି। ମୋର କୌଣସି ଆବଶ୍ୟକତା ନାହିଁ। ସେମାନେ ମୋତେ ଦଳରେ ମିଶିବାକୁ ପ୍ରସ୍ତାବ ଦେଇଥିଲେ ଓ ମୁଁ ଏହାକୁ ବେଶ ବିନମ୍ରତାର ସହ ମନା କରିଦେଇଛି। ମୁଁ ସେମାନଙ୍କୁ ଯାହା କହିବାକୁ ଚାହୁଁଥିଲି, ତା' କହି ସାରିଛି। ୨୦୧୪ ପରେ ପ୍ରଥମଥର ପାଇଁ ଦଳ ନିଜର ଭବିଷ୍ୟତ ଯୋଜନାକୁ ନେଇ ଏପରି ଗଠନମୂଳକ ଆଲୋଚନା କରିଛି। କିନ୍ତୁ ମୋର କ୍ଷମତାସମ୍ପନ୍ନ କ୍ରିୟାନୁଷ୍ଠାନ ଗ୍ରୁପ୍ କାର୍ଯ୍ୟକାରିତା ଉପରେ ସନ୍ଦେହ ରହିଛି। ସେମାନେ ଏହି ଗ୍ରୁପରେ ମୋତେ ଚାହୁଁଥିଲେ। ଏହି ଗ୍ରୁପ୍ ଆବଶ୍ୟକ ପରିବର୍ତ୍ତନକୁ କାର୍ଯ୍ୟକାରୀ କରିବ। ଏହାର କାର୍ଯ୍ୟ ଉପରେ ସମସ୍ତଙ୍କ ନଜର ରହିଛି।" କଂଗ୍ରେସ ପ୍ରସ୍ତାବକୁ ପିକେ ପ୍ରତ୍ୟାଖ୍ୟାନ କରିବା ପରେ ଅନେକ କଥା ଚର୍ଚ୍ଚାକୁ ଆସିଥିଲା। ପ୍ରିୟଙ୍କା ଗାନ୍ଧି ଭଦ୍ରା କଂଗ୍ରେସର ମୁଖିଆ ହୁଅନ୍ତୁ ବୋଲି ପିକେ ଚାହୁଁଥିଲେ। ହେଲେ ଏହାକୁ ଦଳୀୟ ନେତାମାନେ ଅଗ୍ରାହ୍ୟ କରିବାରୁ ପିକେ କଂଗ୍ରେସ ପ୍ରସ୍ତାବରେ ରାଜି ହୋଇ ନଥିବା ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ପିକେ ଏହି ରିପୋର୍ଟକୁ ଆଜି ଗୁଜବ ବୋଲି କହିଛନ୍ତି। ସେ କହିଛନ୍ତି, "ଦଳକୁ ନେତୃବୃନ୍ଦ ଚୟନ ପାଇଁ ଦିଆଯାଇଥିବା ଫର୍ମୁଲାରେ ରାହୁଲ ଗାନ୍ଧି କିମ୍ବା ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ନାଁ ନଥିଲା। ବ୍ୟକ୍ତିଗତ ଭାବେ କ'ଣ ପ୍ରସ୍ତାବ ଦେଇଥିଲି, ତା'କୁ ମୁଁ ଏଠାରେ କହିପାରିବିନି। ରାହୁଲ ଗାନ୍ଧିଙ୍କ ଦାୟିତ୍ୱ ମୁଁ ସ୍ଥିର କରିବାକୁ କିଏ? ବିଜେପିର ଆକ୍ରମଣ ଯୋଗୁ ରାହୁଲ ଗାନ୍ଧିଙ୍କ ଛବି ମଳିନ ହୋଇଯାଇଛି। ଏହାକୁ ପୁଣି ସଜଡ଼ା ଯାଇ ପାରିବ। ପ୍ରଧାନମନ୍ତ୍ରୀଙ୍କ ଛବି ୨୦୦୨ରେ କେମିତି ଥିଲା ଓ ଏବେ କେମିତି ଅଛି, ସେକଥା ଆପଣମାନେ ଭଲ ଭାବେ ଦେଖିପାରୁଛନ୍ତି। ତେଣୁ ପରିବର୍ତ୍ତନ ସମ୍ଭବ।" କଂଗ୍ରେସ ପାଇଁ ଭବିଷ୍ୟତର ଯୋଜନା ଓ ପ୍ରସ୍ତାବ ପ୍ରସ୍ତୁତ ପାଇଁ ସେ ଗୋଟିଏ ହେଲେ ଟଙ୍କା ନେଇ ନଥିବା ମଧ୍ୟ ଆଜି ସ୍ପଷ୍ଟ କରିଛନ୍ତି। ବିଜେପି ବିରୋଧରେ ଲଢ଼ିବାକୁ କଂଗ୍ରେସ କେତେ ସକ୍ଷମ ପ୍ରଶ୍ନର ଉତ୍ତରରେ ପ୍ରଶାନ୍ତ କିଶୋର କହିଛନ୍ତି, "କଂଗ୍ରେସ ବହୁତ ପୁରୁଣା ଦଳ। ବିଜେପି ବିରୋଧରେ ଦଳର ସୁଯୋଗ ନାହିଁ ବୋଲି କହିପାରିବା ନାହିଁ। କିନ୍ତୁ ସେମାନଙ୍କୁ ଅନେକ କିଛି ପରିବର୍ତ୍ତନ କରିବାକୁ ପଡ଼ିବ।

# ଅଧାରୁ ଉଭେଇଯିବ ମୌସୁମୀ, ଉଜୁଡ଼ିଯିବ ଫସଲ



**ନୂଆଦିଲ୍ଲୀ :** ଓଡ଼ିଶାକୁ ଏଥର ଦଗା ଦେବ ମୌସୁମୀ। ଆରମ୍ଭରୁ ଭଲ ବର୍ଷା ହେବ। ମଝିରେ କିନ୍ତୁ ଉଭାନ ହୋଇଯିବ। ଜୁଲାଇ ୧୫ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ମୌସୁମୀ ବର୍ଷା ଗାଏବ ହୋଇଯିବ। କୃଷି ପାଣିପାଗ ବିଶାରଦ ଡକ୍ଟର ସୁରେନ୍ଦ୍ରନାଥ ପଶୁପାଳକ ଏମିତି ଆକଳନ କରିଛନ୍ତି। ଏକଥା ସତ ହେଲେ ମରୁଡ଼ି ଆଶଙ୍କା ଜଳଜଳ। ଧାନ ଚାଷ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଗଣାଯାଉଥିବା ଏ ଦୁଇ ମାସରେ ବର୍ଷା ନ ହେଲେ ରୁଆ କାର୍ଯ୍ୟ ହୋଇପାରିବନି। ଉଜୁଡ଼ିଯିବ ଫସଲ। ୨୦୨୧ ମରୁଡ଼ି ପରେ ମହଙ୍ଗା ମାଡ଼ ଚାଷୀକୁଳର ମେରୁଦଣ୍ଡ ଭାଙ୍ଗିଥିବାବେଳେ ଏ ବର୍ଷ ମରୁଡ଼ି ଆସିଲେ ଚାଷୀ ସର୍ବସ୍ୱାନ୍ତ ହୋଇଯିବ। କଲମ୍ବିଆ ବିଶ୍ୱବିଦ୍ୟାଳୟସ୍ଥିତ ପାଣିପାଗ ସଂସ୍ଥାର ବିଭିନ୍ନ ପୂର୍ବାନୁମାନ ମଡେଲକୁ ଆଧାର କରି କୃଷି ପାଣିପାଗ ବିଶାରଦ ଡକ୍ଟର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ମୌସୁମୀ ବର୍ଷାର ପ୍ରାରମ୍ଭ ସ୍ୱାଭାବିକ ରହିବ। ଜୁନରେ ସ୍ୱାଭାବିକ ବର୍ଷା ହେବ। ଅକ୍ଟୋବରରେ ବି ବର୍ଷା ସ୍ୱାଭାବିକ ରହିବ କିମ୍ବା ତା'ଠାରୁ ଅଧିକ ବର୍ଷା ହୋଇପାରେ। ମାତ୍ର ମଝିରେ ଗାଏବ ହୋଇଯିବ ମୌସୁମୀ। ଅଗଷ୍ଟ ମାସରେ ବର୍ଷା କମିଯାଇପାରେ। ଏପରିକି ଜୁଲାଇ ୧୫ରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା କମିଯିବ କିମ୍ବା ସମ୍ପୂର୍ଣ୍ଣ ଶୁଖିଲା ଦିନ (ମୌସୁମୀ ବ୍ରେକ୍) ହେବା ଆଶଙ୍କା ରହିଛି। ନେଗେଟିଭ୍ ଇଣ୍ଡିଆନ୍ ଓସନ୍ ଡାଇପୋଲ୍ ପ୍ରଭାବରେ ଏ ସ୍ଥିତି ଉପୁଜିପାରେ ବୋଲି ଡକ୍ଟର ପଶୁପାଳକ ଆକଳନ କରିଛନ୍ତି। ବିଷୁବ ମଣ୍ଡଳୀୟ ଆଫ୍ରିକା ନିକଟ ଭାରତ ମହାସାଗରରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ଏବଂ ପଶ୍ଚିମ ଇଣ୍ଡୋନେସିଆ ନିକଟରେ ଜଳପତ୍ତନର ତାପମାତ୍ରା ଅଧିକ ରହିଲେ ଆଇଓଡି ନେଗେଟିଭ୍ କୁହାଯାଏ। ଫଳରେ ଭାରତକୁ ପଶ୍ଚିମା ପବନ ଶକ୍ତିଶାଳୀ ହୋଇଥାଏ। ବଙ୍ଗୋପସାଗର ମୌସୁମୀ ବର୍ଷା ଦୁର୍ବଳ ହୋଇଥାଏ। ଆଇଓଡି ପଜିଟିଭ୍ (ଆଫ୍ରିକା ଉପକୂଳ ଜଳପତ୍ତନ ତାପମାତ୍ରା ଅଧିକ ଏବଂ ଇଣ୍ଡୋନେସିଆ ଉପକୂଳରେ କମ୍) ରହିଲେ ବଙ୍ଗୋପସାଗର ମୌସୁମୀ ବର୍ଷା ଶକ୍ତିଶାଳୀ ହୋଇଥାଏ। କଲମ୍ବିଆ ବିଶ୍ୱବିଦ୍ୟାଳୟ ମଡେଲ ଅନୁସାରେ ମେ' ଓ ଜୁନ୍ ମାସରେ ଆଇଓଡି ନିଉଟ୍ରାଲ୍ ରହିବ। ଏଣୁ ଜୁନ୍‌ରେ ସ୍ୱାଭାବିକ ବର୍ଷା ହେବ। ଜୁଲାଇ ତୃତୀୟ ସପ୍ତାହ ବେଳକୁ ନେଗେଟିଭ୍ (- ୧.୦) ହୋଇଯିବ। ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ମଧ୍ୟ ବିୟୁକ୍ତ ୧.୪ ପାଖାପାଖି ଥିବ। ଫଳରେ ମୌସୁମୀ ପ୍ରବାହ ଓଲଟପାଲଟ ହୋଇଯିବା ଆଶଙ୍କା ରହିଛି ବୋଲି ଡକ୍ଟର ପଶୁପାଳକ କହିଛନ୍ତି। ନେଗେଟିଭ୍ ଆଇଓଡି ସାଙ୍ଗକୁ ଦୁର୍ବଳ ଲା-ନିନା ସ୍ଥିତି ରହିଲେ ଏ ପ୍ରକାର ସ୍ଥିତିର ସମ୍ଭାବନା ରହିଛି। ଓଡ଼ିଶା ଉପରେ ପ୍ରଭାବ ଅଧିକ ରହିବ। ପୂର୍ବ ଉପକୂଳରୁ ମୁହଁ ମୋଡ଼ି ଉତ୍ତର ଭାରତ ଏବଂ ହିମାଳୟ ପାଦଦେଶରେ ବର୍ଷା କରାଇବ ମୌସୁମୀ। ଜୁଲାଇ, ଅଗଷ୍ଟରେ ହିଁ ରାଜ୍ୟରେ ଅଧିକ ବର୍ଷା ହୋଇଥାଏ। ଜୁଲାଇରେ ୩୪୪ ମିଲିମିଟର, ଅଗଷ୍ଟରେ ୩୬୬ ମିଲିମିଟର ଏବଂ ସେପ୍ଟେମ୍ବରରେ ୨୨୬ ମିଲିମିଟର ବର୍ଷା ହେବା କଥା ସ୍ୱାଭାବିକ ଭାବେ। ଭାରତୀୟ ପାଣିପାଗ ବିଭାଗ କିନ୍ତୁ ରାଜ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷା ହେବ ବୋଲି ପୂର୍ବାନୁମାନ ଦେଇଛି। କହିଛି, କେବଳ ଦୁଇଟି ଜିଲ୍ଲା ନୂଆପଡ଼ା ଓ ବଲାଙ୍ଗୀରକୁ ଛାଡ଼ିଦେଲେ ବାକି ୨୮ଟି ଜିଲ୍ଲାରେ ସ୍ୱାଭାବିକ କିମ୍ବା ଅଧିକ ବର୍ଷା ହେବ। ଗତବର୍ଷ ବି ସ୍ୱାଭାବିକ ବର୍ଷା ହେବ ବୋଲି ବିଭାଗ ପୂର୍ବାନୁମାନ ଦେଇଥିଲା। କିନ୍ତୁ ଜୁଲାଇରୁ ଅଗଷ୍ଟ ଯାଏ ବର୍ଷା ଗାଏବ ହୋଇଗଲା। ଜୁନ୍‌ରେ ୧୭%, ଜୁଲାଇରେ ୨୧% ଏବଂ ଅଗଷ୍ଟରେ ସ୍ୱାଭାବିକ୍ ପରିମାଣଠାରୁ ୪୫% କମ୍ ବର୍ଷା ହୋଇଥିଲା। ସେପ୍ଟେମ୍ବରରେ ଅଧିକ ବର୍ଷା ହେବା ସତ୍ତ୍ୱେ ହାରାହାରି ନିଅଣ୍ଟିଆ ବର୍ଷା ସ୍ଥିତି ଯୋଗୁ ରାଜ୍ୟରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା।

# ୨୦୨୪ ସୁଦ୍ଧା କାର୍ଯ୍ୟକାରୀ ହେବ ୧୫ ପ୍ରମୁଖ ଜଳସେଚନ ପ୍ରକଳ୍ପ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ରୂପାନ୍ତର ଶୃଙ୍ଖଳାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ ଜଳସଂପଦ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ବିଭାଗର ପରିବର୍ତ୍ତନଶୀଳ ପଦକ୍ଷେପ ସଂପର୍କରେ ଏକ ଉପସ୍ଥାପନା ରଖିଥିଲେ । ଏହି ଉପସ୍ଥାପନା ଅନୁଯାୟୀ ୨୦୨୪ ସୁଦ୍ଧା ରାଜ୍ୟରେ ୧୫ଟି ପ୍ରମୁଖ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏଥିମଧ୍ୟରୁ ଚଳିତ ବର୍ଷ ୪ଟି, ୨୦୨୩ରେ ୪ଟି ଏବଂ ୨୦୨୪ରେ ୭ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏହିସବୁ ପ୍ରକଳ୍ପରେ ପ୍ରଯୁକ୍ତି ବିଦ୍ୟା, ଟିମ୍ ୱାର୍କ, ଦାୟିତ୍ୱବାନ ପୁନର୍ବାସ ନୀତି, ଶ୍ରମିକ କଲ୍ୟାଣ ଆଦିର ସଫଳ ପ୍ରୟୋଗ କରାଯାଇଛି । ଏହାଦ୍ୱାରା ଓଡିଶାର ଜଳସଂପଦ କ୍ଷେତ୍ରରେ ଏକ ରୂପାନ୍ତର ଆସିପାରିବ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜଳସେଚନ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା କ୍ଷେତ୍ରରେ ୫-ଟି କାର୍ଯ୍ୟକ୍ରମର ସଫଳ ପ୍ରୟୋଗ କରି ବହୁ ଦିନର ପ୍ରକଳ୍ପ ଗୁଡିକୁ ସଂପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେଇଥିବାରୁ ଜଳସଂପଦ ବିଭାଗର ପ୍ରଶଂସା କରିଥିଲେ ଏବଂ ବିଭାଗୀୟ ଇଞ୍ଜିନିୟର ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟସବୁ ବିଭାଗ ଏହିପରି ଅଭିନବ ପ୍ରୟୋଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବଲାଂଗୀର, କେନ୍ଦୁଝର ଓ ମୟୁରଭଂଜ ଆଦି ଜିଲ୍ଲାର ଜିଲ୍ଲାପାଳ ମାନେ ସେଠାରେ ଚାଲିଥିବା ଜଳସେଚନ ପ୍ରକଳ୍ପ ଗୁଡିକରେ ବିସ୍ଥାପନ ପ୍ରକ୍ରିୟାକୁ କିପରି ତ୍ୱରାନ୍ୱି କରାଯାଇଛି, ସେ ସଂପର୍କରେ ସୂଚନା ଦେଇଥିଲେ । ଆଲୋଚନା ପର୍ଯ୍ୟାଲୋଚନା, ସମ୍ବେଦନଶୀଳ ବ୍ୟବସ୍ଥା ଓ ଲୋକଙ୍କ ଭିତରେ ଭରସା ସୃଷ୍ଟି ଜରିଆରେ ବିସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏହି ଉପସ୍ଥାପନରେ ଦେଓ ପ୍ରକଳ୍ପ, ଲୋୟର ସୁକତେଲ ପ୍ରକଳ୍ପ, ସୁବର୍ଣ୍ଣରେଖା, କାନୁପୁର, ଛେଳିଗଡ, ରେଙ୍ଗାଲି ଦକ୍ଷିଣ କେନାଲ, ରେଙ୍ଗାଲି ବାମ କେନାଲ ଏବଂ ଆହୁରି ଅନେକ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସୂଚନା ଦିଆଯାଇଥିଲା । ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରୟୋଗ ଯଥା – ଭୂତଳ ପାଇପ ଲାଇନ ବ୍ୟବସ୍ଥାର ପ୍ରୟୋଗ, ଜିଓ ସିନ୍ଥେଟିକ୍ ମାଟ୍ରିସ୍ ଲିନିଙ୍ଗ୍, ସ୍କାଡା, ସ୍ୱୟଂକ୍ରିୟ ଜଳପରିଚାଳନା ଆଦି ବିଭିନ୍ନ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସଂପର୍କରେ ସୂଚନା ଦିଆଯାଇଥିଲା । ଇଂଜିନିୟରିଂ ଜ୍ଞାନକୌଶଳ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସର୍ବନିମ୍ନ ସ୍ତର ପର୍ଯ୍ୟନ୍ତ ତୁରନ୍ତ ନିଷ୍ପତ୍ତି ଓ ଟିମ୍ ୱାର୍କ, ଦାୟିତ୍ୱବାନ ପୁନର୍ବାସ, ସମ୍ବେଦନଶୀଳ ଯୋଗାଯୋଗ ସଂପର୍କରେ ଉପସ୍ଥାପନା ରଖାଯାଇଥିଲା । ପ୍ରାରମ୍ଭିକ ସୂଚନା ଦେଇ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କହିଲେ ଯେ ମୁଖ୍ୟମନ୍ତ୍ରୀ ସାଧାରଣ ଜୀବନରେ ସବୁବେଳେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଆସିଛନ୍ତି । ସ୍ୱଚ୍ଛତାର ସହ ବିଭିନ୍ନ ଅଭିନବ ଉପାୟରେ ରାଜ୍ୟର ବିକାଶ ପାଇଁ ପଦକ୍ଷେପ ନେଲେ, ମୁଖ୍ୟମନ୍ତ୍ରୀ ସବୁବେଳେ ତାଙ୍କର ସହଯୋଗ ଓ ସହାୟତା ଯୋଗାଇବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ । ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପଗୁଡିକ ଯେଭଳି ଭାବରେ ଅଗ୍ରଗତି କରୁଛି, ଆଗାମୀ ୨-୩ ବର୍ଷ ମଧ୍ୟରେ ଏହା ଏକ ଶସ୍ୟଶ୍ୟାମଳା ଜିଲ୍ଲା ଭାବରେ ପ୍ରସିଦ୍ଧି ଅର୍ଜନ କରିବ ବୋଲି ସେ କହିଥିଲେ । ଯାଜପୁର ଜିଲ୍ଲାରେ ୫-ଟି ସ୍କୁଲ ରୂପାନ୍ତରର ସହଯୋଗ ନେଇ ସ୍କୁଲ ଗୁଡିକରେ ମିଶନ ଶକ୍ତିର ମହିଳା ମାନଙ୍କୁ ଅଭିନବ ଉପାୟରେ କଂପ୍ୟୁଟର ଶିକ୍ଷା ପ୍ରଦାନ ସଂପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏହାଦ୍ୱାରା ମିଶନ ଶକ୍ତିର ମହିଳା ମାନେ ଡିଜିଟାଲ ଶିକ୍ଷା ପାଇପାରୁଛନ୍ତି । ବୈଠକରେ ଏହି ଅଭିନବ କାର୍ଯ୍ୟକ୍ରମର ପ୍ରଶଂସା କରାଯାଇଥିଲା । ବୈଠକରେ ଅର୍ଥମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ନଗର ଉନ୍ନୟନ ଓ ଗୃହନିର୍ମାଣ ମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ଜଳସଂପଦ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ ।

## ମୋ ସ୍ୱପ୍ନର ଘର

# ରିଅଲ ଇଷ୍ଟେଟ୍ ହେବ ୬୫ ହଜାର କୋଟିର ବଜାର



**ଭୁବନେଶ୍ୱର:** ଭାରତର ରିଅଲ ଇଷ୍ଟେଟ୍ ବଜାର ଆହୁରି ବିଶାଳ ହେବ । ୨୦୨୪ ସୁଦ୍ଧା ଏହାର ଆକାର ୬୫ ହଜାର କୋଟି ଟଙ୍କାରୁ ଅଧିକ ହୋଇଯିବ । ୨୦୨୦ରେ ମହାମାରୀ ବ୍ୟାପିବା ସତ୍ତ୍ୱେ ଏହି ବଜାରର ଆକାର ବଢ଼ିଛି । ୨୦୧୯ରେ ରିଅଲ ଇଷ୍ଟେଟ୍ ବଜାର ପରିମାଣ ୧୨ ହଜାର କୋଟି ଟଙ୍କା ଥିଲା । ଇତିମଧ୍ୟରେ ସେଥିରେ ବହୁଗୁଣା ବୃଦ୍ଧି ଘଟିଛି । ୨୦୨୫ ସୁଦ୍ଧା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହି କ୍ଷେତ୍ରର ଅବଦାନ ୧୩ ପ୍ରତିଶତରେ ପହଞ୍ଚିବ ବୋଲି କ୍ରିସିଲ୍ ଆକଳନ କରିଛି । କୋଭିଡ୍ ମହାମାରୀର ପ୍ରକୋପ ସତ୍ତ୍ୱେ ୨୦୨୨ରେ ରିଅଲ ଇଷ୍ଟେଟ୍ ଶିଳ୍ପରେ ଉତ୍ସାହ ଜାରି ରହିବ । ଗୃହ ନିର୍ମାଣର ସବୁ କ୍ଷେତ୍ରରେ ଚାହିଦା ତ୍ୱରାନ୍ୱିତ ହେବ । କମର୍ସିଆଲ୍ ଘରଗୁଡ଼ିକର ଚାହିଦା ମଧ୍ୟ ବଢ଼ିବ । ବିଶେଷ କରି ବିଭିନ୍ନ ପ୍ରକାର ପ୍ରଯୁକ୍ତିର ସୁବିଧା ଥିବା ଅଫିସ ଘରଗୁଡ଼ିକୁ ନେବା ଲାଗି ସଂସ୍ଥାଗୁଡ଼ିକ ଆଗ୍ରହ ପ୍ରକାଶ କରିବେ । ତାହାକୁ ଦୃଷ୍ଟିରେ ରଖି ରିଅଲ ଇଷ୍ଟେଟ୍ ଡେଭେଲପରମାନେ ପ୍ରଯୁକ୍ତି ଓ ଡିଜିଟାଲ୍ ବ୍ୟବସ୍ଥାରେ ଅଧିକ ନିବେଶ କରୁଛନ୍ତି । ସମ୍ଭାବ୍ୟ ଗ୍ରାହକଙ୍କୁ ସେବିଷୟରେ ସଚେତନ କରିବା ଲାଗି ଡିଜିଟାଲ୍ ଦୁନିଆରେ ତାହାର ପ୍ରଚାର ମଧ୍ୟ କରୁଛନ୍ତି । କେବଳ ଆବାସିକ କ୍ଷେତ୍ର ନୁହେଁ ରିଟେଲ୍ ଶିଳ୍ପରେ ହେଉଥିବା ହଲଚଲ ଯୋଗୁଁ ମଧ୍ୟ ରିଅଲ ଇଷ୍ଟେଟ୍ ଶିଳ୍ପ ଲାଭବାନ ହେବ । ୨୦୨୧ରୁ ୨୦୨୩ ମଧ୍ୟରେ ରିଟେଲ ଶିଳ୍ପ ୯ ପ୍ରତିଶତ ହାରରେ ଆଗକୁ ବଢ଼ିବା ବୋଲି ଆକଳନ କରାଯାଇଛି । ୨୦୨୬ ସୁଦ୍ଧା ଏହି ବଜାର ୧୪,୦୦୦ କୋଟି ଡଲାରରେ ପରିଣତ ହେବ । ନୂଆ ଷ୍ଟୋର୍ ଓ ସୋ'ରୁମ୍ ଖୋଲିବା ଲାଗି ଅଧିକ ଘର ଦରକାର ପଡ଼ିବ । ତାହା ରିଅଲ ଇଷ୍ଟେଟ୍ ଶିଳ୍ପ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବ । ୨୦୨୨-୨୩ ଆର୍ଥିକ ବର୍ଷଟି ରିଅଲ ଇଷ୍ଟେଟ୍ ଶିଳ୍ପ ପାଇଁ ବହୁତ ଭଲ ସାବ୍ୟସ୍ତ ହେବ ବୋଲି ଆକଳନ କରାଯାଇଛି । ନାଇଟ୍ ଆଣ୍ଡ୍ ଫ୍ରାଙ୍କ ରିପୋର୍ଟ ଅନୁଯାୟୀ, ୨୦୨୧-୨୨ ଆର୍ଥିକ ବର୍ଷର ଶେଷ ତ୍ରୈ?ମାସିକରେ ଦେଶର ୮ଟି ପ୍ରମୁଖ ସହଜରରେ ୭୮,୬୦୦ଟି ରିଅଲ ଇଷ୍ଟେଟ୍ ସମ୍ପତ୍ତି ବିକ୍ରି ହୋଇଛି ଯାହା ଗତ ଚାରି ବର୍ଷ ଭିତରେ ସର୍ବାଧିକ । ବର୍ଷ ପରେ ବର୍ଷ ଅନୁସାରେ ଏହି ସମୟରେ ୯% ଅଧିକ ଘର ବିକ୍ରି ହୋଇଛି । ଦିଲ୍ଲୀ ଏନ୍ସିଆରେ ବିକ୍ରିରେ ୧୨୩% ଭଳି ବଡ଼ ଧରଣର ବୃଦ୍ଧି ଘଟିଛି । ଏହା ବ୍ୟତୀତ, ବେଙ୍ଗାଲୁରୁ, ଅହମ୍ମଦାବାଦ ଓ ହାଇଦ୍ରାବାଦରେ ମଧ୍ୟ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ରିଅଲ ଇଷ୍ଟେଟ୍ ବ୍ୟବସାୟୀମାନେ କହୁଛନ୍ତି ଯେ ଲୋକଙ୍କ ଜୀବନରେ ନିଜ ଘର କେତେ ଜରୁରୀ ତାହା କରୋନା ମହାମାରୀ ଜଣାଇ ଦେଇଛି । ପ୍ରତିଟି ଲୋକ ନିଜ ସାମର୍ଥ୍ୟ ଅନୁସାରେ ଘର ଖଣ୍ଡିଏ ପାଇବାକୁ ଉଦ୍ୟମ କରୁଛନ୍ତି । ଛୋଟ ଘରେ ରହୁଥିବା ଲୋକମାନେ ବଡ଼ ଘର କିଣିବାକୁ ଚାହୁଁଛନ୍ତି । ଅନ୍ୟ ପକ୍ଷରେ ଦ୍ରୁତ ସହରୀକରଣ ମଧ୍ୟ ଘର ଚାହିଦା ବଢ଼ାଇବାରେ ସହାୟକ ହୋଇଛି । ଅଫିସ ଲିଜ୍ ବ୍ୟବସ୍ଥାରେ ମଧ୍ୟ ଦ୍ରୁତ ସୁଧାର ହେବାରେ ଲାଗିଛି ।

# ରାଜ୍ୟରେ ପ୍ରତିଷ୍ଠା ହେବ ୩୪ଟି ନୂଆ ଅଦାଲତ



**ଭୁବନେଶ୍ୱର :** ରାଜ୍ୟରେ ୩୪ଟି ନୂଆ ଅଦାଲତ ପ୍ରତିଷ୍ଠା ପ୍ରସ୍ତାବକୁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ମଞ୍ଜୁରୀ ପ୍ରଦାନ କରିଛି । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛି । ଏହିସବୁ ଅଦାଲତ ପ୍ରତିଷ୍ଠା ପାଇଁ ୨୧.୨୬ କୋଟି ଟଙ୍କାର ବଜେଟ୍‌କୁ ଅନୁମୋଦନ ମିଳିଛି । ଏହି ୩୪ଟି ଅଦାଲତ ମଧ୍ୟରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଠାରେ ଏକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ସହ ଭୁବନେଶ୍ୱରରେ ୨ଟି, ବାଲେଶ୍ୱର ଜିଲ୍ଲାର ସୋରୋ, ଜଳେଶ୍ୱର, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, କୋରାପୁଟ ଏବଂ ଗଜପତି ଜିଲ୍ଲାର ଆର. ଉଦୟଗିରି ଠାରେ ଜିଲ୍ଲା ଏବଂ ସେସନ କୋର୍ଟ ପ୍ରତିଷ୍ଠାକୁ ମଞ୍ଜୁରୀ ମିଳିଛି । ଏଥି ସହିତ ନୟାଗଡ ଜିଲ୍ଲାର ରଣପୁର, କଟକ ଜିଲ୍ଲାର ନରସିଂହପୁର ଏବଂ ବଡମ୍ବା, ଗଞ୍ଜାମ ଜିଲ୍ଲାର ସୋରଡା ଏବଂ ସୋନପୁର ଜିଲ୍ଲାର ରାମପୁର ଠାରେ ଗୋଟିଏ ଲେଖାଏଁ ସିଭିଲ ଜଜ କୋର୍ଟ (ସିନିଅର ଡିଭିଜନ) ପ୍ରତିଷ୍ଠା ହେବ । ଅନ୍ୟପକ୍ଷରେ ବଲାଙ୍ଗିରର ତୁଷରା, ଢେଙ୍କାନାଳ, ବାଲେଶ୍ୱରର ସୋରୋ, ସିମୁଳିଆ, ବାହାନାଗା ଏବଂ ଜଳେଶ୍ୱର, ଯାଜପୁରର ଚଣ୍ଡିଖୋଲ, ଦେବଗଡର ବାରକୋଟ, ଜଗତସିଂହପୁରର ନାଉଗାଁ ଏବଂ କନ୍ଧମାଳର କେ.ନୂଆଗାଁ ଏବଂ ଖଜୁରୀପଡାରେ ସିଭିଲ ଜଜ କୋର୍ଟ (ଜୁନିଅର ଡିଭିଜନ) ପ୍ରତିଷ୍ଠା ହେବ । କମିଟି ମଧ୍ୟ ୧୦ଟି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦେଇଛନ୍ତି । ଏଥିରେ କଟକ ସଦର, ଭୁବନେଶ୍ୱର, ପୁରୀରେ ଦୁଇଟି, ବାଲେଶ୍ୱର ସଦର, ବଲାଙ୍ଗିର ସଦର, କେନ୍ଦ୍ରାପଡା ସଦର, ଜୟପୁର, ରାଉରକେଲାରେ ଗୋଟିଏ ଲେଖାଏଁ ଲିଭ୍ ରିଜର୍ଭ ଅଦାଲତ ପ୍ରତିଷ୍ଠା ହେବ । ସେହିପରି ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଠାରେ ୪ଟି ବାଣିଜ୍ୟିକ ଅଦାଲତ ଓ ନୟାଗଡ ଜିଲ୍ଲାର ଓଡଗାଁ ଠାରେ ସିଭିଲ ଜଜ୍ କୋର୍ଟ (ସିନିଅର ଡିଭିଜନ) ପ୍ରତିଷ୍ଠାକୁ ଅନୁମୋଦନ ମିଳିଛି । ଅତିରିକ୍ତ ଜିଲ୍ଲା ଓ ସେସନ ଅଦାଲତ ପାଇଁ ୫.୨୦ କୋଟି ଟଙ୍କା, ସିଭିଲ ଜଜ୍ ଅଦାଲତ (ସିନିଅର ଡିଭିଜନ) ପାଇଁ ୩.୬୦ କୋଟି, ସିଭିଲ ଜଜ୍ (ଜୁନିଅର ଡିଭିଜନ) ଓ ବାଣିଜ୍ୟିକ ଅଦାଲତ ପାଇଁ ୬.୩୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ଏବଂ ଆଇନ୍ ସଚିବ ପ୍ରତାପ କୁମାର ପାତ୍ର ଅଛନ୍ତି ।

# ମନୋଜ-କିଶୋର ସାହିତ୍ୟ ପ୍ରତିଭା ପୁରସ୍କାର ପରିମାଣ ୨ ଲକ୍ଷକୁ ବୃଦ୍ଧି



**ଭୁବନେଶ୍ୱର :** ଯଶସ୍ୱୀ ସାରସ୍ୱତ ସାଧକ ସ୍ୱର୍ଗତ ମନୋଜ ଦାସଙ୍କର ସ୍ମୃତିରେ 'ମନୋଜ ଦାସ ଆନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ ବୋଲି ୨୦୨୧ ମଇ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ ଏବଂ ଏହାର ନିୟମାବଳୀ ମଧ୍ୟ ପ୍ରକାଶିତ ହୋଇଥିଲା । ତେବେ ବିଭିନ୍ନ ସ୍ତରରେ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତିଙ୍କର ମତାମତ ସଂଗ୍ରହ କରାଯାଇ ଏହି ପୁରସ୍କାରରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଇଂରାଜୀ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଓଡିଆ ସାହିତ୍ୟିକ ମାନଙ୍କୁ ଆନ୍ତର୍ଜାତୀୟ ପୁରସ୍କାର ରାଶି ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା । ନୂତନ ନିଷ୍ପତ୍ତି ଅନୁଯାୟୀ ଇଂରାଜୀ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଭାରତୀୟ ସାହିତ୍ୟିକ ମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ସେହିପରି ଯୁବପୀଢି ମଧ୍ୟରେ ଉଭୟ ଇଂରାଜୀ ଓ ଓଡିଆ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ପ୍ରତିବର୍ଷ ହାଇସ୍କୁଲ ସ୍ତରରେ ଇଂରାଜୀ ଓ ସାହିତ୍ୟରେ ମୌଳିକ ରଚନା ପାଇଁ 'ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିନିମନ୍ତେ ଉଭୟ ଓଡ଼ିଆ ଓ ଇରାଜୀ ଭାଷା ରେ ଗୋଟିଏ ଗୋଟିଏ ପୁରସ୍କାର ପ୍ରଦାନ କରାଯିବ ଓ ପୁରସ୍କାର ବାବଦରେ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ନୂତନ ନିଷ୍ପତ୍ତି ଅନୁଯାୟୀ ଉଭୟ ଇଂରାଜୀ ଓ ଓଡିଆରେ ଗଳ୍ପ ବିଭାଗରେ ରାଜ୍ୟସ୍ତରରେ ପ୍ରଥମ ବିବେଚିତ ଛାତ୍ରଛାତ୍ରୀ ମାନଙ୍କୁ ୩୦ ହଜାର ଟଙ୍କା, ଦ୍ୱିତୀୟ ବିବେଚିତ ଛାତ୍ରଛାତ୍ରୀ ମାନଙ୍କୁ ୨୦ ହଜାର ଟଙ୍କା ଏବଂ ତୃତୀୟ ବିବେଚିତ ଛାତ୍ରଛାତ୍ରୀ ମାନଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦିଆଯିବା ସହ ମନୋଜ ଦାସଙ୍କ ପୁସ୍ତକ, ତୈଳଚିତ୍ର, ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ । ପ୍ରଥମ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ଜଣଙ୍କୁ, ଦ୍ୱିତୀୟ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ଦୁଇ ଜଣଙ୍କୁ ଓ ତୃତୀୟ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ତିନି ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ଏଥିନିମନ୍ତେ ପ୍ରତିବର୍ଷ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ । ସେହିପରି ମନୋଜ ଦାସଙ୍କ ପରିବାର ସଦସ୍ୟ ମାନଙ୍କ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ତାଙ୍କର ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲା ଶଂଖାରୀ ଗ୍ରାମରେ ଥିବା ତାଙ୍କର ପୈତୃକ ବାସଭବନକୁ ହାତକୁ ନେବେ ଏବଂ ତାହାକୁ ପ୍ରଥିତଯଶା ଭାତୃଦ୍ୱୟ ପ୍ରଫେସର ମନ୍ମଥ ନାଥ ଦାସ ଓ ମନୋଜ ଦାସ, ଏହି ଦୁଇ ଭାଇଙ୍କ ନାମରେ 'ମନ୍ମଥ-ମନୋଜ ସ୍ମାରକୀ' ଭାବରେ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ସେଠାରେ ଉଭୟ ମନ୍ମଥ ନାଥ ଦାସ ଓ ମନୋଜ ଦାସଙ୍କ ଦ୍ୱାରା ଇତିହାସ ଓ ସାହିତ୍ୟ ଉପରେ ଲିଖିତ ସମସ୍ତ ପୁସ୍ତକକୁ ରଖାଯାଇ ଏକ ଲାଇବ୍ରେରୀ ମଧ୍ୟ ସ୍ଥାପନ କରାଯିବ ଓ ବାସଭବନ ପରିସରରେ ଥିବା ମନ୍ଦିରର ସଂରକ୍ଷଣ ମଧ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ତାଙ୍କ ପରିବାର ତରଫରୁ ଆବଶ୍ୟକ ପୈତୃକ ଜମି ଓ ଘର ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଛି । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଖୁବଶୀଘ୍ର ସଂପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ବିଦ୍ୟୁତ୍ ବିତରଣ କମ୍ପାନୀକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ


# ୨୪ ଘଣ୍ଟିଆ ବିଜୁଳି ଯୋଗାଅ



**ଭୁବନେଶ୍ୱର :** 'ରାଜ୍ୟରେ ଜାରି ରଖ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ । ଦିନ ବେଳା ବିଦ୍ୟୁତ୍ କାଟ୍ କର ନାହିଁ ।' ପ୍ରବଳ ତାତି ଓ ପିଲାଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖି ବିଜୁଳି ବିତରଣ କମ୍ପାନିଗୁଡ଼ିକୁ ଏପରି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର । ରାଜ୍ୟରେ ବିଦ୍ୟୁତ୍ କାଟ୍ ସମସ୍ୟା ଦେଖାଦେଇଥିବା ବେଳେ ଆଜି ଏହାର ସମୀକ୍ଷା କରି ଏପରି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ଏଥିନିମନ୍ତେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ଆୟୋଜିତ ହୋଇଥିଲା ବୈଠକ । ବୈଠକ ପରେ ସବୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ଖରା ତାତି ବୃଦ୍ଧି ଓ ପିଲାଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକୁ ମୁଖ୍ୟ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସବୁ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାକୁ କୋଇଲା ଯୋଗାଇବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି । ଏନଟିପିସି ଦର୍ଲିପାଲି ପାୱାର ଷ୍ଟେସନରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେବା ପରେ ବିଦ୍ୟୁତ୍ ଶକ୍ତିର ଅଭାବ ଦେଖାଦେଇଛି । ଆବଶ୍ୟକ ବିଦ୍ୟୁତ୍ ଉତ୍ପାଦନ ହେଉ ନଥିବାରୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି । ତେଣୁ ତୁରନ୍ତ ଏହି ଷ୍ଟେସନର ମରାମତି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ଏଥିସହ ଅଧିକ ବିଦ୍ୟୁତ ଉତ୍ପାଦନ କରିବାକୁ ବିଦ୍ୟୁତ୍ ବିତରଣକାରୀ କମ୍ପାନୀଗୁଡ଼ିକୁ ପରାମର୍ଶ ଦିଆଯିବା ସହ ପର୍ଯ୍ୟାପ୍ତ ପରିମାଣର ଭଲ କୋଇଲା ଯୋଗାଣ ପାଇଁ ଆଇପିପିକୁ କୁହାଯାଇଛି । ରାଜ୍ୟରେ ଏବେ ସମୁଦାୟ ପ୍ରାୟ ୪ ଭାଗରୁ ଭାଗେ ଜଳ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁଛି । ରାଜ୍ୟରେ ମୋଟ ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୨ ହଜାର ୯୯ ମେଗାୱାଟ୍ ଥିବାବେଳେ ୭ଟି ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ଏବେ ମାତ୍ର ୫ ଶହ ୫୬ ମେଗାୱାଟ୍ ଉତ୍ପାଦିତ ହେଉଛି । ଏବେ ସମଗ୍ର ରାଜ୍ୟ ତାତିରେ କଲବଲ ହେଉଥିବା ବେଳେ ବିଦ୍ୟୁତ୍ ଚାହିଦା ବଢ଼ିବାରେ ଲାଗିଛି ପିକ୍ ଆୱାରରେ ରାଜ୍ୟରେ ବିଦ୍ୟୁତ୍ ଚାହିଦା ପୂର୍ବ ତୁଳନାରେ ୧୦% ବୃଦ୍ଧି ପାଇଛି । ସନ୍ଧ୍ୟା ୭ଟାରୁ ରାତି ୧୧ଟା ମଧ୍ୟରେ ବିଦ୍ୟୁତ୍ ଚାହିଦା ୫ ହଜାର ୨ଶହ ମେଗାୱାଟରୁ ୫ ହଜାର ୪ଶହ ମଧ୍ୟରେ ରହୁଛି । ତେବେ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୪ ହଜାର ୮ଶହ ମେଗାୱାଟ ରହିଛି । ବିଦ୍ୟୁତ୍ ଉତ୍ପାଦନ କମ ରହୁଥିବାରୁ ଏଭଳି ସ୍ଥିତି ଦେଖାଦେଇଛି । ତେଣୁ ଏହାର ସମାଧାନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ।

# ମ୍ୟାଲେରିଆ ବିରୋଧୀ ଲଢ଼େଇରେ ନୂତନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର :** ବିଶ୍ୱ ମ୍ୟାଲେରିଆ ଦିବସକୁ ସ୍ମରଣ କରି ଓଡ଼ିଶା ସରକାରଙ୍କ ସହିତ ମ୍ୟାଲେରିଆ ନୋମୋର୍ ଇଣ୍ଡିଆ ଓଡ଼ିଶାର ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଛି । ଏହି ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱସ୍ତରୀୟ ଥିମ 'ମ୍ୟାଲେରିଆକୁ ହ୍ରାସ କରିବା ଏବଂ ଜୀବନ ବଂଚାଇବା ପାଇଁ ନୂତନ ଧାରା ଆପଣେଇବାକୁ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମ୍ପ୍ରତିକ ତଥା ଭବିଷ୍ୟତର ମାନକ ଆଧାରର ଗ୍ରହଣ ଏବଂ ଅଭିନବ ଉପାୟ ବିଷୟରେ ଆଲୋଚନା ହୋଇଥିଲା । ବିଶ୍ୱ ମ୍ୟାଲେରିଆ ଦିବସରେ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମର ବିଷୟବସ୍ତୁ ଉପରେ ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ନିରଞ୍ଜନ ମିଶ୍ର ସହଯୋଗୀ ପ୍ରୟାସ ଏବଂ ଅଭିନବ ଉପାୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ କାର୍ଯ୍ୟକ୍ରମର ଥିମ୍ 'ମ୍ୟାଲେରିଆକୁ ହ୍ରାସ କରିବା ଏବଂ ଜୀବନ ବଞ୍ଚାଇବା ପାଇଁ ନୂତନ ଧାରା ଆପଣେଇବା 'ସମ୍ପର୍କରେ ଆଲୋକପାତ କରିଥିଲେ । ମ୍ୟାଲେରିଆ ନିରାକରଣ ଅଭିଯାନର ସାଥୀ ମ୍ୟାଲେରିଆ ନୋମୋର୍ ଇଣ୍ଡିଆ ସହିତ ମିଳିତ ଭାବେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରିବା ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଆମର ସମସ୍ତ ସ୍ୱାସ୍ଥ୍ୟକର୍ମଚାରୀଙ୍କ ନିରନ୍ତର ଉଦ୍ୟମ ଏବଂ ନିଷ୍ଠା ସହିତ, ଆମେ ୨୦୨୧ ମସିହାରେ ମ୍ୟାଲେରିଆକୁ ୨୫,୫୦୩ କେସ୍‌କୁ ହ୍ରାସ କରିଛୁ । ବର୍ତ୍ତମାନ, ଆମେ ଓଡିଶାର ମ୍ୟାଲେରିଆ ପ୍ରବଣ ଜିଲ୍ଲା ଉପରେ ଧ୍ୟାନ ଦେଉଛୁ ଏବଂ ସେହି ଜିଲ୍ଲାଗୁଡିକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପ କେନ୍ଦ୍ର ଏବଂ ଅପହଂଚ ଗ୍ରାମକୁ ଗୁରୁତ୍ୱ ଦିଆଯାଉଛି । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ସଚିବ (ଜନସ୍ୱାସ୍ଥ୍ୟ), ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ପରିଚାଳନା ନିର୍ଦ୍ଦେଶକ ଓଏସଏମସିଏଲ, ଓଡିଶା ସରକାର, ମିଶନ ନିର୍ଦ୍ଦେଶକ, ଏନଏଚଏମ, ଓଡିଶା ସରକାର ଏବଂ ଅତିରିକ୍ତ ମୁଖ୍ୟଶାସନ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡିଶା ସରକାର ପ୍ରମୁଖ ସମେତ ଓଡିଶା ସରକାରଙ୍କ ଅନ୍ୟ ଉଚ୍ଚ ସ୍ତରୀୟ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେ ଓଡିଶା ସରକାରଙ୍କ ଏନଭିବିଡିସିପି ଓଡିଶାର ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହିତ ଆଜି ଜୟଦେବ ଭବନରେ ମ୍ୟାଲେରିଆ ନୋମୋର୍ ଇଣ୍ଡିଆର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଖୁସିବ୍ୟକ୍ତକରୁ ଅଛି । କୋଭିଡ-୧୯ ଓ ଅନ୍ୟାନ୍ୟ କଷ୍ଟକର ପରିସ୍ଥିତି ସତ୍ତ୍ୱେ ଓଡ଼ିଶା ରାଜ୍ୟ ନିଜର ଲକ୍ଷ୍ୟ ଓ ସ୍ଥାୟୀ ଆଭିମୁଖ୍ୟ ଦ୍ୱାରା ମ୍ୟାଲେରିଆକୁ ୪,୪୪,୮୪୨ କେସରୁ (ଯାହାକି ୨୦୧୬ ମସିହା) ୨୫,୫୦୩ କେସକୁ (୨୦୨୧ ମସିହା) ହ୍ରାସ କରିବାରେ ସକ୍ଷମ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କ ଦ୍ୱାରା ମ୍ୟାଲେରିଆ କାର୍ଯ୍ୟାବଳୀ ପାଇଁ ପ୍ରଶଂସିତ ହେଲା ପରେ ଓଡ଼ିଶା ସରକାର ଅତ୍ୟନ୍ତ ଉତ୍ସାହର ସହିତ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛନ୍ତି । 'କ୍ଷେତ୍ର ପର୍ଯ୍ୟବେକ୍ଷଣର ମୌଳିକତା' (ଫଣ୍ଡାମେଣ୍ଟାଲସ୍ ଅଫ୍ ଫିଲ୍ଡସୁପର ଭିଜନ) ଉପରେ ଏକ ହ୍ୟାଣ୍ଡଆଉଟ ପ୍ରକାଶକରିଥିଲେ । ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ ନବୀକରଣର ଦ୍ରୁତ ଏବଂ ବିସ୍ତୃତ ବିକାଶ ସହିତ ନୂତନ ଉପକରଣ, ରଣନୀତି, ଏବଂ କାର୍ଯ୍ୟର ଆଭିମୁଖ୍ୟ ସମସ୍ତ କ୍ଷେତ୍ରରେ ବିକାଶ ଧାରା ତ୍ୱରାନ୍ୱିତ ହେବା ସହିତ ମ୍ୟାଲେରିଆ ବିରୋଧରେ ଲଢ଼େଇ ଜୋରଦାର ହୋଇପାରୁଛି । ଯଦି ଭାରତ ୨୦୩୦ ସୁଦ୍ଧା ଦେଶରୁ ଏହି ରୋଗ ଦୂର କରିବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛି, ତେବେ ନବୀକରଣର ଭୂମିକା ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି । ଓଡିଶାରେ ମ୍ୟାଲେରିଆ ନିରାକରଣ ଦୂରୀକରଣ ଉଦ୍ୟମକୁ ସମର୍ଥନ କରି ମ୍ୟାଲେରିଆ ନୋମୋର ଇଣ୍ଡିଆ ରାଜ୍ୟ ଏନଭିବିଡିସିପି ଏବଂ ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ବିଭାଗ, ଓଡିଶା ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛି ଏବଂ ଏହି ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିଛି । ମ୍ୟାଲେରିଆ ବିରୋଧରେ ଲଢ଼େଇରେ ନୂତନତ୍ୱକୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତାକୁ ଦର୍ଶାଇ ମ୍ୟାଲେରିଆ ନୋମୋର ଇଣ୍ଡିଆ କଂଟ୍ରି ନିର୍ଦ୍ଦେଶକ ପ୍ରତୀକ କୁମାର କହିଲେ, ୨୦୩୦ ସୁଦ୍ଧା ଭାରତରୁ ମ୍ୟାଲେରିଆକୁ ସଫଳତାର ସହିତ ଦୂର କରିବା ପାଇଁ ଟେକ୍ନୋଲୋଜି ଏବଂ ନବୀକରଣ ଦ୍ୱାରା କାର୍ଯ୍ୟ ଧାରା ପ୍ରସ୍ତୁତ ହେବା ଆବଶ୍ୟକ । ଆମେ ଖୁସି ଯେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହି ଭାବନାକୁ ପ୍ରତିପାଦିତ କରୁଛି ଏବଂ ମ୍ୟାଲେରିଆ ବିରୋଧରେ ଲଢ଼େଇ ବିଶ୍ୱସ୍ତରୀୟ ମ୍ୟାଲେରିଆ ଦିବସ ୨୦୨୨ ପାଇଁ ଥିମ ପ୍ରସ୍ତୁତ କରିଛନ୍ତି । ଉଚ୍ଚ-ସମ୍ବେଦନଶୀଳ ରାପିଡ ଡାଇଗ୍ନୋଷ୍ଟିକ ଟେଷ୍ଟିଂ କିଟ (ଏଚଏସଆରଡିଟି), ପାଇରେଥ୍ରଏଡ - ପିପେରୋନିଲ - ବୁଟକ୍ସାଇଡନେଟ ଭଳି ନୂତନତ୍ୱ, ନିକଟରେ ଅନୁମୋଦିତ ଟିକା, ମ୍ୟାଲେରିଆ ବିରୋଧୀ ଔଷଧରେ ଉନ୍ନତି ଏବଂ ଉନ୍ନତ ଡାଟା ପରିଚାଳନା ପ୍ରଣାଳୀ ହେଉଛି ବିକଳ୍ପ ଯାହାକି ଆମକୁ ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଅନୁସନ୍ଧାନ କରିବା ଆବଶ୍ୟକ । ଏଥିରେ ଅଭିନବ ରଣନୀତି ଏବଂ ଅଗ୍ରଗତି ବିଭିନ୍ନ ହିତାଧିକାରୀଙ୍କ ଯୋଗଦାନର ଆବଶ୍ୟକତା ରହିଛି । ସରକାରୀ, ବେସରକାରୀ କ୍ଷେତ୍ର, ଅନୁସନ୍ଧାନକାରୀ ସଂସ୍ଥା, ଦ୍ୱିପାକ୍ଷିକ ସଂଗଠନ ଏବଂ ନାଗରିକ ସମାଜ ଆମକୁ ଏହି ସମସ୍ୟାର ନିରାକରଣ କିଭଳି ସବୁ ଦିଗରୁ କରାଯାଇ ପାରିବ ସେ ନେଇ ସହାୟତା ପ୍ରଦାନ କରିବ ।





ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨ - ୮ ମଇ, ୨୦୨୨

# ଝୁଙ୍କେଗା ନେହିଁ ଭାରତ, ଯୁଦ୍ଧ ଓ ଶାନ୍ତି

ସମଗ୍ର ବିଶ୍ୱ ଏବେ ତୃତୀୟ ବିଶ୍ୱ ଯୁଦ୍ଧ ଆଶଙ୍କାରେ ରହିଥିଲାବେଳେ ଋଷ-ୟୁକ୍ରେନ ଲଢେଇରେ ପୂର୍ଣ୍ଣଚ୍ଛେଦ ପଡିପାରିନାହିଁ। ଉଭୟ ଦେଶ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଘମାଘୋଟ ଲଢେଇ କରୁଛନ୍ତି। ୟୁକ୍ରେନ ଏବେ ଧ୍ୱଂସସ୍ତୁପରେ ପରିଣତ ହୋଇଗଲାଣି। ଏଠାକାର ଅଧିକାଂଶ ସାମରିକ ଘାଟି, ତୈଳଭଣ୍ଡାର ବିଶାଳ ପ୍ରତିଷ୍ଠାନ ସବୁ ଧୂଳିସାତ।ନାଟୋ ଦେଶ ସହାୟତାରେ ଯୁଦ୍ଧ ଲଢୁଥିବା ୟୁକ୍ରେନବାସୀ ଦେଶ ଛାଡି ପଳାୟନ କରୁଛନ୍ତି। ଋଷ କିନ୍ତୁ ୟୁକ୍ରେନର ଗୋଟିଏ ପରେ ଗୋଟିଏ ସହର କବ୍‌ଜା କରିବାରେ ବ୍ୟସ୍ତ ରହିଛି। ଅନେକ ରାଷ୍ଟ୍ର ଯୁଦ୍ଧ ବନ୍ଦ ପାଇଁ ପ୍ରସ୍ତାବ ରଖୁଥିଲା ବେଳେ ଋଷ ଅନ୍ୟ ରାଷ୍ଟ୍ରର ପ୍ରଭାବକୁ ଖାତିର କରୁନାହିଁ। ତେବେ ଏହାରି ପଛରେ ଆମେରିକାର ଭୂମିକା ହିଁ ୟୁକ୍ରେନକୁ ବଳ ଯୋଗାଉଛି। ପ୍ରକାରନ୍ତରେ କୁହାଯାଇପାରିବ କି ଋଷ ୟୁକ୍ରେନ ନୁହଁ ଯେମିତି ଆମେରିକା ସହ ଲଢ଼େଇ କରୁଛି। ଯଦିଓ ଋଷ ଏଯାଏ ନିଜର ପରମାଣୁ ଶକ୍ତି ପ୍ରଦର୍ଶନ କରିନାହିଁ, ତଥାପି ଏହି ଯୁଦ୍ଧରେ ପରମାଣୁ ଲଢ଼େଇର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଚୀନ ଷଡ଼ଯନ୍ତ୍ରର ଶିକାର ହୋଇଥିବା ଦେଶ ଶ୍ରୀଲଙ୍କା ଏକ ପ୍ରକାର ବଡ଼ବାଦ ହୋଇଯାଇଛି। ଚୀନ ଠାରୁ ଋଣ ନେଇ ଶ୍ରୀଲଙ୍କା ଏବେ ସମ୍ପୂର୍ଣ୍ଣ ଭାବେ ଦେବାଳିଆ। ଏଭଳି ଅବସ୍ଥାରେ ଭାରତ ଶ୍ରୀଲଂକାକୁ ସହାୟତା ଯୋଗାଇଛି। କାରଣ ଭାରତ ଏଭଳି ଏକ ରାଷ୍ଟ୍ର, ଯିଏ ନିଜର ପଡୋଶୀ ରାଷ୍ଟ୍ର ସହ ଭଲ ସମ୍ବନ୍ଧ ରଖିବାକୁ ସର୍ବଦା ଚେଷ୍ଟା କରିଆସିଛି। ଶାନ୍ତିପ୍ରିୟ ଦେଶ ଭାରତରେ ଅସ୍ଥିରତା ସୃଷ୍ଟି କରିଆସୁଥିବା ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଲାଗି ରହିଥିବାବେଳେ ଏଠାରେ ଆର୍ଥିକ ସଙ୍କଟ ଏଭଳି ହୋଇଛି ଯେ, ନିଜେ ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ସ୍ୱୀକାର କରିସାରିଛନ୍ତି। ତାଙ୍କ ଭାଷାରେ ପାକିସ୍ତାନ ମଧ୍ୟ ଖୁବ ଦେବାଳିଆ ଓ ଭିକାରୀ ଅବସ୍ଥା ଦେଇ ଗତିକରୁଛି। ଏହା ପଛରେ ମଧ୍ୟ ବିସ୍ତାରବାଦୀ ଚୀନର ହାତ ରହିଛି। ଚୀନ ବିଗତ କିଛିବର୍ଷ ଧରି ବିକାଶମୂଳକ କାର୍ଯ୍ୟ ନାଁରେ ପାକିସ୍ତାନ ଦଖଲର ସ୍ୱପ୍ନ ଦେଖୁଚି। ଏଠାରେ ମଧ୍ୟ ପାକିସ୍ତାନକୁ ଚୀନ ମୋଟା ଅଙ୍କର ଋଣ ଦେଇ ଏହି ଦେଶକୁ ଦେବାଳିଆ କରିସାରିଛି। ନେପାଳ ମଧ୍ୟ ଚୀନ ଷଡ଼ଯନ୍ତ୍ରର ଶିକାର ହୋଇସାରିଛି। ଏବେ ଏହି ତିନି ଦେଶ ଏବେ ଭାରତର ଶରଣ ନେବାକୁ ଚାହୁଁଛନ୍ତି। ଏହି ମର୍ମରେ ପାକିସ୍ତାନ ମଧ୍ୟ ଭାରତ ସହ ସୁସମ୍ପର୍କ ରଖିବା ନେଇ କହୁଛି। କିନ୍ତୁ ପାକିସ୍ତାନ ଭଳି ଦେଶ ଯିଏ ଭାରତର ଚିରଶତ୍ରୁ ତାକୁ ଭାରତ ସହଜରେ ବିଶ୍ୱାସ କରିପାରୁନି। କାରଣ ପାକିସ୍ତାନ ଏଭଳି ଏକ ଦେଶ ଯିଏ ଆତଂକବାଦକୁ ପ୍ରୋତ୍ସାହନ ଦେବା ସହିତ ସେମାନଙ୍କୁ ପାଳନ କରୁଛି। ଯାହାକୁ ନେଇ ବିଶ୍ୱ ଦରବାରରେ ଭାରତ ଦୀର୍ଘବର୍ଷ ହେବ ପାକିସ୍ତାନର ଅସଲ ସ୍ୱରୂପକୁ ଉପସ୍ଥାପନ କରିଆସିଛି। ଭାରତର ଏହି ଅଭିଯୋଗକୁ କିନ୍ତୁ ଚୀନ ସମର୍ଥନ କରିବା ପରିବର୍ତ୍ତେ ପାକିସ୍ତାନକୁ ସହଯୋଗ କରୁଛି। ହେଲେ ଏବେ କିନ୍ତୁ ସମୟ ବଦଳିସାରିଛି। ଏବେ ନୂଆ ଭାରତର ନୂଆ ସ୍ୱରକୁ ସମଗ୍ର ବିଶ୍ୱ ଚାହିଁ ବସିଥିଲା ବେଳେ ଭାରତ ଏବେ କାହାରି ନାଲି ଆଖି ବା ଧମକକୁ ଭୟ କରୁନାହିଁ। ବରଂ ଯେଉଁ ଦେଶ ଭାରତକୁ ଯେଭଳି ଡ଼ରାଇବା ପାଇଁ ଚେଷ୍ଟା କରୁଚି, ଭାରତ ମଧ୍ୟ ସେହି ଦେଶକୁ ସେଇ ଭାଷାରେ ଉତ୍ତର ଦେଉଛି।

ସମ୍ପାଦକୀୟ
ତାରକ ମହାନ୍ତି



ବାହାରକୁ ସମ୍ପୂର୍ଣ୍ଣ ରୂପେ ଶକ୍ତ ଦିଶୁଥିବା ଚୀନ ଭିତରେ ଭିତରେ ଭାରତକୁ ଡ଼ରିବା ଆରମ୍ଭ କରିଛି। ଏମିତିରେ କରୋନାକୁ ନେଇ ସାରା ବିଶ୍ୱ ଚୀନ ବିରୋଧରେ ରହିଛନ୍ତି। ଚୀନ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ସମସ୍ୟା ରହିଥିଲେ ସୁଦ୍ଧା ଏହାର ପରିପ୍ରକାଶ ନହେବା ଦ୍ୱାରା ଚୀନ ଉପରକୁ ଚିକ୍କଣ ଦିଶୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଭାରତ ଏବେ ପିଓକେ ଫେରିଆଣିବା ନେଇ ଯେଉଁ ରଣନୀତି ପ୍ରସ୍ତୁତ କରୁଛି ତାକୁ ନେଇ ଚିନ୍ତାରେ ଚୀନ। ବାଲୁଚିସ୍ତାନ ଲୋକ ଚୀନ ପ୍ରକଳ୍ପକୁ ବିରୋଧ କରିବା ସହିତ ପାକିସ୍ତାନକୁ ବିରୋଧ କରୁଛନ୍ତି। ଭାରତ ମଧ୍ୟ ଚାହେଁ ଯେ, ପାକିସ୍ତାନରୁ ବାଲୁଚିସ୍ତାନ ଅଲଗା ହେଉ। ଅନ୍ୟପକ୍ଷେ ଋଷ-ୟୁକ୍ରେନ ଯୁଦ୍ଧରେ ଚୀନ-ଋଷ ସମ୍ପର୍କ ଧରାପଡିଯାଇଛି। ଋଷର ବନ୍ଧୁ ବୋଲି ନିଜକୁ କହୁଥିବା ଚୀନ ବାସ୍ତବରେ ଏହା ପ୍ରମାଣିତ ନକରିବା ଦ୍ୱାରା ଚୀନର ଦୋମୁହାଁ ନୀତି ପଦାରେ ପଡିଛି।ଏହି ପରିପ୍ରେକ୍ଷୀରେ ଭାରତକୁ ଦେଖିଲେ ଭାରତ ଋଷ ପାଇଁ ଜଣେ ଭରସାଯୋଗ୍ୟ ବନ୍ଧୁ ଭାବେ ନିଜର ପ୍ରମାଣ ଦେଇଚାଲିଛି।ଯାହାଫଳରେ ଭାରତ-ଋଷ ସମ୍ପର୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଅଧିକ ଘନିଷ୍ଠ ବୋଲି ବୁଝିବାକୁ ବାକି ନାହିଁ। ଯାହାଫଳରେ ଋଷ ସହ ଭାରତର ପ୍ରତିରକ୍ଷା ସମ୍ପର୍କ ଓ ବାଣିଜ୍ୟିକ ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ହୋଇଛି। ଭାରତର ବୈଦେଶିକ ନୀତି ଆଗରେ ବିଶ୍ୱର ବହୁ ବଡ଼ ବଡ଼ ରାଷ୍ଟ୍ର ମଧ୍ୟ ଫେଲ ମାରୁଛନ୍ତି। ଧାରା୩୭୦ ଉଚ୍ଛେଦ ପରେ ନିକଟରେ ପ୍ରଧାନମନ୍ତ୍ରୀ ଜମ୍ମୁ କାଶ୍ମୀର ଗସ୍ତ କରି ସ୍ଥାନୀୟ ବିକାଶ ପ୍ରତି ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଠାରେ ପୁଞ୍ଜିନିବେଶ ପାଇଁ ବିଶ୍ୱର ବଡ କମ୍ପାନୀ କିଭଳି ଆଗେଇ ଆସିବେ ସେ ନେଇ ମଧ୍ୟ କ୍ଷେତ୍ର ପ୍ରସ୍ତୁତି ସରିଛି। ଯାହାଫଳରେ ସେଠାକାର ଲୋକ ଆତଙ୍କବାଦ ବଦଳରେ ଭାରତର ବିକାଶ ସହ ନିଜକୁ ସାମିଲ କରିବା ସହମତି ପ୍ରକାଶ କରୁଛନ୍ତି। କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ଜମ୍ମୁ କାଶ୍ମୀର ଗସ୍ତ କରିବା ପାକିସ୍ତାନ ପାଇଁ ଚିନ୍ତାର କାରଣ ପାଲଟିଛି। ଏହାକୁ ନେଇ ପାକ ମିଡିଆ ବରାବର ଚର୍ଚ୍ଚା ଜାରି ରଖିଛି। ମୋଦିଙ୍କ ଗସ୍ତ ସମୟରେ ଏଭଳି କିଛି ନିଷ୍ପତ୍ତି ନିଆଯାଇଛି, ଯାହାକି ପାକିସ୍ତାନକୁ ଆହୁରି କାଙ୍ଗାଳ କରିଦେବ। କାରଣ ପାକିସ୍ତାନ କୃଷକଙ୍କ ଉତ୍ପାଦିତ ଦ୍ରବ୍ୟ କିଣିବା ଉପରେ ରୋକ ଲଗାଇଛି ଭାରତ। ଯାହାଫଳରେ ସେଠାକାର ଚାଷୀ କ୍ଷତିଗ୍ରସ୍ତ ହେବା ସହିତ ପାକିସ୍ତାନର ଅର୍ଥନୀତି ଆହୁରି ଦୁର୍ବଳ ହୋଇପଡିବ। ଭାରତ କିନ୍ତୁ ନିଜର ପଡୋଶୀ ରାଷ୍ଟ୍ର ଆବଶ୍ୟକ କରୁଥିବା ସହାୟତା କ୍ଷେତ୍ରରେ ନିଜର ଆଭିମୁଖ୍ୟ ସ୍ପଷ୍ଟ ରଖିଛି। ଶ୍ରୀଲଙ୍କାକୁ ବିପଦ ବେଳେ ସହାୟତାର ହାତ ବଢ଼ାଇ ନିଜ କର୍ତ୍ତବ୍ୟ ପ୍ରତି ଅଧିକ ପ୍ରତିବଦ୍ଧତା ଦେଖାଇଛି। ଅନ୍ୟପଟେ କିଭ୍‌ରେ ପୁଣି ଜୋରଦାର ଆକ୍ରମଣ କରିଛି ଋଷ। ଏହା ସେତିକି ବେଳେ ଘଟିଛି ଯେତେବେଳେ ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୋଟେରେସ୍ ୟୁକ୍ରେନ୍ ରାଜଧାନୀ କିଭ୍ ଗସ୍ତରେ ଥିଲେ। ସେତିକିବେଳେ ଋଷ ଘନଘନ କ୍ଷେପଣାସ୍ତ୍ର ମାଡ କରିଥିଲା। ଋଷ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଋଷ ଏରୋସ୍ପେସ୍ ବାହିନୀ କିଭ୍‌ରେ ଏକ ପ୍ରତିରକ୍ଷା ଅନୁଷ୍ଠାନ ଉପରେ କ୍ଷେପଣାସ୍ତ୍ର ମାଡ କରି ଏହାକୁ ଧ୍ୱଂସ କରିଛି ଏବଂ ଅନ୍ୟ କେତେକ ସେନା ପ୍ରତିଷ୍ଠାନକୁ ମଧ୍ୟ ଟାର୍ଗେଟ କରାଯାଇଛି। ପୂର୍ବ ୟୁକ୍ରେନ୍‌ର ଡୋନେସ୍କ ଏବଂ ଲୁହାଂସ୍କରେ ଋଷ ଜୋରଦାର ବୋମା ବର୍ଷା କରିଛି। ସମଗ୍ର ଯୋଗାଣ ଲାଇନ୍‌କୁ ଟାର୍ଗେଟ କରି ଋଷ ଭୟଙ୍କର ଗୋଳାବାରି କରୁଛି। ୫୦ରୁ ଅଧିକ ଅଞ୍ଚଳରେ ବିମାନ ବାହିନୀ ଆକ୍ରମଣ ଜାରି ରହିଛି। ଋଷର ମୁଖ୍ୟ ଟାର୍ଗେଟରେ ରହିଛି ୟୁକ୍ରେନର ଡୋନ୍‌ବାସ। ଅନ୍ୟପକ୍ଷରେ ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରାଳୟ କହିଛି ଡୋନ୍‌ବାସକୁ ପୁରା ଦଖଲ କରିବା ପାଇଁ ଋଷର ସ୍ୱପ୍ନ କଦାପି ସାକାର ହୋଇପାରିବ ନାହିଁ। ଋଷ-ୟୁକ୍ରେନ୍ ସଂଘର୍ଷ ଚାଲିଥିଲା ବେଳେ ଆଫଗାନିସ୍ତାନ ରାଜଧାନୀ କାବୁଲରେ ପୁଣି ଏକ ବଡ ଧରଣର ବିସ୍ଫୋରଣ ଘଟିଛି। ଏତେସବୁ ମଧ୍ୟରେ ଯୁଦ୍ଧ ନୁହେଁ ଶାନ୍ତି ଦରକାର ବୋଲି ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜେସିବିରେ ବୋରିସ



ସୌମେନ୍ଦ୍ର ଜେନା

ବ୍ରିଟେନର ପ୍ରଧାନମନ୍ତ୍ରୀ ବୋରିସ ଜନସନ୍‌ଙ୍କ ଦୁଇଦିନିଆ ଭାରତଗସ୍ତ ଏପ୍ରିଲ ୨୧-୨୨,୨୦୨୨ ଯାଏ ରହିଥିଲା । ଏହି ସମୟରେ ଦୁଇ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ପରେ ବୁଝାମଣା ହୋଇଥିଲା । କିନ୍ତୁ ଏହି ସମୟରେ ଜନସନ୍ ଗୁଜରାଟର ପଞ୍ଚମାଳସ୍ଥିତ ଜେସିବି କାରଖାନାକୁ ପରିଦର୍ଶନରେ ଯାଇ ଜେସିବିରେ ବସିବାକୁ କେନ୍ଦ୍ର କରି ବାମବାଜ୍‌ଙ୍କ ବିତର୍କ ଆରମ୍ଭ ହୋଇଯାଇଛି । କାରଣ ରାମନବମୀରେ ରାବଣ ନୃତ୍ୟ ପରି ଦଙ୍ଗାଗୋଳ ଦେଶର ଭିନ୍ନ ଭିନ୍ନ ୮ଟି ରାଜ୍ୟରେ ଘଟିବା ପରେ କେତେକ ରାଜ୍ୟରେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉକ୍ତ କାର୍ଯ୍ୟାନୁଷ୍ଠାନ ବେଳେ ଜବରଦଖଲ ହଟାଇବା ଲାଗି ଜେସିବି କମ୍ପାନୀର ମେସିନଗୁଡିକୁ ବ୍ୟବହାର କରାଯାଇଥିଲା, ଯାହାଥିଲା ଗାତ୍ରଦାହର ମୁଖ୍ୟ କାରଣ । ଦେଶର ବିରୋଧୀପକ୍ଷ ଏବଂ ଦଙ୍ଗାରେ ସଂପୃକ୍ତ ଗୋଟିଏ ପକ୍ଷ ଏହି ମେସିନର ବ୍ୟବହାରକୁ କେନ୍ଦ୍ର କରି ପ୍ରଶ୍ନ ଉଠାଇଥିଲେ । ଶେଷରେ ମାମଲାଟି ସୁପ୍ରିମକୋର୍ଟକୁ ଯିବାପରେ ଦିଲ୍ଲୀର ଜହାଙ୍ଗୀରପୁରୀ ଅଞ୍ଚଳରେ ଦୁଇ ସପ୍ତାହ ପାଇଁ ଉଚ୍ଛେଦକୁ ବନ୍ଦ ରଖାଯିବା ପାଇଁ ସୁପ୍ରିମକୋର୍ଟ ଆଦେଶ ଦେଇଥିଲେ । କିନ୍ତୁ ବୋରିସଙ୍କ ଏହି କାର୍ଯ୍ୟ ସଂଖ୍ୟାଧିକ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା । କାରଣ ବିଗତ କିଛି ବର୍ଷ ହେବ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ନିଜ ରାଜ୍ୟରେ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏହାକୁ ବ୍ୟବହାର କରୁଛନ୍ତି । ଗତ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ବେଳେ ଗଣମାଧ୍ୟମରେ ଜେସିବିର ଫଟୋ ପ୍ରକାଶକୁ ନେଇ ବ୍ରିଟେନର ଲୋକ ଉତ୍ସାହିତ ଥିଲେ । ନିର୍ବାଚନ ପ୍ରଚାର ସଭା ଏବଂ ଫଳ ପ୍ରକାଶପରେ ବିଜୟ ଶୋଭାଯାତ୍ରାରେ ଜେସିବିରେ ବସି ଲୋକେ ଯିବା ବେଳର ଫଟୋ ଦେଶ ବିଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା । ଆଜି ଭାରତରେ ଫଟୋକପିର ପ୍ରତୀକ ଯେପରି ଜେରକ୍ସ କମ୍ପାନୀ ହୋଇଛି ସେମିତି ମାଟିଖୋଳା ମେସିନର ପ୍ରତୀକ ଜେସିବି ହୋଇଛି, ଯଦିଓ ଏ କ୍ଷେତ୍ରରେ ଅନେକ କମ୍ପାନୀର ମେସିନ ରହିଛି । କିନ୍ତୁ ଲୋକମୁଖରେ ସବୁ ଯେମିତି ଜେସିବିର ପରିଚୟ ନେଇଛି । ଭାରତରେ ଜେସିବିର ଏହି ଲୋକପ୍ରିୟତାରୁ ଦୁଇଦେଶର ବନ୍ଧୁତାକୁ ଦର୍ଶାଇବା ପାଇଁ ବୋଧହୁଏ ବୋରିସ ଜେସିବିରେ ଚଢି ହାତହଲାଇ ଫଟୋ ଉଠାଇଥିଲେ ।

ଜେସିବି ବା ଜୋସେଫ ସିରିଲ ବାମଫୋର୍ଡ ୨୧ଜୁନ ୧୯୧୬ରେ ବ୍ରିଟେନର ଉଟୋକ୍ସେଟରଠାରେ ଜନ୍ମଗ୍ରହଣ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସେ ବାମଫୋର୍ଡ୍ସ ଇଣ୍ଟରନେସନାଲ ଫାର୍ମ ମେସିନାରୀ ନାମକ କୃଷି ଯନ୍ତ୍ରପାତି ନିର୍ମାଣକାରୀ କମ୍ପାନୀ ଆରମ୍ଭ କରିଥିଲେ, ଯାହା ଆଜି ୧୪୦ଦେଶରେ ବ୍ୟବସାୟ କରୁଛି । ୪୫୦୦ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିବା ଏହି କମ୍ପାନୀ ପୃଥିବୀରେ ନିଜର ୧୨ କାରଖାନାରୁ ୩୦ହଜାର ମେସିନ ବିକ୍ରି କରୁଛି । ବାମଫୋର୍ଡ ଅବଦାନ ପାଇଁ ଲୋବୋରୋ ବିଶ୍ୱବିଦ୍ୟାଳୟ (୧୯୮୯) ଏବଂ କିଲେ ବିଶ୍ୱବିଦ୍ୟାଳୟ (୨୦୦୦)ରୁ ସମ୍ମାନଜନକ ଡି.ଟେକ୍ ଡିଗ୍ରୀ ପାଇଥିଲେ । ୧ ମାର୍ଚ୍ଚ ୨୦୦୧ରେ ମୃତ୍ୟୁବରଣ କରିଥିବା ବାମଫୋର୍ଡଙ୍କ କମ୍ପାନୀ ଆଜି ବ୍ରିଟେନର ସର୍ବବୃହତ ବେସରକାରୀ ସଂସ୍ଥା ହୋଇଛି । ଏହି କମ୍ପାନୀର ବର୍ତ୍ତମାନ ନାମ ଜେସି ବାମଫୋର୍ଡ ଏକ୍ସାଭେଟର୍ସ ଲିମିଟେଡ ରହିଛି । ଏହି ସଂସ୍ଥାର ମୁଖ୍ୟ ଜୋସେଫଙ୍କ ନାତି ଆନ୍ଥୋନୀ ରହିଛନ୍ତି । କମ୍ପାନୀ ବାର୍ଷିକ ୪.୧ ବିଲିଅନ ପାଉଣ୍ଡ (୨୦୧୯) ବ୍ୟବସାୟ କରୁଛି । ଭାରତ ସହ ବାଣିଜ୍ୟିକ ସହଯୋଗ ବୃଦ୍ଧିର ଲକ୍ଷ୍ୟ ରଖିଥିବା ଜନସନ୍ ନିଜ ଗସ୍ତକୁ ଅଧିକ ପ୍ରଭାବଶାଳୀ ଦର୍ଶାଇବାକୁ ଜେସିବି ପ୍ରସଙ୍ଗଟିକୁ ଯୋଡିବାକୁ ଚାହିଁଲେ । ବିଗତ ଦିନରେ ଇଉରୋପୀୟ ୟୁନିଅନ୍‌ରୁ ବାହାରିଯିବା ପରେ ବ୍ରିଟେନର ମହତ୍ତ୍ୱ ମହାଦେଶରେ ହ୍ରାସ ପାଇବାରେ ଲାଗିଛି । ତେଣୁ ଦୀର୍ଘସ୍ଥାୟୀ ବାଣିଜ୍ୟିକ ଏବଂ ସାମରିକ ଲକ୍ଷ୍ୟରେ ବ୍ରିଟେନ କାର୍ଯ୍ୟକରିବା ପାଇଁ ଚାହିଁବା ବେଳେ ଭାରତ ସହ ହାତ ମିଳାଇବାକୁ ଚାହୁଁଛି । କାରଣ କୋରୋନା ପରବର୍ତ୍ତୀ କାଳରେ ପୃଥିବୀରେ ଭିନ୍ନ ପ୍ରକାରର ସଙ୍କଟ ସୃଷ୍ଟି ହୋଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟପରି ଖାଦ୍ୟାଭାବ, ଯୋଗାଣରେ ଅସୁବିଧା, ଉତ୍ପାଦନରେ ହ୍ରାସ, ସଙ୍କୁଚିତ ରୋଜଗାର ସୁବିଧା, ଅନେକ ଦେଶରେ ରାଜନୀତିକ ଅସ୍ଥିରତା ଆଦି ଦେଖାଦେଇଛି । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ୨୦୨୨ବର୍ଷ ପାଇଁ ଜିଡିପିର ଯେଉଁ ସମ୍ଭାବ୍ୟ ହାର ପ୍ରକାଶ କରିଛି ସେଥିରେ ଭାରତ ସବୁଠୁ ଆଗରେ ରହିଛି । ସଂପ୍ରତି ଭାରତ ୮.୨ ପ୍ରତିଶତ ହାରରେ ବିକାଶ କରିବା ସମୟରେ ବ୍ରିଟେନର ବିକାଶ ହାର ମାତ୍ର ୩.୭ ପ୍ରତିଶତ ରହିବ ବୋଲି ଆଇଏମ୍ଏଫ୍ କହିଛି । ସେମିତି ଆମେରିକା ୩.୭, କାନାଡା ୩.୯, ଜାପାନ ୨.୪, ଜର୍ମାନୀ ୨.୧, ଫ୍ରାନ୍ସ ୨.୯, ଦକ୍ଷିଣ କୋରିଆ ୨.୫ , ସିଙ୍ଗାପୁର ୪.୦ ପ୍ରତିଶତ ହାରରେ ବିକାଶ କରିବେ । ତେଣୁ ପୃଥିବୀରେ ବହୁ ରାଷ୍ଟ୍ର ଭାରତ ସହ ବନ୍ଧୁତା କରିବାକୁ ଆଗ୍ରହ ବୋଲି ବୋରିସ୍ କହିଥିଲେ । ଏପ୍ରିଲ ୨୨, ୨୦୨୨ରେ ଖବର ଅନୁଯାୟୀ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୬୦୪ ବିଲିଅନ ଡଲାର ଥିଲା ଯାହା ଗତବର୍ଷ ସେପ୍ଟେମ୍ବର ମାସରେ ୬୩୯ ବିଲିଅନ ଡଲାରଥିଲା । ତେବେ ଏହି ସମୟରେ ରେକର୍ଡ ପରିମାଣର ଆମଦାନି କରିବା ଯୋଗୁ ଭାରତ ସରକାରଙ୍କ ବିଦେଶୀ ମୁଦ୍ରା ଭଣ୍ଡାରକୁ ଖୋଲିବାକୁ ହୋଇଛି । ଯେମିତି ଚଳିତବର୍ଷ ଜାନୁଆରୀରେ ୬୩୪ ବିଲିଅନ, ଫେବୃଆରୀରେ ୬୩୩ ବିଲିଅନ ଏବଂ ମାର୍ଚ୍ଚରେ ୬୨୦ ବିଲିଅନ ଡଲାର ବିଦେଶୀ ମୁଦ୍ରା ଭାରତ ହାତରେ ରହିଥିଲା । ଗତ ୫ମାସରେ ଭାରତର ବାଣିଜ୍ୟକୁ ଅଧିକ ଗତିଶୀଳ କରିବାକୁ ୨୮ ବିଲିଅନ ଡଲାର ଅର୍ଥ ଭାରତ ସରକାର ବିଦେଶୀ ମୁଦ୍ରା ଭଣ୍ଡାରରୁ ବାହାର କରିଛନ୍ତି । ପ୍ରଥମ ଦିନ ବୋରିସ ଗୁଜରାଟର ଗାନ୍ଧିଙ୍କ ସାବରମତୀ ଆଶ୍ରମକୁ ଗସ୍ତ କରିଥିଲେ । ଏହାପରେ ସେ ପଞ୍ଚମାଳସ୍ଥିତ ଜେସିବି କାରଖାନା ଯାଇଥିଲେ । ଦ୍ୱିତୀୟ ଦିନ ବୋରିସଙ୍କୁ ରାଷ୍ଟ୍ରପତି ଭବନଠାରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ସ୍ୱାଗତ କରିଥିଲେ । ରାଜଘାଟଠାରେ ମାଲ୍ୟାର୍ପଣ କରିବା ପରେ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ହୋଇଥିଲା । ମୁକ୍ତ ବାଣିଜ୍ୟ ବୁଝାମଣା, ଆଫଗାନିସ୍ଥାନ ସ୍ଥିତି, ରୁଷିଆ-ୟୁକ୍ରେନ ଯୁଦ୍ଧ, ସ୍ୱାସ୍ଥ୍ୟସେବାରୁ ସଫଟ୍‌ୱେର ଇଞ୍ଜିନିୟରିଂ, ଚେନ୍ନାଇଠାରେ ଇଲେକଟ୍ରିକ ବସର ଗବେଷଣା କେନ୍ଦ୍ର ଖୋଲାଯିବା, ବ୍ରିଟେନରେ ୧୧୦୦୦ ରୋଜଗାର ସୃଷ୍ଟି,ଚେନ୍ନାଇରେ ୧୦୦୦ରୋଜଗାର ସୃଷ୍ଟି, ଭାରତ ଫର୍ଜ-ଟେଭଭା ମୋଟର୍ସ ମଧ୍ୟରେ ଇଲେକଟ୍ରିକ୍ ଟ୍ରକ୍ ନିର୍ମାଣ ସଂକ୍ରାନ୍ତରେ ଆଲୋଚନା, ଭାରତର ସଫ୍ଟୱେର କମ୍ପାନୀ ମାଷ୍ଟେକର ୭୯ ମିଲିଅନ ପାଉଣ୍ଡ ବ୍ରିଟେନରେ ବିନିଯୋଗ ବିଷୟରେ ଆଲୋଚନା ହୋଇଥିଲା ।

ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ଆଲୋଚନା ପୂର୍ବରୁ ୨୨ ସେପ୍ଟେମ୍ବର ୨୦୨୧ରେ ଦୁଇଦେଶ ମଧ୍ୟରେ କୂଟନୀତିକ ସ୍ତରୀୟ ଆଲୋଚନା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହୋଇଥିଲା । ଭାରତ ପକ୍ଷରୁ ଦେବେଶ ଉତ୍ତମ ଏବଂ ବ୍ରିଟେନ ପକ୍ଷରୁ ଶ୍ରୀମତୀ ଜେନିଫର ଅଣ୍ଡରସନ ସେଥିରେ ଯୋଗ ଦେଇଥିଲେ । ୨୦୩୦ସୁଦ୍ଧା ଦୁଇଦେଶ ମଧ୍ୟରେ ସଂପର୍କକୁ ମଜଭୁତ କରିବା, ଭିସା, ପ୍ରତ୍ୟର୍ପଣ ମାମଲା ଏବଂ ଆଇନଗତ ସହାୟତା ବିଷୟରେ ଚର୍ଚ୍ଚା ହୋଇଥିଲା । ନୂଆଦିଲ୍ଲୀ ଆଲୋଚନାପରେ ମିଳିତ ପ୍ରେସବାର୍ତ୍ତାରେ ଦୁଇପକ୍ଷ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରାଯିବା ସଂପର୍କରେ କୁହାଯାଇଥିଲା । ଯୁଦ୍ଧବିମାନ ନିର୍ମାଣ କ୍ଷେତ୍ରରେ ବ୍ରିଟେନ ଭାରତକୁ ସାହାଯ୍ୟ କରିବ ବୋଲି ସମ୍ମତି ପ୍ରଦାନ କରିଛି । ବିଶେଷକରି ଆଧୁନିକ ପିଢୀର ଯୁଦ୍ଧବିମାନ ଭାରତ ନିର୍ମାଣ କରୁଥିବା ହେତୁ ଏହି ଯୋଜନାରେ ସାମିଲ ହେବାଲାଗି ବ୍ରିଟେନର ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ଆଲୋଚନାରେ ଦୁଇଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ବୁଝାମଣା ଚଳିତବର୍ଷ ଶେଷ ସୁଦ୍ଧା ଶେଷ କରିବାକୁ ଉଭୟପକ୍ଷ ରାଜି ହୋଇଥିଲେ । ଜଳ,ସ୍ଥଳ, ଆକାଶ, ମହାକାଶ, ସାଇବର ସୁରକ୍ଷା କ୍ଷେତ୍ରରେ ମିଶି କାର୍ଯ୍ୟ କରିବାକୁ ଉଭୟଦେଶ ରାଜି ହୋଇଛନ୍ତି । ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳକୁ ମୁକ୍ତ ଓ ସ୍ୱାଧୀନ ରଖିବାକୁ ଉଭୟ ଦେଶ ଇଛା ପ୍ରକାଶ କରିଥିଲେ । ଅକ୍ସଫୋର୍ଡ ଆଷ୍ଟ୍ରାଜେନେକା ସହ ସେରମ ଇନ୍‌ଷ୍ଟିଚ୍ୟୁଟର ମିଳିତ କାର୍ଯ୍ୟର ଜନ୍‌ସନ୍ ପ୍ରଶଂସା କରିଥିଲେ । ଶହେ କୋଟି ଜନତାଙ୍କ ଟିକାକରଣ କରି ଭାରତ ବିଶ୍ୱର ଚିକିତ୍ସା ଜଗତରେ କରିଥିବା ଅଗ୍ରଗତିକୁ ସେ ପ୍ରଶଂସା କରିଥିଲେ । ସେଲ୍‌ଟିକ୍ ସାଗରରୁ ଦକ୍ଷିଣ ଭାରତର ଧନୁଷକୋଡି ପର୍ଯ୍ୟନ୍ତ ହାଇଡ୍ରୋଜେନ ବିଜ୍ଞାନ ଓ ନବସର୍ଜନର କେନ୍ଦ୍ର ଖୋଲିବା ପାଇଁ ପବନକୁ ବ୍ୟବହାର କରିବାକୁ ଦୁଇଦେଶ ଏକମତ ହୋଇଛନ୍ତି । ସୌରଶକ୍ତି କ୍ଷେତ୍ରରେ ଦୁଇରାଷ୍ଟ୍ର ମଧ୍ୟରେ ଅଧିକ ସହଯୋଗ ବୃଦ୍ଧି ପାଇବ ବୋଲି ଦୁଇଦେଶ ଆଶାପ୍ରକାଶ କରିଛନ୍ତି । ଭାରତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଢେର ଅଧିକ ବିକାଶ କରିଥିବା ହେତୁ ଜନ୍‌ସନ ଖୁସି ବ୍ୟକ୍ତ କରିଥିଲେ । ଦିପାବଳୀ ପୂର୍ବରୁ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷ କରିବାକୁ ସେ ଆଶା ବ୍ୟକ୍ତ କରିବା ସହ ଭାରତର ୭୫ତମ ସ୍ୱାଧୀନତା ବାର୍ଷିକୀ ପାଳନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ଦିନରେ ବ୍ରିଟେନର ଚିକିତ୍ସା ଉପକରଣ ଭାରତକୁ ଆସିବା ସହଜ ହେବ । ଏଥିପାଇଁ ଉଭୟ ରାଷ୍ଟ୍ର ବ୍ୟବସ୍ଥାର ସରଳୀକରଣ ପାଇଁ ରାଜି ହୋଇଥିବା କଥା ବ୍ରିଟେନ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତଙ୍କୁ ସ୍ୱାଗତ କରି ଜନସନ୍‌ଙ୍କୁ ଭାରତର ନିକଟତର ବନ୍ଧୁ ବୋଲି କହିଥିଲେ । ଗତବର୍ଷ ସମନ୍ୱିତ ରଣନୀତିକ ସହଯୋଗ ପାଇଁ ଆଲୋଚନା ଆରମ୍ଭ ହୋଇଥିଲା । ଅମିରାତ ଏବଂ ଅଷ୍ଟ୍ରେଲିଆ ସହ ମୁକ୍ତବାଣିଜ୍ୟ ବୁଝାମଣା ପରି ବ୍ରିଟେନ ସହ ଆଗାମୀ ଦିନରେ ବୁଝାମଣା କରାଯିବ ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ । ୨୦୩୦ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିବାକୁ ଦୁଇଦେଶ ଉଦ୍ୟମ କରୁଛନ୍ତି ଯାହା ଆଗାମୀ ଦିନରେ ପ୍ରତିରକ୍ଷା ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା ପରି ଅନେକ କ୍ଷେତ୍ରରେ ସହଯୋଗ ପାଇଁ ବାଟ ଫିଟାଇବ । ଆତ୍ମନିର୍ଭର ଭାରତକୁ ବ୍ରିଟେନର ସମର୍ଥନକୁ ମୋଦି ସ୍ୱାଗତ କରିଥିଲେ । ଗ୍ଲାସକୋ ସଂକଳ୍ପ ଅନୁସାରେ ଦୁଇଦେଶ କାର୍ଯ୍ୟ କରୁଥିବା କଥା କହିଥିଲେ । ହାଇଡ୍ରୋଜେନ ମିଶନରେ ବ୍ରିଟେନକୁ ସାମିଲ କରିବାକୁ ସେ ପ୍ରକାଶ କରିଥିଲେ । ନିରନ୍ତର ବିକାଶ, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣମୁକ୍ତ ଶକ୍ତି, ନବୋଦ୍ୟମ କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ଦୁଇଦେଶ କାର୍ଯ୍ୟ କରୁଥିବା ବିଷୟ ଶ୍ରୀ ମୋଦି ପ୍ରକାଶ କରିଥିଲେ । ଭାରତ-ବ୍ରିଟେନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦୨୧-୨୨ରେ ୫୦ ବିଲିଅନ ଡଲାର ରହିଛି । ଭାରତରୁ ବ୍ରିଟେନକୁ ୯.୪୩ ବିଲିଅନ ଡଲାର ପରିମାଣର ରପ୍ତାନି ହୋଇଥିଲା ବେଳେ ୬.୫ ବିଲିଅନ ଡଲାର ପରିମାଣର ଆମଦାନି ହୋଇଥିଲା । ଏହା ଛଡା ଦୁଇଦେଶ ମଧ୍ୟରେ ପ୍ରାୟ ୩୫ ବିଲିଅନ ଡଲାର ପରିମାଣର ସେବା କ୍ଷେତ୍ରରେ ବାଣିଜ୍ୟ ରହିଛି । ଭାରତରୁ ଇଂଲଣ୍ଡକୁ ରପ୍ତାନି ମଧ୍ୟରେ ବେଶପୋଷାକ, ଔଷଧ, ଖାଇବା ତେଲ, କପଡା, ଧାତବ ପଦାର୍ଥ ଆଦି ରହିଛି । ଚଳିତମାସ ୨୫ ତାରିଖରୁ ତୃତୀୟ ସୋପାନ ମୁକ୍ତ ବାଣିଜ୍ୟ ଆଲୋଚନା ଭାରତରେ ଆରମ୍ଭ ହେବ । ଆଗାମୀ ଦିନରେ ଏହି ମୁକ୍ତ ବାଣିଜ୍ୟ ବୁଝାମଣା ସଂପର୍କ ହେଲେ ଦ୍ୱିପାକ୍ଷିକ ବାଣିଜ୍ୟ ଢେର ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ତ୍ୱଂବୈଷ୍ଣବୀ ଶକ୍ତି ଅନନ୍ତତ ବୀର୍ଯ୍ୟା

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅନନ୍ତ ବୀର୍ଯ୍ୟା, ଯେ ଆଦ୍ୟାଶକ୍ତି, ଏହା ନିଶ୍ଚେ ସତ୍ୟ ହେଲେ ଆଉ କିଛି ତା ସହିତ ସମତୁଲ ଦେବାକୁ ଚେଷ୍ଟାରେ ଆସିଛନ୍ତି। ଅନ୍ତହୀନ କାଳରୁ ଏପରି ଆସି ହୀନାୟୁ ହୋଇ ଗତାୟୁ ହୋଇଯାଉଛନ୍ତି। ଏମାନଙ୍କର ମାରକ ଶକ୍ତି ହିଁ ଅନନ୍ତ ବୀର୍ଯ୍ୟା। ବୀର୍ଯ୍ୟ ଏକ ବିନ୍ଦୁ ଏକ କଣିକା। ଯାହାକୁ ଏବେ ବି ଖୋଜ କରିବାରେ ଯୁଗ ବୈଜ୍ଞାନିକମାନେ ନାନାଦି ପରୀକ୍ଷା ନିରୀକ୍ଷା କରିବାରେ ପଛୁଆ ରହିନାହାଁନ୍ତି। ଲାର୍ଜ ହେର୍ଡନ କୋରିଅଣ୍ଡର ଜେନେଭାରେ ଯେଉଁ ୨୭ କି.ମି. ବୃତ୍ତରେ କରାଯାଇଥିଲା ତାର ଉଦ୍ଦେଶ୍ୟ ଥିଲା। ଗଡ଼ ପ୍ରାକ୍ଟିକାଲ ସନ୍ଧାନ। ଗଡ଼ ପର୍ଟିକୁଲାରକୁ ଆମେ ବୁଝୁ ଅନନ୍ତ ବୀର୍ଯ୍ୟ ଯାହା ପୁରୁଷୀ ଶକ୍ତିରେ ଅନନ୍ତବୀର୍ଯ୍ୟା। ଅଣୁ ସନ୍ଧାନ କରାଯିବା ଯନ୍ତ୍ର ଅଛି। ଅଣୁବୀକ୍ଷଣ ଯନ୍ତ୍ର। ଅଣୁ ପୁଣି ଭଙ୍ଗା ଯାଇପାରେ ତାହା ପରମାଣୁ, ପରମାଣୁ ଭାଙ୍ଗିଲେ ଆହୁରି ଜିନିଷ ମିଳିଥାଏ। ଅଣୁରେ ସମ୍ବନ୍ଧ ରଖୁଛନ୍ତି ଜୀବ ଓ ଜଡ଼। ଜୀବ ସମ୍ବନ୍ଧ ଅଣୁ ଯହିଁରେ ଚେତନ ଅଛି ପ୍ରାଣ ଅଛି ପରମାୟୁ ଅଛି। ଏ ଅଣୁର ବଂଶ ବୃଦ୍ଧି ପୁଣି ଦ୍ରୁତ ହେବା ସମ୍ଭାବନା। କ୍ଷେତ୍ର ଅନୁଯାୟୀ ପରିବେଶ ଅନୁଯାୟୀ ହୋଇପାରେ। ସବୁ ଜୀବ ଦେହରେ ଉଦ୍ଭିଦ ଦେହରେ ଏମିତି ଅଣୁ ଅଛନ୍ତି ଏହି ଅଣୁଙ୍କ ଶତ୍ରୁ ଓ ମିତ୍ର କି ଅଛନ୍ତି। ଅଣୁଙ୍କ ଶତ୍ରୁ ଯୋଗୁ ଜୀବ ଦେହ ରୋଗଗ୍ରସ୍ତ ହେଉଛି। ଉଦ୍ଭିଦ ବି ରୋଗ ଗ୍ରସ୍ତ ହେଉଛି। ଶରୀର ଅଭିବୃଦ୍ଧି ପ୍ରକ୍ରିୟା ରସ ରକ୍ତ ଯନ୍ତ୍ରପାତି ଶତ୍ରୁ ଜୀବାଣୁ ଯୋଗୁଁ ହେଉଛି। କେଉଁ ଅଣୁ ଯୋଗୁ ଶରୀର କ୍ଷତିଗ୍ରସ୍ତ ହେଉଛି ଓ ଏହାକୁ ପ୍ରତିରୋଧ କରାଯାଏ ଏକଥା ଏବେ ବୈଜ୍ଞାନିକ ତାଙ୍କର ଆବିଷ୍କାର ବୋଲି ବା ଉଦ୍ଭାବନ ବୋଲି ଦାବୀ କରୁଛନ୍ତି। ହେଲେ ବହୁ ଆଗରୁ ଆମ ଦେଶରେ ଶିବ ଆରାଧନା ହେଉଛି। ଶିବଙ୍କ ପୂଜିତ ପ୍ରସ୍ତର ଲିଙ୍ଗ ସଂଶ୍ଲିଷ୍ଟ ଢ଼ଳା ଯିବା ସଦ୍ୟ ଗୋଦୁଗ୍ଧକୁ ସଂଗ୍ରହ କରି ପାଦୁକ ରୂପେ ବ୍ୟବହାର ହିଁ ଏପରି ରୋଗ ଜୀବାଣୁ ନାଶ ମୂଳ ମହୌଷଧି, ଶିବଲିଙ୍ଗରେ ସୂକ୍ଷ୍ମ ଫିମ୍ପି ଯାହା କଞ୍ଚା ଖିରରୁ ହିଁ ସୃଷ୍ଟି ସେହି ମନୁଷ୍ୟର ରୋଗନାଶର ଜଡ଼। ପେନସିଲିନ ମୂଳ ଉତ୍ସ ଏହି ଫିମ୍ପି। ଗୋଦୁଗ୍ଧର ଏପରି ପ୍ରକ୍ରିୟା ବହୁ ଦ୍ରବ୍ୟ ହଟାଯାଇ ଏକମାତ୍ର ଶିବଲିଙ୍ଗ ସମ୍ପୃକ୍ତି ମନ୍ଦିରରେ ସୃଷ୍ଟି କରାଯିବା ବ୍ୟବସ୍ଥା ବହୁ ପୂର୍ବରୁ କରାଯାଇଛି। ଦୁଗ୍ଧ ଏକ ଆଣ୍ଟାସିଡ କାମ ବି କରେ, ଖାଲି ପେଟରେ ପାଦୁକ ପାନ ପେଟରେ ଘା ଥିଲେ ଶୁଖାଏ, ଅମ୍ଳନାଶ କରେ। ତା ସହିତ ଶିବଙ୍କର ବେଲପତ୍ର ଆହୁରି ବୀର୍ଯ୍ୟବନ୍ତ ହୋଇ ରୋଗ ବହୁ ପ୍ରକାର ନାଶକରେ। ଅନେକ ଜଟିଳ ରୋଗ ଭୋଗି ଠାକୁରଙ୍କ ମନ୍ଦିରରେ ଅଧାପତି କେବଳ ପାଦୁକ ପିଇ ରୋଗ ଆରୋଗ୍ୟ ହେଉଥିଲେ। ସେପରି ଦେବ ମନ୍ଦିରରେ ହଳଦୀର ବହୁଳ ବ୍ୟବହାର ପୂର୍ବେ ଲୋକେ ଘରୁ ବଟା ହଳଦୀ ଶୁଦ୍ଧ ଭାବରେ ବାଟି ଦେବୀ ମର୍ଜନାକୁ ନେଉଥିଲେ। ଏହା ସହିତ ଚୁଆ ମଥାଘଷା ଯଥା ମେଥିରୁ ତିଆରି ଏସବୁ ଦେବୀ ମାଆଙ୍କର ସ୍ନାନୀୟ ଜଳରେ ମିଶି ଏକ ରସାୟନ ପରି ପାଦୁକ ଆକାରରେ ଭକ୍ତି ବିଶ୍ୱାସରେ ଆସ୍ୱାଦନ। ଶୁଦ୍ଧ ହଳଦୀ ବିଷହର ଆଣ୍ଟାସିଡି ପ୍ରବଳ ରୋଗନାଶ ଶକ୍ତି ସମ୍ପନ୍ନ ସେ ସଂଶ୍ଲିଷ୍ଟ ଜଳରେ ଅନ୍ୟ ଦେବୀ ପ୍ରିୟ ଦ୍ରବ୍ୟ ନିଶ୍ଚେ ରସ ରସାୟନ ଜୀବାଣୁ ନାଶକ ପରି କାର୍ଯ୍ୟ କରେ। ବିଷ୍ଣୁ ମନ୍ଦିର ବା କେତେକ ଅବତାର ମନ୍ଦିରରେ ତୁଳସୀ ଜଳ ପାଦୁକ ଦିଆଯାଉଛି। ଏହା ବି ଜୀବାଣୁ ନାଶକ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସମ୍ପନ୍ନ। ଦେବ ମନ୍ଦିରରେ ଦୀପ ପ୍ରଜ୍ଜଳନରେ ଘୃତର ସୂକ୍ଷ୍ମ ଧୂମ କଣିକା ଆଳତୀ କାଳରେ ଘୃତବତୀର ଧୂମ ଗ୍ରହଣ, କର୍ପୂର ନିରାକାର ସୂକ୍ଷ୍ମ କଣିକା ନିଶ୍ୱାସରେ ଚକ୍ଷୁ ସଂଯୋଗରେ ଆସିଲେ ଚର୍ମ ଉପରେ ଓ ଶରୀର ଆଭ୍ୟନ୍ତରରେ ଅନେକ ବ୍ୟାଧିର ମୂଳ କୋଷ କାଠିନ୍ୟ, ହୃଦଯନ୍ତ୍ରରେ ରକ୍ତସଞ୍ଚାଳନରେ ଶିରାଧମନୀରେ ଅଟକି ପକାଉଥିବା ରକ୍ତ ସ୍ରୋତକୁ ଘିଅର ସୂକ୍ଷ୍ମ କଣିକା ତୁରନ୍ତ ଖୋଲିବା କାର୍ଯ୍ୟ କରିଥାଏ। କର୍ପୂର ଅଣୁ ତୈଳ ଅଣୁ କବଜହର କରାଏ। କେହି ହୋମିଓପ୍ୟାଥିକ ଅଣୁ ଚିକିତ୍ସା ଅନୁଧ୍ୟାନ କଲେ ଏହା ନିଶ୍ଚେ ବୁଝି ପାରିବେ ହେଲେ ବିଦ୍ୟାଟି ଭାରତୀୟ ଯେ ନିଶ୍ଚେ ଏକଥା ଆମେ କହିବାକୁ ଯୁ ନାହିଁ। ମଣିଷର କଲବଲ ଅକାଳ ମୃତ୍ୟୁ କରି ତାଙ୍କର ସମ୍ପତ୍ତି ସ୍ଥାନ ଦଖଲକାରୀ ହେବାକୁ ବିସ୍ତାରବାଦୀ ମାନେ ବିନା ଅସ୍ତ୍ରରେ କିପରି ମଣିଷ ମାରିପାରିବେ ଏ ପାଇଁ ଯେତେ ଅସ୍ତ୍ର ବାହାରିଛି ଏ ମଧ୍ୟରେ ଏହି ଜୀବାଣୁ ଓ ତତ୍ ସଂପୃକ୍ତି ଭୂତାଣୁ ସୃଷ୍ଟି କରାଗଲାଣି। ଏମାନଙ୍କୁ ଆୟୁଧ କରି ଅସଂଖ୍ୟ ମନୁଷ୍ୟ ମାରିବା ପ୍ରକ୍ରିୟା ବେଳକୁ ବେଳ ଶାଣିତ ହେଉଛି। ଏକମାତ୍ର ଦେଶ ଚୀନ ଏପରି ଭୂତାଣୁ ଜୀବାଣୁ ବିଶ୍ୱକୁ ପ୍ରଥମେ ବିଚ୍ଛୁରିତ କରିବା ଜଣାପଡୁଛି। ଭାରତରେ ଖାଦ୍ୟ ଭୋଜନ ବିଧାନ ପରି ପୃଥିବୀରେ ସର୍ବତ୍ର ସମାନ ନୁହଁ। ଚୀନମାନେ ଆହୁରି ସ୍ୱତନ୍ତ୍ର। ବୌଦ୍ଧଧର୍ମରେ ଜୀବ ହିଂସା ବାରଣ ଥିଲେ ବି ବୌଦ୍ଧ ବହୁଳ ଚୀନ ଜାପାନରେ ଖାଦ୍ୟ ଭୋଜନର ବିଳାସରୁ ଜୀବଧରୁ ଜାତ ମଇଳାଦି ପରିତ୍ୟକ୍ତ ସାମଗ୍ରୀ ଏସବୁ ଘାତ ଜୀବାଣୁ ଭୂତାଣୁ ସୃଷ୍ଟିର ଗନ୍ତାଘର। ହେଲେ ଭାରତରେ ଜ୍ଞାନୀମାନେ ପ୍ରାକକାଳରେ ଧର୍ମ ଭାବନାରେ ଆର୍ଯ୍ୟୁବେଦର ରୋଗ ନିବାରଣୀ ପ୍ରୟୋଜନୀୟ ଦ୍ରବ୍ୟ ବନୌଷଧି ନୂଆ ଧରଣରେ କେମିତି ଶୁଦ୍ଧ ଭାବରେ ନୂଆ ଭାବରେ କରିଲେ, ଅନନ୍ତବୀର୍ଯ୍ୟା ଏହି ରୋଗକୁ ଜଡ଼ରୁ ଶେଷ କରିବେ। ଏହା ଜାଣି ନିଶ୍ଚେ ତାଜୁବ ହୋଇପାରିବେ।

*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୧୦୩୧୨୫୩*

# ସବୁଛାଡ଼ି ଯିବାକୁ ହିଁ ପଡ଼ିବ

ଦେବଦତ୍ତ ବିଶ୍ୱାଳ

ଆମର ଆଖପାଖର ଦୁନିଆରେ ଅନେକ ସମୟରେ ଆମେ ଏପରି ଏକ ଏକ ଘଟଣାକୁ ସାମ୍ନା କରୁ ଯାହାକି ଆମ୍ଭମାନଙ୍କୁ ବିବେକର ନିଷ୍ପତ୍ତି ନେଇ ଚିନ୍ତା କଲାବେଳକୁ ଘଟଣାଚକ୍ର ଆଉ କିଛି ମୋଡ଼ ନେଇଯାଇଥାଏ। ସେହିପରି ଜୀବନରେ ଅନେକ ସମୟରେ ଆମେ ଅନୁଭବ କରୁ ଯେ ପ୍ରକୃତରେ ଆମେ ଆସିଥିବା ଦୁନିଆରେ ଆମ୍ଭ ମାନଙ୍କ ପାଇଁ ଶ୍ରେଷ୍ଠ କର୍ତ୍ତବ୍ୟର ଆହ୍ୱାନ କ'ଣ? ଏହିପରି କ୍ରମରେ ଏକ ଛୋଟିଆ ଆଧ୍ୟାତ୍ମିକ ତତ୍ତ୍ୱର କଥାଟି ଉପସ୍ଥାପନ କରୁଛି। ଦିନେ ପିମ୍ପୁଡ଼ିଟିଏ ଗୋଟିଏ ପତ୍ର ପାଇଲା। ପତ୍ର ତାର କେଉଁ କାମରେ ଲାଗିବ, ତାକୁ ଜଣା ନଥିଲା ବା ସେତକ ଜାଣିବା ପାଇଁ ତାଠାରେ ବୋଧଶକ୍ତିର ଅଭାବ ଥିଲା। ହେଲେ ସେ ପତ୍ରଟିକୁ ବୋହି ଘରମୁହାଁ ହେଲା। ପିମ୍ପୁଡି ତୁଳନାରେ ପତ୍ରଟି ଖୁବ୍ ବଡ଼ ଥିଲା। ପତ୍ରଟିକୁ ବୋହିବା ପାଇଁ ତାକୁ ଖୁବ୍ ପରିଶ୍ରମ କରିବାକୁ ପଡୁଥାଏ। ବାଟରେ ଆସିଲା ନାନା ପ୍ରତିବନ୍ଧ। ତେବେ ସେ ନିଜ ନିପୁଣତାର ପରିଚୟ ଦେଇ ସମସ୍ତ ପ୍ରତିବନ୍ଧ ପାର ହୋଇଗଲା। ଶେଷରେ ସେ ପହଞ୍ଚିଲା ନିଜର ଲକ୍ଷ୍ୟ ସ୍ଥଳୀ ଗାତ ମୁହଁରେ। ପତ୍ରଟିକୁ ଗାତ ଭିତରକୁ ନେବାକୁ ଚେଷ୍ଟା କରି ସେ ବିଫଳ ହେଲା। କୌଣସି ପ୍ରକାରେ ନିଜର ଉଦ୍ୟମରେ ସଫଳ ନ ହେବାରୁ ସେଇଟିକୁ ଗାତ ବାହାରେ ଛାଡ଼ି ସେ ଭିତରେ ପଶିଗଲା। ଅର୍ଥାତ୍ ସେ ଅଯଥା ଜିନିଷଟିଏ ବୋହିଚାଲିଥିଲା ଯାହାକୁ ଶେଷରେ ସେ ଛାଡ଼ିବାକୁ ବାଧ୍ୟ ହେଲା। ମଣିଷର ଜୀବନ ବି ବହୁ ମାତ୍ରାରେ ପିମ୍ପୁଡ଼ି ପରି ନୁହେଁ କି? ଆମେ ପରିବାର ପାଇଁ ବ୍ୟସ୍ତ। ଅର୍ଥାଭାବ ଆମକୁ ବିବ୍ରତ କରେ। ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ଅର୍ଥ ସଞ୍ଚିବାକୁ ଜୀବନର ଧର୍ମ ଭାବନ୍ତି। ଅସଫଳତା ଆମକୁ ଘାରେ। ସଫଳ ହେବା ପାଇଁ ଆମେ ନାନା ଅବୈଧ ପନ୍ଥାର ଆଶ୍ରୟ ନେଉ। ତେବେ ଶେଷରେ କ'ଣ ହୁଏ? ଅନ୍ତିମ ସମୟରେ ଧନସଂପତ୍ତି, ସଂପର୍କୀୟ କୌଣସି କାମରେ ଲାଗନ୍ତିନାହିଁ। ସବୁ ଛାଡ଼ି ଏକଲା ଯିବାକୁ ପଡ଼େ।

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ*
*ଦୂରଭାଷ : ୯୮୬୧୯୪୪୫୯୪*


## ଧାରାବାହିକ ଉପନ୍ୟାସ

## ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫




*(ପୂର୍ବପ୍ରକାଶ ଉତ୍ତାରୁ)*

ଠିକ୍ ଏତିକି ବେଳେ ମାଲିକାଣୀ କାମ ଦିଅନ୍ତି। ମାଲିକ ଖବରକାଗଜ ମାଗନ୍ତି। ଗାଡି ଡ୍ରାଇଭର୍ ଗଗନଅଜା ପାଣି ମାଗନ୍ତି। କ୍ଷୀରବାଲାଠାରୁ କ୍ଷୀରନେଇ ସେ ଛାଣି ରଖେ। ଏବେ ସମସ୍ତଙ୍କ ପାଇଁ ଗ୍ୟାସ୍‌ରେ ଚା' ବସିବ। ଜେଜେମା' ଡାକପକାଇବ ଚିନି ଡବା ଖୋଜିଦେବା ପାଇଁ। ଉପରମହଲା ଠାକୁରଘରେ ଥାଇ ମାଲିକାଣୀ ଡାକ ଦେବେ ତଳୁ ଝୁଣା ଦାନୀ ନେଇଯିବାକୁ। ତେନ୍ତୁଳି ପତ୍ରରେ ଠାକୁରଙ୍କ ପିତଳ ବାସନସବୁକୁ ମାଜିଦେବାକୁ।

ହେଲେ ସେସବୁକୁ ଏକାନିଃଶ୍ୱାସକେ ସାରିଦେଇ ସେ ପୁଣି ଫେରି ଆସେ ତାର ଚିରାଚରିତ ଯାଗାଟିକୁ। ଜେଜେମା' ଖାଇବାକୁ ଯାଚେ। ଚୁଟିରେ ତେଲମାରି ଗାଧୋଇଯିବାକୁ ଆଦେଶ ଜାରିକରେ। ତା ପୁରୁଣା ଫ୍ରକ୍‌କୁ ସଫା କରିବାକୁ କହେ। ସଫା କରିବା କଥାରୁ ଲୀନାର ମନେପଡେ ସାନବାବୁଙ୍କ ସେ ଟି ସାର୍ଟ କଥା..ତାଙ୍କ ହାଲ୍କା ଗୋଲାପୀ ରଙ୍ଗର ହାଫ୍ ସାର୍ଟ କଥା..ପୁଣି ଆକାଶୀ ରଙ୍ଗର ଗାରପକା ଫୁଲ୍ ହାତ ସାର୍ଟ କଥା..ସେସବୁ ମଳି ହେବଣି ! ସାନବାବୁ ସେଗୁଡିକୁ ପିନ୍ଧୁନାହାନ୍ତି ମାନେ ମଇଳା ବାସ୍କେଟ୍‌ରେ ପକାଇ ଦେଇଥିବେ ସେସବୁକୁ। ଅଥଚ ମୁହଁ ଖୋଲି କାହାରିକୁ କିଛି କହିବେନି। କହିବା ପୂର୍ବରୁ ବି ଲୀନା ତା କାମ ସାରିଦେଇଥିବ। ଆଗରୁ ଧୋବା ଆସି ନେଇଯାଉଥିଲା ସମସ୍ତଙ୍କ ଲୁଗାପଟା।

ଦିନେ ସଫାହୋଇଥିବା ପୋଷାକମଧ୍ୟରୁ କୌଣସି ଏକ ସ୍ଥାନରେ ଅଲିଭାଦାଗଟିଏ ଆବିଷ୍କାର କଲେ ସାନବାବୁ। ଲୋକଟି କୌଣସି ଏକ ଅପରିତ୍ୟକ୍ତ ସ୍ଥାନଟିରେ ସେସବୁକୁ ଶୁଖାଉଥିବା ଜାଣି ଖୁବ୍ ବିରକ୍ତ ହେଲେ । ତାପରଠାରୁ ଆଉ କେବେ ତାକୁ ସଫା କରିବାକୁ ଦେଇନାହାନ୍ତି। ଦିନେ ସେସବୁକୁ ନିଜେ ସାନବାବୁ ସଫା କରିବାକୁ ଯାଉଥିଲେ। ଲୀନା କିନ୍ତୁ ଜୋର୍ କରି ଛଡାଇ ଆଣିଥିଲା ତାଙ୍କ ହାତରୁ- 'ମୁଁ କରିଦେବି କହି'। ସେ ଥାଉ ଥାଉ ସାନବାବୁ ସଫା କରିବେ, କ୍ଷାର ପାଣିରେ କଅଁଳିଆ ହାତ ବୁଡାଇବେ ? ଏକଥା ତା ମନକୁ ପାଇଲାନି।

ଅବଶ୍ୟ ପ୍ରଥମେ ପ୍ରଥମେ ଜେଜେମା' ତାକୁ ସାନବାବୁଙ୍କ ପୋଷାକପତ୍ର ସଫା କରିବାରେ ସାହାଯ୍ୟ କରିଛି। ହେଲେ ସେ ତା ଠାରୁ ସେସବୁ ଶିଖିଯିବା ପରେ ଏ ଦାୟିତ୍ୱକୁ ବି ଖୁସିରେ ଗ୍ରହଣ କରିନେଇଛି । ବିନା ଆଇରନ୍‌ରେ ବହୁତ ପୋଷାକ ରହିଗଲାଣି। ସାନବାବୁଙ୍କ ଗୋରା ତକତକ ଚେହେରାକୁ ମାନୁଥିବା ପୋଷାକଗୁଡିକୁ ଆଜି ଆଇରନ୍ କରିବାକୁ ବଜାରକୁ ପଠାଇବ ନିଶ୍ଚୟ। ଏତେ ସବୁକଥା ଭିତରେ ଲୀନା ଜେଜେମା'ର କଥାକୁ ଗୁରୁତ୍ୱ ଦେଉନଥିବ।

ସେ କିନ୍ତୁ ଚିରାଚରିତ ଭାବେ ତା ନାତୁଣୀ ପାଇଁ ବ୍ୟସ୍ତ ହେଉଥିବ। ନିଜର ଯତ୍ନ ନେବାକୁ ଆକଟ କରୁଥିବ। ହେଲେ ଲୀନା ତାର ସମସ୍ତ ଅନୁରୋଧକୁ ଅଗ୍ରାହ୍ୟ କରି ଚାଲି ଆସିବ ସେଇ ନିର୍ଦ୍ଦିଷ୍ଟ କାମଟି ପାଇଁ..। ପ୍ରତୀକ୍ଷା ଜନିତ ଜ୍ୱଳନ ଓ ଦହନର ପରିଣତି ଭୋଗିବା ପାଇଁ। ସତରେ ଜଳିବାରେ ବି ଶାନ୍ତି ଅଛି। ଗୋଟେ ପ୍ରାପ୍ତିଜନିତ ଆନନ୍ଦ ଅଛି। ସେଥିପାଇଁ ଲୀନା ବ୍ୟଥିତା ହେବାକୁ ଚାହେଁ। ଆକୁଳତା ଭିତରେ ନିଜକୁ ହଜାଇବାକୁ, ହଜାଇଦେଇ ପୁନଶ୍ଚ ଖୋଜିବାକୁ ସେ ଭାରି ଖୁସିପାଏ।

ଲାଗେ- ସେ ଯେପରି ଅନ୍ୟ କାହା ଭିତରେ ଜୀଉଁଛି। ଅନ୍ୟ କାହା ପାଇଁ ହସୁଛି, ବ୍ୟାକୁଳ ହେଉଛି। ପୁଣି ତାରି ଭିତରେ ହିଁ ଖୋଜି ନେଉଛି ସୁନ୍ଦର ଜୀବନ! ଆଜିକାଲି ସେ କଣ ଖାଲି ନିଜପାଇଁ ଚିନ୍ତା କରୁଛି ?..ନାଁ। ସେ ଏ ଫୁଲପାଇଁ ଚିନ୍ତା କରୁଛି, ସେ ବଢି ଉଠୁଥିବା ଗଛପାଇଁ ଚିନ୍ତା କରୁଛି,କୌଣସି ଏକ ଟି.ଭି ସିରିୟଲର ନାୟିକା ପାଇଁ ଚିନ୍ତା କରୁଛି, ପ୍ରଜାପତି, ଭଅଁର, ପବନ, ସକାଳ, ରାତି ଓ ଦ୍ୱିପ୍ରହର, ସାନବାବୁ..ଏ ସମସ୍ତଙ୍କ ପାଇଁ ଚିନ୍ତା କରୁଛି। ସମସ୍ତଙ୍କ ପାଇଁ ଘାରି ହେଉଛି। ହେଲେ ତା ପାଇଁ ଖାଲି ଏକା ଜେଜେମା'ଟି.. ବ୍ୟସ୍ତ!


ସେ ନିର୍ଦ୍ଦିଷ୍ଟ ଯାଗାରେ ଘଣ୍ଟାକଣ୍ଟା ଅଛି, ମିନିଟ୍ କଣ୍ଟା ବି ଅଛି। ସେ ଘର ଭିତରକୁ ଗଲା। ଏଇ ତ! ସାନବାବୁ ଅଫିସ୍ ବାହାରିଲେଣି। ବ୍ରେକ୍‌ଫାଷ୍ଟ ସାରି ଡ୍ରେସ୍ ପିନ୍ଧୁଛନ୍ତି। ତାପରେ ତାଙ୍କ ଫାଇଲ୍ ପତ୍ର ଓ ବ୍ୟାଗ୍ ଧରି ଆସି ସୋଫା ଉପରେ ବସି ପଡିବେ। ଜୋତା ଷ୍ଟାଣ୍ଡ୍‌ରୁ ଜୋତା ଓ ମୋଜା ଆଣି ଲୀନା ସଯତ୍ନରେ ରଖି ଦେଇଥିବ ଯଥା ସ୍ଥାନରେ। ସାନବାବୁ ସେସବୁକୁ ପିନ୍ଧିପକାଇ ଯୋତା ମସ୍‌ମସ୍ କରି ବାହାରିଯିବେ ବାହାରକୁ, ଗାଡିପାଖକୁ। ପୁରୁଣା ଡ୍ରାଇଭର୍ ଗଗନ ଅଜା ଯଥେଷ୍ଟ ପୂର୍ବରୁ ଗାଡିକୁ ଚକାଚକ୍ କରି ଦେଇଥିବେ। ସାନବାବୁ ପହଂଚିବାକ୍ଷଣି ଗାଡି ଷ୍ଟାର୍ଟହେବ ଆଉ ସେ ଚାଲିଯିବେ ଦୂରକୁ, ଆଉ ଟିକେ ଦୂରକୁ। ତା ପରେ ଛୋଟବିନ୍ଦୁଟିଏ ଭଳି ସେ ଅଦୃଶ୍ୟ ହୋଇ ଯାଉଥିବେ ଗଛପତ୍ରମାନଙ୍କ ଗହଳି ଓ ଧୂମିଳ ଆସ୍ତରଣ ଭିତରେ।

ଅଥଚ ତା ପୂର୍ବରୁ ଲୀନା ବଗିଚାର ବେଶ୍ ସଦ୍ୟ ଓ ସତେଜ ଗୋଲାପଟିଏ ଆଣି ରଖିଦେଇଥିବ ସାନ ବାବୁଙ୍କ ନଜର ପଡିବା ଜାଗାଟିରେ। ସାନବାବୁ ଗାଡିରେ ବସିବାକ୍ଷଣି ସେ ଗୋଲାପଟିକୁ ଧରି ତାକୁ ଆଘ୍ରାଣ କରିବେ, ସେତିକିବେଳେ ଗଗନ ଅଜା ଗାଡି ଷ୍ଟାର୍ଟ କରିଦେବେ। *(କ୍ରମଶଃ)*

## ବିଶେଷ କବିତା

## କବିତା ପାଇଁ କବିତା

### ମମତା ପ୍ରିୟଦର୍ଶିନୀ ସାହୁ



ଏବେ ଉଡିବାକୁ ଆରମ୍ଭ କଲେଣି
ମୋ ସମଗ୍ର ଇଲାକାର ଶବ୍ଦ ମାନେ
ବିଶ୍ୱାସର ପ୍ରେମିକ ପର ମେଲେ ,
ବୋଧେ,
ଅପେକ୍ଷା କରିଚି
ସ୍ୱପ୍ନ ଓ କଳ୍ପନାର ସୁନେଲି ଦିଗବଳୟଟିଏ।
ଆଉ ଅଭିମାନ ନାଇଁ ତ
ଚିତ୍ରକଳ୍ପ କି ରୂପକଳ୍ପର
ସଜାସଜି ପାଇଁ,
ଏଇନା ପିନ୍ଧି ସାରିଛି
କବିତାର ଡେଣାଦିଟା।
ଛନ୍ଦର ପକ୍ଷୀମାନଙ୍କୁ
ଫିଟେଇ ସାରିଛି
କେବେଠୁ ଏ ମନ ପଞ୍ଜୁରୀରୁ,
ଆରମ୍ଭ କରିଛି ଠିଆ ହେବାକୁ
ଦର୍ପଣ ସାମ୍ନାରେ
ଠିକ୍ ଗୋଟେ ଗୋଲାକାର ଜହ୍ନ ପରି।
ଘାସର ଚୁନ୍‌ରି ତଳୁ
ସାଉଁଟି ଚାଲିଛି କେତେକ ବର୍ଷା ବିନ୍ଦୁ
ମୁକ୍ତା କରିବାର ସ୍ୱପ୍ନ ସାଥେ,
କାହିଁକି ନା
ମେଘମାଳା ବର୍ଷି ଯିବାକୁ
ଏବେ ଢେର ସମୟ ବାକି ଅଛି !

*ଓଡିଆ ଅଧ୍ୟାପିକା*
*ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,*
*ବାଲିଶଙ୍କରା, ସୁନ୍ଦରଗଡ*

## ଶୋଇପଡ ରାତି



### ସୁବ୍ରତ କୁମାର ଜେନା

ଶୋଇପଡ ରାତି ଅନେକ ଡେରି ହେଲାଣି,
ତେଣିକି ସଜନା ଡାଳରେ ହେଉ,
ଅବା ବର ଓହଳର ବହଳ କେଶର ଛାଇରେ,
ନହେଲେ ଆମ ଗାଁ କଇଁ ପୋଖରୀରେ,
ଯଦି ଇଚ୍ଛା ଯାଇପାରୁ ପ୍ରିୟାର ଗାଁକୁ,
ତାଙ୍କ ସବୁଜ ଗହୀରି ପାଟରେ,

ନହେଲେ ଛାମୁଣ୍ଡା ପାହାଡ଼ ଉପରେ ଶୋଇପଡ,
କେତେ ଆଉ ଶୁଣିବୁ ଜହ୍ନମାମୁଁର କାହାଣୀ,
ତୋ ଆଖିରେ ଆଖିଏ ନିଦ,
କେତେ ଆଉ ଅନିଦ୍ରା ହେବୁ,
ଅନ୍ୟକୁ ଶାନ୍ତିରେ ଶୋଇବାକୁ ଛାଡି,
ଦେଖୁନୁ ସହର ଗାଁ ସବୁଆଡେ ନିସ୍ତବ୍ଧ,

ଖାଲି କେତେଟା ଜୀବ ଜନ୍ତୁଙ୍କୁ ଛାଡିଦେଲେ,
ଜାଣେ ଦେହରେ ତୋର ଅସହ୍ୟ ବେଦନା,
ହେଲେ ଅପେକ୍ଷା କର,
ସମୟ ଦେବ ସେଥିରେ ମଲମ।

ଗାଁର ଠାକୁର ମଣ୍ଡପେ ଦେଖିଲୁ,
କେତେ ଆନନ୍ଦରେ ଶୋଇଛନ୍ତି କାଳିଆ ବଳିଆ,
ଆମ୍ବ ତୋଟାରେ ବି ପକ୍ଷୀମାନେ,
ହେଲେ ବାଦୁଡି ସେତ ଲାଗିଛି ନିଜ କର୍ମରେ,
ଯା' ଆଉ ଜମା ଡେରି କରନି,
ରାତି ପାହି ସକାଳ ହୋଇଯିବ ପରା !

ସହରର ଫୁଟପାଥ କୁ ଦେଖ,
ଆଃ କି ଚରମ ଆନନ୍ଦ କି ଶାନ୍ତି,
ନାଁ କେହି ନେଇଯିବ ନାଁ କିଛି ହଜିଯିବାର ଭୟ,
ଦିନ ଭରି କଠିନ ପରିଶ୍ରମ,
ତାପରେ ରାତିର ଛାତିରେ ଚରମ ତୃପ୍ତି,
ହଁ ଏବେ ତତେ ନିଦ ଲାଗିବଣି,
ଯା' ଟିକେ ଶୋଇପଡ଼।
ଏ ଜହ୍ନ ପରା ସେମିତି,
ଟିକେ ଦେଖାଦେବ ଟିକେ ଲୁଚିଯିବ ବାଦଲ ଉହାଡ଼େ,
ତାକୁ ଭଲ ଲାଗେ ଲୁଚକାଳୀ ଖେଳ,
କେବଳ ସେଥିଲାଗି ସେ ପରା ମେଘର ସାଥି,
ବାଦଲକୁ ନିମନ୍ତ୍ରଣ ଦିଏ
ତା ଘରଠି ବୁଲିଆସିବାକୁ ଚିଟାଉରେ,
କେତେ ରାତ୍ରି ଆଉ ଅନିଦ୍ରା ରହିବୁ,
ତୋର ଭୂତ ଭବିଷ୍ୟତକୁ ଭାବି ଭାବି,

ଜାଣେ ତୁ ଭାରି ବ୍ୟତିବ୍ୟସ୍ତ,
ତୋ ଆଖି ଆଗରେ ଝିଅଙ୍କର ଇଜତ ନିଲାମ ହୁଏ,
ତୋ ଆଖିଆଗରେ ଯୁବପିଢୀ
ହଜିଯାନ୍ତି ନିଶାର କବଳରେ,
ଧଳା ପାଉଡର ନିଶାରେ
ଘଟିଯାଏ କେତେ କେତେ ଅଘଟଣ,

ତତେ ଏ ସବୁ ଶାନ୍ତି ଦିଏନା,
ତଥାପି ଥରେ ଆଖି ବନ୍ଦ କରି
ଶୋଇବାକୁ ଚେଷ୍ଟା କର।
ତୁ ତ ଜାଣୁ ଏଠି ସବୁ ସମୟର ଦାସ,
ଋତୁ ଆସିପୁଣି ଫେରିଯାଏ ସମୟର ନିର୍ଦ୍ଦେଶରେ,

ଏମିତିରେ ତୋର ଚିନ୍ତା ଅବସମ୍ଭାବି,
ବର୍ଷା ଦିନେ ବର୍ଷା ହୁଏନି,
ଶରତରେ କାକର ପଡେନି,
ଚାରି ଆଡ଼େ ଖାଲି ଅଗ୍ନି ବର୍ଷା,
ତୁ କଣ କରିବୁଜେ,
ଏ ମଣିଷ ସବୁ ଜାଣି କିଛି ଜାଣୁନି,


ଜାଣି ଜାଣି ମୃତ୍ୟୁକୁ କରେ ନିମନ୍ତ୍ରଣ,
ଯା' ଆଉ ଅଳ୍ପ ସମୟର ଅବଧି,
ପହଡେ ଦି ପହଡ଼ ଶୋଇପଡ,
ଭୁଲିଯିବୁ ସବୁ କଷ୍ଟ ଯନ୍ତ୍ରଣାର ସ୍ୱରକୁ,
କାଲିକୁ ଗୋଟେ ନୂଆ ସମ୍ଭାବନାର ଆଶାରେ।

*ଶୁରଡିହ, ନନ୍ଦିପୁର, ଯାଜପୁର*
*ଦୂରଭାଷ -୯୭୭୬୨୦୮୯୩୦*

## ମୁକ୍ତିର ରଙ୍ଗ

### ଲିପ୍‌ସା ପଟେଲ





ପିଲାଦିନୁ ନିଜ ଅମ୍ମି ଭିତରେ ଏକ ଅଦ୍ଭୁତ ପ୍ରକାର ଭୟକୁ ଲକ୍ଷ୍ୟ କରି କରି ବଡ ହୋଇଛି ରୋଶନାରା। ବୋଧହୁଏ ସେଇ ଭୟ ଆଜି ତାକୁ ଏତେ ଟାଣୁଆ କରିଦେଇଛି ଯେ ସେ ନିଜ ଅବବୁକୁ ବି ମୁହଁରେ ମୁହଁରେ ଜବାବ୍ ଦେଇପାରିଛି। ଆଜି ତା'ର ନିଷ୍ପତ୍ତି ସମସ୍ତଙ୍କୁ ନିର୍ବାକ୍ କରିଦେଇଛି। ତା' ଅବବୁ ଚିରାଚରିତ ଢଙ୍ଗରେ ରୋଶନାରାର ଏଇ ନିଷ୍ପତ୍ତି ପାଇଁ ତା' ଅମ୍ମିକୁ ହିଁ ଦୋଷ ଦେଇଛନ୍ତି। ସେ ବାରମ୍ବାର ଦୋହରାଇଥିଲା, ଏଇ ନିଷ୍ପତ୍ତି କେବଳ ତା'ର ଓ ସେ ଏହାର ନିର୍ଯ୍ୟାସ ପାଇଁ ମଧ୍ୟ ପ୍ରସ୍ତୁତ। ତଥାପି ଅମ୍ମିର ଭାଗ୍ୟରେ ହୁଏତ ଏମିତି ଦୋଷ ମୁଣ୍ଡାଇବା ହିଁ ଲେଖା ହୋଇଛି।

ଅବବୁଙ୍କର ନାଲି ଆଖି ଓ 'ତଲାକ୍' ଶବ୍ଦର ଭୟରେ ଆଜି ପର୍ଯ୍ୟନ୍ତ ବାନ୍ଧି ହୋଇ ରହିଛି ତା'ର ଅମ୍ମି। ଏଇ ଭୟର ପରିଧିରେ ତା' ଅମ୍ମି କାଟିସାରିଲାଣି ତିରିଶ ବର୍ଷ; ତଥାପି କହେ, ଯଦି ତୋର ଅବବୁ ଦ୍ୱିତୀୟ ନିକହା କରିଦେବେ ? ତା' ମନରୁ ଏଇ ଭୟ ରୋଶନାରାର ମାମୁଁଙ୍କ ସାନ୍ତ୍ୱନା ଅବା ସମ୍ପତ୍ତି ମଧ୍ୟ ଦୂର କରିପାରିନଥିଲା। ସେ ଜାଣେ ଏଇ ଖଣ୍ଡମଣ୍ଡଳରେ ତା' ଅବବୁ କେବଳ ତା' ମାମୁଁଙ୍କୁ ହିଁ ଡରନ୍ତି। ସେ କେବେବି ଅମ୍ମିକୁ ତଲାକ୍ ଦେବେନି। ଯେତେବେଳେ ଯାହା ସାହାଯ୍ୟ ଲୋଡା, ତା' ମାମୁଁ କରିଛନ୍ତି। ଏପରିକି ତା'ର ପାଠପଢାରେ ମଧ୍ୟ ତାଙ୍କର ହିଁ ଉଦାରତା ରହିଛି ନଚେତ୍ ତା' ଅବବୁ ତାକୁ କେବେଠୁ ନିକହା କରାଇଦେଇଥାନ୍ତେ।

ନିଜର ନିଷ୍ପତ୍ତି ବିଷୟରେ ରୋଶନାରା ତା'ର ମାମୁଁଙ୍କୁ କହିସାରିଥିଲା ଓ ତା'ପରେ ତାଙ୍କ ଘରେ ଏଇ ପ୍ରସଙ୍ଗ ଉଠିଲା। ସବୁକଥାରେ ହସ୍ତକ୍ଷେପ କରିବା ଠିକ୍ ହେବନି ବୋଲି ତା'ର ମାମିଜାନ୍ କହିଥିଲେ ଓ ଯାହା ତା'ର ଅବବୁ କହିବେ ସେଇ ହିସାବରେ ହେବ ବୋଲି ସ୍ପଷ୍ଟ ଭାବରେ ଜଣାଇ ଦେଇଥିଲେ। ତା' ମାମୁଁ ମଧ୍ୟ ଏହି କଥାକୁ ସମର୍ଥନ କରିଥିଲେ।

ପିଲାଦିନୁ ରୋଶନାରା ତା' ଅମ୍ମିକୁ ଗୋଟିଏ ଅବାଞ୍ଛିତ ବସ୍ତୁପରି ଏଇ ଘରେ ଦେଖି ଆସିଛି। ତା' ଅବବୁଙ୍କର ଅଶ୍ରାବ୍ୟ ଗାଳି, ମାଡ ଓ ନାଲି ଆଖି ତାକୁ ତାଙ୍କ ସ୍ନେହରୁ ବଞ୍ଚିତ କରିଦେଇଛି। ତେଣୁ ସେ ଦୋକାନରୁ ଫେରି ପାଣି ଗ୍ଲାସଟିଏ ମାଗିଲେ ବି ରୋଶନାରା ପାଣି ଦେବା ପାଇଁ ତାଙ୍କ ସାମ୍ନାରେ ଛିଡା ହେବାର ସାହସ ଜୁଟାଇ ପାରିନି। ସେ ତା'ର ସାନ ଭାଇ ହମିଦ ଅବା ଅମ୍ମି ହାତରେ ହିଁ ପଠାଇଦିଏ ପାଣି। ତା'ର ଅନ୍ୟ ସାଙ୍ଗମାନଙ୍କ ପରି ସେ କେବେ ତା' ଅବବୁ ସହ ବଜାର ଯାଇ ନିଜ ମନପସନ୍ଦର ଜିନିଷ କିଣିନଥିଲା କି କୌଣସି ଜୁଲୁସ୍ ଅବା ମେଳାକୁ ମଧ୍ୟ ଯାଇନଥିଲା। ଝିଅମାନେ ବାପାଙ୍କ ରାଜକୁମାରୀ ବା ପରୀ ବୋଲି ଯେତେବେଳେ ସେ ଶୁଣେ, ତା' ମନରେ ଏହାକୁ ନେଇ ଅନେକ ଆଲୋଡନ ସୃଷ୍ଟି ହୁଏ। ସେ ସବୁବେଳେ ନିଜକୁ ପ୍ରଶ୍ନ କରେ, ଏଇ ଉକ୍ତିଟି କେତେ ପ୍ରତିଶତ ସତ ?

ଏବେ ରୋଶନାରା ଲକ୍ଷ୍ୟ କରୁଛି, ହମିଦକୁ ନେଇ ତା' ଅବବୁ ବେଶି ଅସୁରକ୍ଷିତ ହୋଇପଡୁଛନ୍ତି। ହମିଦର ଦାବି, ଜବାବ୍, ଅଭଦ୍ର ଆଚରଣ ତାଙ୍କ ନାଲି ଆଖିର ଲାଲିମାକୁ ଫିକା କରିଦେଇଛି। ଯେତେବେଳେ ହମିଦ ପଇସାପତ୍ରକୁ ନେଇ ତା' ଅବବୁ ସହ ଯୁକ୍ତିତର୍କ କରେ, ତାଙ୍କ ମୁହଁ ଶେଥା ପଡିଯାଏ। ଅମ୍ମି ଉପରେ ସେ ସବୁ ରାଗ ଶୁଝାନ୍ତି ପଛକେ ହମିଦକୁ କିଛି କହିପାରନ୍ତି ନାହିଁ। ଅବବୁ ବି ଦିନେ ଏମିତି ହମିଦ ଆଗରେ ମୁଣ୍ଡ ନୁଆଁଇ ଦେବେ ବୋଲି ସେ କେବେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲା। ଆଜି କିନ୍ତୁ ଏଇ ପରିବର୍ତ୍ତନ ତାକୁ ଖୁସି ଦେଇଛି, ସାହସ ଦେଇଛି। ସେ ନିଜ ପ୍ରସଙ୍ଗ ସମସ୍ତଙ୍କ ସାମ୍ନାରେ ରଖିପାରିଛି।

ହାଇସ୍କୁଲ ପରେ ପାଠପଢା ବନ୍ଦ କରିଦେବାକୁ ତା' ଅବବୁ ଜୋର୍ ଦେଇଥିଲେ ; କିନ୍ତୁ ତା' ଅମ୍ମି ତା' ପାଇଁ ଏକ ଉନ୍ମୁକ୍ତ ଆକାଶର ପରିକଳ୍ପନା କରିଥିଲା ଯେଉଁଥିରେ ତା' ମାମୁଁ ତାକୁ ସାହାଯ୍ୟ କରିଥିଲେ। ହାଇସ୍କୁଲ ପରେ କଲେଜ ଓ ତା'ପରେ ଆଇନର ଛାତ୍ରୀ ହୋଇ ଆଜି ସେ ଅନ୍ତତଃ ନିଜ ପାଇଁ ଅଧିକାର ଦାବି କରିପାରୁଛି। ନିଜର କର୍ତ୍ତବ୍ୟ ଓ ଅଧିକାର ପ୍ରତି ସଚେତନ ହୋଇପାରିଛି। ରୋଶନାରାର ନିଷ୍ପତ୍ତିରେ ତା' ଅମ୍ମିର କୌଣସି ଆପତ୍ତି ନାହିଁ। ସେ ନିଜ ଝିଅ ପାଇଁ ନିଜ ପରି ବନ୍ଦୀ ଜୀବନଟିଏ କେବେହେଲେ ଚାହେଁନି। ତା' ଅମ୍ମି ଅଯଥାରେ ଅବବୁକୁ ବୁଝାଇବାର ଚେଷ୍ଟା ମଧ୍ୟ କରିନାହିଁ। ସେ ଜାଣେ ରୋଶନାରାର ଅବବୁ କେଉଁ ମାଟିରେ ଗଢା !

ନିଜର ନିଷ୍ପତ୍ତି ଶୁଣାଇଦେଲା ପରେ ରୋଶନାରା ତା' ଅବବୁଙ୍କର ମତାମତକୁ ଅପେକ୍ଷା ନ କରି ତା' କର୍ମକ୍ଷେତ୍ରକୁ ବାହାରି ପଡୁଛି। ତା'ର ଲୁଗାପଟା ସଜଡା ସଜଡି କରି ସୁଟକେସରେ ରଖିଲା ବେଳେ ତା' ଅମ୍ମି ନିଜର କାନଫୁଲ ଖୋଲି ତା' ହାତରେ ଦେଇଦେଲା। ଏଇଟାକୁ ବିକ୍ରି କରି ତା' ବଦଳରେ ହଳେ ନାଲି ଶଙ୍ଖା କିଣି ନେବାକୁ କହିଲା। ଯେତେହେଲେ ସେ ହିନ୍ଦୁଘରେ ବୋହୂ ହେବା ପାଇଁ ଯାଉଛି। ନିଜ ଅମ୍ମିର ଅସହାୟତା ହିଁ ରୋଶନାରାକୁ ଆଜି ରିତେଶର ହାତ ଧରିବା ପାଇଁ ପ୍ରବର୍ତ୍ତାଇଛି। ସେ ତା' ଅମ୍ମି ଭଳି 'ତଲାକ୍'ର ଭୟ ଭିତରେ ବଞ୍ଚିବାକୁ ଚାହେଁ ନାହିଁ। ତା' ଅମ୍ମିର କାନଫୁଲ ବଦଳରେ ସେ କିଣିବ ହଳେ ନାଲି ଶଙ୍ଖା, ଯାହା ତା'ର ଅମ୍ମିର ଆଶୀର୍ବାଦସୂଚକ ଓ ତା'ର ମୁକ୍ତିର ରଙ୍ଗ। ତା' ହାତରେ ସେଇ ହଳେ ନାଲି ଶଙ୍ଖା ତାକୁ ଆହୁରି ମଜବୁତ କରି ଆଗାମୀ ଜୀବନଯୁଦ୍ଧରେ ବିଜୟିନୀ କରିବ ବୋଲି ସେ ବିଶ୍ୱାସ ରଖିଛି।


*ଭବାନୀପାଟଣା*

## କବିତାର କଥା

(ଭାଗ-୬୭)



### ଉମାକାନ୍ତ ରାଉତ



## କବିର ମର୍ମ - ପେଟ ନା ପେଟତଳ !

ଭୋକ-ଭୟ-ଭ୍ରଷ୍ଟାଚାରର ଅଘୋଷିତ ରଣାଙ୍ଗନରେ, ଗ୍ଲୋବାଲାଇଜେସନ୍ ର ସର୍ବଗିଳା ଆବହାୱାରେ ବିଶ୍ୱର ଉତ୍ତାପ କ୍ରମଶଃ ବଢ଼ି ଚାଲିଥିଲାବେଳେ କବିଟିଏ ଉତ୍ତେଜିତ ହୋଇ ସେ ଉତ୍ତାପକୁ ଉତପ୍ରେରିତ କରିବା ଆବଶ୍ୟକ ନା ନିଜକୁ ପ୍ରେମିକ/ପ୍ରେମିକାର ଭୂମିକାରେ ରଖି ସେ ଉତ୍ତାପର ନିୟନ୍ତ୍ରକର ଦାୟିତ୍ୱ ନିର୍ବାହ କରିବା ଦରକାର ? ସେକଥା କବି ନିଜେ ବୁଝୁ। କବି ବୁଝୁ : ଶୂନ୍ୟତାର ତୁଚ୍ଛ ବେଦୀରୁ କେମିତି କରାଯାଇପାରେ ପୂର୍ଣ୍ଣତାର ଆବାହନ। ମୃଣ୍ମୟତାର ଗ୍ରେଭ୍ ୟାର୍ଡ ଭିତରୁ କେମିତି ଝଙ୍କୃତ ହୋଇପାରେ ଚିନ୍ମୟତାର ଶାସ୍ୱତ ରାଗିଣୀ .....ପ୍ରେମର ଚିରନ୍ତନ ଓଁକାର..... ! ସିଏ ନିଜେ ନିର୍ଦ୍ଧାରଣ କରୁ ନିମ୍ନୋକ୍ତ ଦୁଇଟି ପଂକ୍ତି ମଧ୍ୟରୁ କେଉଁଟି ସମୟର ଆହ୍ୱାନ...କବିକର୍ମର ଦାୟ !

ଗୋଟିଏ ହେଲା --

"ଚମ୍ପାଫୁଲ ମହକରେ ବାଟଭୁଲି ସମୁଦ୍ରର ଢେଉ
କୂଳ ଲଂଘି ଆସିଥିଲା, ଶୁଖିଥିଲା ଭରାନଈ ଛାତି
ପଥର ତରଳି ଥିଲା, ମଶାଣିର ଭୂତପ୍ରେତ ଛାଡ଼ି
ରଜୋବତୀ କନ୍ୟା ଲାଗି ଯୋଗୀ ଥିଲା ମଦନରେ ମାତି"

ଆଉ ଗୋଟିଏ ହେଲା --

"ଏପଟେ ଡାକୁଛି କୁଲୁକୁଲୁ ନଈ ହାତଠାରି
ଜୀବନ ବେଦୀରେ ସେପଟେ ଗଲାଣି ଉଈ ଚରି
ଫୁଲର ଦୋଳିରେ ଏପଟେ ଶୋଇଛି ରାଜଜେମା
ଚଇତାଳି ବଣେ ସେପଟେ ଫୁଟୁଛି ଅଣ୍ଟୁବୋମା
ହାତଠାରି ମୋତେ ଅହରହ ଡାକେ
ମୃତ୍ୟୁ ବେଦୀକୁ ମହାକାଳ ,
ଏପଟେ କଦମ୍ବ ଡାକୁଛି ସେପଟେ କଟୁଆଳ।"

କ୍ରୌଞ୍ଚ ମୈଥୁନର ବିରହାନ୍ତକ ଦୃଶ୍ୟ କ'ଣ ଦେହ ଦେହଳୀର କଥା ନୁହେଁ? ସେଇ ଦେହ ଦହନର ବିୟୋଗାନ୍ତକ କାହାଣୀକୁ କବିତା ପୁଟ ଦେଇ ବାଲ୍ମିକୀ ଦେହାତୀତର ଯେଉଁ ସ୍ତରରେ ନେଇ ପହଞ୍ଚାଇଲେ ତାହା ମାନବ ଜାତିର ଇତିହାସରେ ଜନଜୀବନର ଏକ ମହାର୍ଘ୍ୟ କାବ୍ୟ ହୋଇ କାଳକୁ ଆୟତ୍ତ କରିନେଲା ।ଏହି ଦୃଷ୍ଟିରୁ ବାଲ୍ମିକୀଙ୍କୁ ପ୍ରେମିକ-କବି ଏବଂ ତାଙ୍କ ସୃଷ୍ଟ ରାମାୟଣକୁ ଅଲିଭା ପ୍ରେମର କାବ୍ୟ କହିଲେ ଆପତ୍ତି ରହିବ କାହିଁକି ?

ଅୟମାରମ୍ଭର ଗାମ୍ଭୀର୍ଯ୍ୟକୁ ଲକ୍ଷ୍ୟ କରାଯାଉ ----

"ମା ନିଷାଦ ପ୍ରତିଷ୍ଠା ତ୍ୱମଗମ ଶାସ୍ୱତୀ ସମାଃ
ଯତ୍ କ୍ରୌଞ୍ଚ ମିଥୁନାଦେକ ମବଧିକାମ ମୋହିତଂ"

ବାଃ....କି ଚମତ୍କାର !

ପେଟ ପୋଡ଼ି ଯାଉଥିଲାବେଳେ, ହୃତପିଣ୍ଡ ହୁତହୁତ ହୋଇ ଜଳିଯାଉଥିବାବେଳେ, ଆଖି ସାମ୍ନାରେ ନାରୀଟିଏ, ନାବାଳିକାଟିଏ ଧର୍ଷିତା ହେଉଥିବାବେଳେ , ବିବାହ ବେଦୀର ଯୌତୁକ ଜୁଇରେ ନବବଧୂଟିଏର ଶବସତ୍କାର କରାଯାଉଥିଲାବେଳେ ; ପ୍ରେମର କେଉଁ ରାଗିଣୀ ତୋଳି ଧରିପାରିବ ଏତାଦୃଶ କବିତାର ମର୍ମାନ୍ତିକ ରାହାକୁ ? ପ୍ରେମର କେଉଁ ସା-ରେ-ଗା-ମା-ପା ଶାନ୍ତ କରିପାରିବ ପୋଡ଼ି ଯାଉଥିବା ମନର ଚନ୍ଦନବନକୁ ? ଦିକ୍ ଦିକ୍ କରୁଥିବା ଅଦେଖା କ୍ଷତର ଦାହକୁ ? ଏହି ଦହନର ଦୀର୍ଘଶ୍ୱାସରୁ ଯେଉଁ ରାହା ଛୁଟିବ, ତାହା କ'ଣ ଭଲ ପାଇବାର ଅମୃତ ଅଭିବ୍ୟକ୍ତି ନୁହେଁ ?ଭଲ ପାଇବା ପାଇଁ କ'ଣ କେବଳ ଦେହଟିଏ ଦରକାର ? ପ୍ରେମର ଅସଲ ପରିଭାଷାର ପରିସର କ'ଣ କେବଳ ଦେହ ?

ମଣିଷକୁ , ମଣିଷର ଦେହକୁ , ତା'ର ଯାବତୀୟ ପ୍ରବଣତାକୁ , ତା'ର ସମ୍ବେଦନା ଓ ସଂଘର୍ଷକୁ , ତା'ର ଉତ୍ତେଜନା ଓ ଆବେଗକୁ ଗଭୀରଭାବେ ଭଲ ପାଉ ନଥିଲେ କବି ସଚ୍ଚିଦାନନ୍ଦ ରାଉତରାୟ କ'ଣ ଲେଖିପାରିଥାନ୍ତେ....

"ତୁମେ ଦେଖିଅଛ ଶିଳାରେ ଶିଳାରେ ରମ୍ୟ କଳାର ରୂପ
ମୁଁ ଦେଖୁଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୁପ"

ଭଲ ପାଇବାର ସାମଗାନକୁ ପରଖି ନଥିଲେ କବି ରବି ସିଂ ଲେଖିପାରିଥାନ୍ତେ କି ?

"ଭ୍ୟାନିଟି ଖୋଲି ଦେଖିଲ ସଜନୀ ଅଛି କି ଟଙ୍କା ଏକ
ପ୍ରେମ କରିବାକୁ ବେଳ ନାହିଁ ଏଠି,ଭାରି ଭୋକ ଭାରି ଭୋକ।"

ଏଇଠି ସୂଚେଇ ଦେବା ଉଚିତ୍ ହେବ ଯେ ଏଠାରେ ଭୋକିଲା ପେଟମାନଙ୍କ ପ୍ରେମରେ କବି ଦେହ ଶୋଷର ପ୍ରେମକୁ ନ୍ୟୁନ କରିଦେଉଥିବା ବେଳେ ଏବର ଅନେକ କବି ପେଟ ତଳର ମାୟାରେ ବାୟା। ଯଶକାଙ୍ଗାଳପ୍ରାର୍ଥୀ ଏହି ନକଲି ନାବାବମାନେ ଚର୍ଚ୍ଚାରେ ରହିବାପାଇଁ ଝଟକା(କୁଝଟୀକା) ସୃଷ୍ଟି କରି ,କବିତାର କ୍ୟାନଭାସ୍ କୁ ସ୍ୱଚ୍ଛ ନକରି ନାନା ଦ୍ୱିଅର୍ଥବୋଧକ ଶବ୍ଦ ଓ ଚିତ୍ର ମାଧ୍ୟମରେ ନିଜର ଅବଦମିତ ଆଦିମ କ୍ଷୁଧାକୁ ନିବାରଣ କରିବାର ଏକ ସାମୟିକ ସୁଖରେ ମାତନ୍ତି ସିନା , ଏହାର ଏକ ଦୀର୍ଘସ୍ଥାୟୀ ପାକଳ ପ୍ରଭାବ ରହେ ନାହିଁ। ଲକ୍ଷ ଲକ୍ଷ ବର ମଞ୍ଜି : ହେଲେ ସେଥିରୁ କେଇଟି ଓହଳ ମେଲାଇ ଛାଇ ପ୍ରଦାନ କରନ୍ତି ? ଛାଇ ଦେଉଥିବା ବରଗଛକୁ କ'ଣ କମ୍ ସହିବାକୁ ପଡ଼େ? ସେମିତି , କବିତା ଗୋଟେ ସାଧନାର କଥା। ପ୍ରେମ କବିତା ତ କୁଛ୍ର ସାଧନାର କଥା ! ବଟଦ୍ରୁମ ଭଳି.....ବାଲ୍ମିକୀଟିଏ ଭଳି.......। ନିମ୍ନ ପଂକ୍ତିରୁ ଅନୁଭବ କରାଯାଇପାରେ ପ୍ରେମ କବିତାର ସାନ୍ଦ୍ରତା ---

"ନିଜେ ମୁଁ କରିଲି ଅନଳ ସ୍ନାହାନ ସୁକୁମାର ତନୁ ଜାଳି
ନିଜେ ମୁଁ ଚାଲିଲି ନର୍କର ପଥେ ସକଳ ସ୍ୱପ୍ନ ଦଳି
ନିଜେ ମୁଁ ସହିଲି ବିପକ୍ଷ ତୀର ପତାଇ ପାଗଳ ଛାତି
ନିଜେ ମୁଁ ଗାଇଲି କଣ୍ଠ ଫଟାଇ ମରଣ ମଧୁର ଗୀତି
ସବୁ ମୁଁ ଦେଖିଛି ସବୁ ମୁଁ ସହିଛି କବିର ମର୍ମ ନେଇ
ସବୁ ଅନୁଭୂତି ସାଇତି ରଖିଛି କବିତା ଲେଖିବା ପାଇଁ" *(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*



# ବାଲ୍ୟ ବିବାହ ରୋକିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ଜାତି ସମାଜର ସମନ୍ୱୟ ବୈଠକ




**ନବରଙ୍ଗପୁର :** ଜିଲ୍ଲାରେ ବାଲ୍ୟବିବାହକୁ ରୋକିବାନିମନ୍ତେ ଆଜି ସ୍ଥାନୀୟ ମିଶନଶକ୍ତି ସଭାଗୃହ ଠାରେ ଜିଲ୍ଲା ପ୍ରଶାସନ, ୟୁନିସେଫ , ଆକ୍ସନଏଡ ଓ ବିଭିନ୍ନ ଜାତି ସମାଜର ମୁଖ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ରେ ପ୍ରଥମ ଥର କରି ଏହି ମିଳିତ ବୈଠକରେ ଜିଲ୍ଲାପାଳ ଡଃ ମିଶ୍ର ଅଧ୍ୟକ୍ଷତା କରି କହିଲେଯେ ଜିଲ୍ଲାରେ ପ୍ରତ୍ୟେକ ଶିଶୁ ମାନଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛନ୍ତି । ପ୍ରଶାସନ ଓ ଜାତି ସମାଜର ମୁଖ୍ୟ ମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ଜିଲ୍ଲାରେ ସମସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବା ସହିତ ନବରଙ୍ଗପୁର ଜିଲ୍ଲା କୁ ବାଲ୍ୟ ବିବାହ ମୁକ୍ତ କରିବା ଦିଗରେ ଏହି ସମନ୍ୱୟ ବୈଠକ ସହାୟକ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏଥି ସହିତ ବାଲ୍ୟ ବିବାହ ପରି ସାମାଜିକ ବ୍ୟାଧି କୁ ରୋକିବା ନିମନ୍ତେ ପ୍ରଶାସନ ଓ ଜାତି ସମାଜର ମୁଖ୍ୟ ମାନେ ମିଳିତ ଭାବରେ ଗ୍ରାମ ସ୍ତରରେ ବ୍ୟାପକ ଭାବରେ ଜନ ସଚେତନତା କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ବୈଠକ ଉଦେଶ୍ୟ ଜ୍ଞାପନ କରିବା ସହିତ ଜିଲ୍ଲା ପ୍ରଶାସନ, ୟୁନିସେଫ ଓ ଆକ୍ସନଏଡର ମିଳିତ ପ୍ରୟାସ ରେ ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ଗ୍ରାମ ଗୁଡିକରେ ସଚେତନତା କାର୍ଯ୍ୟ କ୍ରମ ଚାଲୁଥିବାର ସୂଚନା ଦେବା ସହିତ ଚଳିତ ବର୍ଷ ମାର୍ଚ୍ଚ ମାସ ସୁଧା ଜିଲ୍ଲାରେ ୧୨୭ ଗୋଟି ବାଲ୍ୟ ବିବାହ ରୋକାଯିବା ସହିତ ୬୯୩ ଟି ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯାଇ ଥିବାର ଜଣାଇ ଥିଲେ । ପରେ ଜିଲ୍ଲାପାଳଙ୍କ ଅନୁରୋଧରେ ଉପସ୍ଥିତ ଥିବା ୧୩ ଟି ଜାତିସମାଜର ମୁଖ୍ୟ ମାନେ ଜିଲ୍ଲାରେ ବାଲ୍ୟ ବିବାହ ଘଟୁଥିବାର କାରଣ ଓ ଏହାର ନିରାକରଣ ନିମନ୍ତେ ନିଜ ନିଜ ସମାଜ ତରଫରୁ କିଭଳି ପଦକ୍ଷେପ ନେବେ ସେ ଉପରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳଙ୍କ ଅନୁରୋଧ କ୍ରମେ ଆଗାମୀ ଦିନରେ ଜାତି ସମାଜର ମୁଖ୍ୟ ମାନେ ନିଜ ନିଜ ଜାତିରେ ବୈଠକ କରି ନିଜ ସମାଜରେ ବାଲ୍ୟ ବିବାହ ନକରିବାକୁ ଘୋଷଣା କରିବା ସହିତ ଜିଲା ପ୍ରଶାସନକୁ ଲିଖିତ ଭାବରେ ଦେବା ପାଇଁ ପ୍ରତିଶୃତି ଦେଇଥିଲେ । ଏଥି ସହିତ ନିଜ ସମାଜରେ ଜାତି ମୁଖିଆ ମାନେ ବାଲ୍ୟ ବିବାହକୁ ପ୍ରଶାସନ ସହଯୋଗ ରେ ରୋକିବା, ବ୍ଲକ ସ୍ତରରେ ପ୍ରତି ମାସରେ ପ୍ରଶାସନ ଓ ଜାତିସମାଜର ମିଳିତ ବୈଠକ କରାଇବା, ସମାଜ ମୁଖିଆ ଓ ପ୍ରଶାସନିକ ଅଧିକାରୀ ମାନେ ମିଳିତ ଭାବରେ ଗ୍ରାମ ଗୁଡିକରେ ଜନ ସଚେତନ କାର୍ଯ୍ୟ କ୍ରମ କରିବା, କିଶୋର କିଶୋରୀ ମାନଙ୍କୁ ପଲିଟେନିକ ଶିକ୍ଷା ଓ ଦକ୍ଷତା ବିକାଶ ଶିକ୍ଷାରେ ଯୋଡିବା ଆଦି କାର୍ଯ୍ୟ କ୍ରମରେ ସମସ୍ତ ସମାଜର ମୁଖ୍ୟ ମାନେ କାର୍ଯ୍ୟ କରିବେ ବୋଲି ଜିଲ୍ଲାପାଳଙ୍କୁ ପ୍ରତିଶୃତି ଦେବା ସହିତ ଏଥି ନିମନ୍ତେ ସାମୁହିକ ଭାବରେ ଶପଥ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ , ସହାୟକ ଆରକ୍ଷୀ ଅଧିକାରୀ ସ୍ମିତା ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ , ସହାୟକ ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧକ୍ଷ ଦିବାକର ବାହୁକ, ସହାୟକ ସମାଜ କଲ୍ୟାଣ ଅଧିକାରୀ ନରହରି ସିଂ, ଡାକ୍ତର ମଳୟ କୁମାର ତ୍ରିପାଠୀ, ବାଲ୍ୟବିବାହ ନିଷେଧ ଅଧିକାରୀ, ଏସେ ଗୀତା, ସୁନିତା ଦେବୀ ତ୍ରିପାଠୀ, ଗୀତା ମହାରଣା, ଶୈଳେନ୍ଦ୍ରି ମହାନନ୍ଦ, ଜିଲ୍ଲାରେ ଥିବା ବିଭିନ୍ନ ଜାତି ସମାଜରର କର୍ମକର୍ତ୍ତା ମାନେ ଆଲୋଚନାରେ ଅଂଶଗ୍ରହଣ କରି ବାଲ୍ୟ ବିବାହର ସମାପ୍ତ ଦିଗରେ ଜାତି ସମାଜର ମୁଖ୍ୟଙ୍କର ଭୂମିକା ଓ ସାମାଜିକ ଦାୟିତ୍ୱ ଉପରେ ନିଜର ମତାମତ ପ୍ରଦାନ କରିଥିଲେ । ଶେଷରେ ଆକ୍ସନଏଡର ଜିଲ୍ଲା ପରାମର୍ଶଦାତା ଫକିର ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ



**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବି, ସମାଜ ସଂସ୍କାରକ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷ ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା, ପୂର୍ବତନ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ ସହାୟକ ଦିପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଉତ୍ସବରେ ପୌର ପରିଷଦ କର୍ମଚାରୀ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦ୍ୱନ୍ଦ୍ୱରେ ଶ୍ରଦ୍ଧାଳୁ ...

ଏଏସଆଇର ବିନା ଅନୁମତିରେ ନିର୍ମାଣ କରାଯିବା କଥା ନୁହେଁ । ସ୍ଥାନୀୟ ସାଂସଦ କହୁଛନ୍ତି ୪ଟି ପାଇଖାନା ନିର୍ମାଣ ହେଉଛି । ମାତ୍ର ତାକୁ ଦେଖିଲେ ଲାଗୁଛି ୫ କି ୧୦ ମହଲା କୋଠା ନିର୍ମାଣ ହେବା ଭଳି କାର୍ଯ୍ୟ ହୋଇଛି । ଆଉ ତାଙ୍କ ପାଖରେ ଯେତିକି ଖବର ଅଛି, ଏସବୁ ନିର୍ମାଣ ପାଇଁ ଏଏସଆଇର ଅନୁମତି ଦେଇନାହିଁ । ଶ୍ରୀମନ୍ଦିର ଚାରିପଟେ ଏଭଳି ଖନନକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇବା ପରେ ମାର୍ଚ୍ଚ ୩୧ ତାରିଖରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗୃହ କମିଟି ଗଠନ ହୋଇଥିଲା । ଗୃହ କମିଟି ସବୁ କ୍ଷମତାର ଅଧିକାରୀ । ଗୃହ କମିଟି ଏହି ନିର୍ମାଣ ପ୍ରସଙ୍ଗରେ ବିଶେଷଜ୍ଞଙ୍କ ମତାମତ ଲୋଡ଼ିବା ସହ ଯେଉଁମାନେ କାମ କରୁଛନ୍ତି ତାଙ୍କୁ ମଧ୍ୟ ଡାକି ବୟାନ ରେକର୍ଡ କରିପାରିବ । ଏପରିକି ହାଇକୋର୍ଟଙ୍କଠୁ ମଧ୍ୟ ଗୃହ କମିଟିର କ୍ଷମତା ଅଧିକ । ଗୃହ କମିଟି ତତକ୍ଷଣାତ ପରିଦର୍ଶନ କରିବା କଥା । କିନ୍ତୁ ତାହା ହୋଇନି । ସେପଟେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ରାଜନୀତି ଚାଲିଛି । ଶ୍ରୀମନ୍ଦିର ପ୍ରତି ବିପଦ ଅଛି ବୋଲି କିଏ କହୁଛି । ବହୁତ ଲୋକ ବହୁ କଥା କହୁଛନ୍ତି । ଏସବୁ ରାଜନୀତି ସରିଯାଉ । ତା'ପରେ ବିଧାନସଭା ଗୃହ କମିଟି ଅନୁଧ୍ୟାନ କରିବାକୁ ଯିବ ଓ ଆସିକି ରିପୋର୍ଟ ଦେବ । ବିଧାନସଭାର ଗୃହ କମିଟି ଖୁବଶୀଘ୍ର ବସିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ଏସବୁ ଭିତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ରାଜ୍ୟ ବିଜେପିରେ ପରସ୍ପରବିରୋଧୀ ବୟାନ ଆସିବାରେ ଲାଗିଛି । ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ସମର୍ଥନ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ମୁହଁ ଖୋଲିନାହାନ୍ତି । ବଡ଼ ବଡ଼ ନିର୍ମାଣ କାର୍ଯ୍ୟ ଚାଲିଥିବାକୁ ସେ ସମର୍ଥନ କରିଛନ୍ତି, କିନ୍ତୁ ଶ୍ରୀମନ୍ଦିର ପ୍ରତି ବିପଦ ରହିଛି କି ନାହିଁ ସେ କଥା କିଛି ନକହି ଏଏସଆଇ ହିଁ ପ୍ରକୃତ ବଦମାସ ବୋଲି କହିଛନ୍ତି । ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ସମର୍ଥନ କରୁଥିଲେ ମଧ୍ୟ ଏଏସଆଇର ବିନା ଅନୁମତିରେ ନିଷେଧାଂଚଳ ପରିସରରେ ନିର୍ମାଣକୁ ବିରୋଧ କରିଛନ୍ତି । ବିଜେପି ମୁଖପାତ୍ର ସୋନାଲି ସାହୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ନିଜ ଦଳର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ମୁହଁ ଖୋଲିଛନ୍ତି । ବିଜେପିରେ ଏଭଳି ମତଭେଦ ଶାସକ ଦଳକୁ ସୁହାଇଛି । ଆଉ ସାଧାରଣ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବା ଚର୍ଚ୍ଚା ହେଉଛି ।

### ମହାନଦୀ ...

ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଚଳିତ ବର୍ଷ ହୀରାକୁଦ ଜଳ ଭଣ୍ଡାରରେ ପାଣି କମିନି । ଯେଉଁ ସୁଖାସୋଢା ପାଖରେ ଖରା ଦିନେ ମହାନଦୀ ଲହଡି ଭାଙ୍ଗୁ ଥିଲା ପାଣି ଆଜି ସେଠି ଉଡୁଛି ଧୂଳି । ଶୁଖିଲା ପଡିଛି ମହାନଦୀର ବିସ୍ତୀର୍ଣ୍ଣ ଅଞ୍ଚଳ । ବର୍ଷ ତମାମ ମହାନଦୀ ଜଳ ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବିମାନେ ରୋଜଗାରର ମାଧ୍ୟମ ହରାଇଛନ୍ତି । ମହାନଦୀ ଜଳକୁ ବ୍ୟବହାର କରି ରବି ଫସଲ କରୁଥିବା ଚାଷୀ ମଧ୍ୟ ହାତବାନ୍ଧି ବସିଛନ୍ତି । ମହାନଦୀର ଶାଖା ନଦୀ ଇବ୍ ଏବେ ଶୁଖିଲା । ପ୍ରାୟ ମାସେ ହେଲାଣି ଇବ ନଦୀରେ ପାଣି ଟୋପେ ନାହିଁ । ଯୁଆଡେ ଚାହିଁବ ଖାଲି ବାଲି ହିଁ ବାଲି । ଇବ୍ ନଦୀ ଶୁଖିଯିବା ପରେ ଝାରସୁଗୁଡାର ହଜାର ହଜାର ଚାଷୀ ଏବଂ ମତ୍ସ୍ୟଜିବୀ ଜୀବିକା ହରାଇଲେଣି । ପ୍ରାୟ ଦୁଇ ବର୍ଷ ହେଲାଣି ଖରା ଦିନେ ଇବ ନଦୀ ସମ୍ପୂର୍ଣ୍ଣ ଭାବରେ ଶୁଖି ଯାଉଥିବାରୁ ଚାଷୀମାନେ ରବି ଫସଲ କରି ପାରୁ ନହାନ୍ତି । ମତ୍ସ୍ୟଜିବୀଙ୍କ ଡଙ୍ଗା, ନଦୀ ମଝିରେ ଶୁଖିଲା ବାଲି ଉପରେ ପଡିଥିବାବେଳେ ଜାଲ ସବୁ ଘର ବାଡିରେ ପଡି ରହିଛି । ପରିସ୍ଥିତି ଏମିତି ଯେ, କିଛି ମତ୍ସ୍ୟଜୀବୀ ନିଜର କୌଳିକ ବୃତ୍ତି ଛାଡି ଦିନ ମଜୁରୀ କରୁଛନ୍ତି । ଜଳସଂପଦ ବିଭାଗର ସର୍ବୋଚ ଯନ୍ତ୍ରୀ କହିଛନ୍ତି ଚଳିତ ବର୍ଷ ଖରାଦିନେ ହୀରାକୁଦ ଜଳ ଭଣ୍ଡାରରେ ଜଳସ୍ତର କମିନି । ନଭେମ୍ବର ମାସରୁ ମେ ପର୍ଯ୍ୟନ୍ତ ଅଣ ମୌସୁମୀ ସମୟରେ ହିରାକୁଦରେ ଯେତିକି ପାଣି ରହିବା କଥା ତାଠାରୁ ଅଧିକ ଅଛି । ତେବେ ତଳ ମୁଣ୍ଡରେ କାହିଁକି ମହାନଦୀ ଶୁଖିଲା ପଡିଛି ତାଉତ୍ତର ସର୍ବୋଚ୍ଚ ଯନ୍ତ୍ରୀଙ୍କ ପାଖରେ ନାହିଁ । ୨୦୧୯ ନିର୍ବାଚନ ପୂର୍ବରୁ ମହାନଦୀକୁ ନେଇ ଓଡ଼ିଶାରେ ରାଜନୀତି ତୀବ୍ର ହୋଇଥିଲା । ଛତିଶଗଡ଼ ସରକାର କଲ୍ମା ବ୍ୟାରେଜ କରି ମହାନଦୀର ପାଣିକୁ ଅଟକାଇବା ପ୍ରସଙ୍ଗ ଉଠାଟାଇଥିଲେ ବିଭିନ୍ନ ରାଜନୈତିକ ଦଳ । ଏବେ କିନ୍ତୁ ଶୁଖିଲା ମହାନଦୀକୁ ନେଇ ଆଉ ବେଶୀ ହୋହଲ୍ଲା ହେଉନି । ମାମଲା ଟ୍ରିବ୍ୟୁନଲରେ ଅଛି କହି ଉଭୟ ଓଡିଶା ଓ ଛତିଶଗଡ ମହାନଦୀ ପ୍ରସଙ୍ଗକୁ ଅଣଦେଖା କରିଦେଇଥିବା ଭଳି ଲାଗୁଛି ।

### ଅନ୍ୟମାନଙ୍କ ଲାଗି ...

ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍ ଓ ଟ୍ରାନ୍ସଫର୍ମେସନକୁ ସରକାର ଗୁରୁତ୍ୱ ଦେଉଛନ୍ତି । ସରକାର ଦୁର୍ନୀତିପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି । ଲୋକ-କୈନ୍ଦ୍ରୀକ ପ୍ରଶାସନ କାର୍ଯ୍ୟ କରୁଛି । ଲୋକସେବା ଭବନର ସମସ୍ତ ସେବା ଅନଲାଇନରେ ଉପଲବ୍ଧ ହେଉଛି । ଅଧିକାଂଶ ସେବା ଅନଲାଇନରେ ମିଳୁଛି । ହାଇସ୍କୁଲରେ ସ୍ମାର୍ଟସ୍କୁଲ୍ ନିର୍ମାଣ କରାଯାଇଛି । କୃଷକଙ୍କୁ ଶସକ୍ତ କରିବା ଲାଗି ପ୍ରଣୟନ ହୋଇଛି କାଳିଆ ଯୋଜନା । ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ, କରୋନା ମହାମାରୀ ଆଦି ବିପତ୍ତିକୁ ସରକାର ସଫଳତାର ସହ ମୁକାବିଲା କରିଛନ୍ତି । ମହିଳାଙ୍କୁ ଶସକ୍ତ କରାଯାଉଛି । ପ୍ରାୟ ୭୦ ପ୍ରକିଶତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହେଉଛନ୍ତି ମହିଳା । ରାଜ୍ୟ ସରକାର ଖେଳ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟରେ ଜାତୀୟ ସହ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଛି । ହକିର ଗୌରବ ବଞ୍ଚାଇ ରଖିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି । ବିଗତ ୨ ଦଶନ୍ଧିରେ ରାଜ୍ୟ ଅନେକ ସଫଳତା ପାଇଛି । ଗରିବୀ ରାଜ୍ୟ ଓଡ଼ିଶା ଏବେ ଧାନ ଉତ୍ପାଦନରେ ଦେଶରେ ଆଗୁଆ ରାଜ୍ୟ । ଇସ୍ପାତ, ଆଲୁମିନିୟମ୍ ଭଳି ଶିଳ୍ପ ପାଇଁ ଓଡ଼ିଶା ଏବେ ସଭିଁଙ୍କ ପସନ୍ଦ । ସ୍କିଲ୍ ଡେଭଲପମେଣ୍ଟ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଜାଗା ମିଶନ, ଡ୍ରିଙ୍କ ଫର୍ମ ଟ୍ୟାପ୍, ହାଇସ୍କୁଲ୍ ଟ୍ରାନ୍ସଫରମେସନ୍, ଆର୍ଥିକ ପରିଚାଳନା, ଖାଦ୍ୟ ସୁରକ୍ଷା ଆଦି କ୍ଷେତ୍ରରେ ଓଡ଼ିଶା ଆଗୁଆ । ୨ ବର୍ଷ ଧରି କୋଭିଡ୍ ପ୍ରକୋପ ସତ୍ତ୍ୱେ ଓଡ଼ିଶା ଦେଶରେ ଦ୍ରୁତଗତିରେ ଆଗକୁ ବଢୁଛି । ସରକାର ଜଳସେଚନ, ଭିତ୍ତିଭୂମି ବିକାଶ, ଶିଳ୍ପ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବିପୁଳ ନିବେଶ କରୁଛନ୍ତି । ଆଗାମୀ ୨ ବର୍ଷରେ ରାଜ୍ୟରେ ଅନେକ ଆଖିଦୃଶିଆ ପରିବର୍ତ୍ତନ ଦେଖାଯିବ ।

### ସ୍ୱତନ୍ତ୍ର ଅଡିଟ୍ ...


ଅଭିଯୁକ୍ତଙ୍କୁ ଅନୁକମ୍ପା ପ୍ରଦାନ କରାଯାଉଛି । 'ବାଡ଼ ହୋଇ କ୍ଷେତ ଖାଇଯିବା' ଭଳି ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ପୂର୍ବତନ କିରାଣୀ ଓ ଷ୍ଟୋର ଇନଚାର୍ଜ ତଥା ବର୍ତ୍ତମାନର ବିଧାୟକ ମନୋହର ରନ୍ଧାରୀ ବୋଲି ସେ କହିଛନ୍ତି । ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି ଯେ, ନନ୍ଦାହାଣ୍ଡି ପଂଚାୟତ ସମିତିରେ ୧ କୋଟି ୪ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ପଂଚାୟତ ବିଭାଗର ସ୍ପେଶାଲ ଅଡିଟରେ ଧରାପଡିଥିଲା ଏବଂ ଏହି ଦୁର୍ନୀତିରେ ଶ୍ରୀ ରନ୍ଧାରୀ ମଧ୍ୟ ସଂପୃକ୍ତ ଥିଲେ । ରାଜନୀତିକୁ ଆସିବା ପୂର୍ବରୁ ନନ୍ଦାହାଣ୍ଡି ବ୍ଲକର କିରାଣୀ ଏବଂ ଷ୍ଟୋର ଇନଚାର୍ଜ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ରନ୍ଧାରୀଙ୍କ ନାଁରେ ୧୧ ଲକ୍ଷ ଟଙ୍କାର ଦୁର୍ନୀତି ମାମଲା ରହିଛି । ଏହି ବ୍ୟାପକ ଟଙ୍କା ଶ୍ରୀ ରନ୍ଧାରୀଙ୍କଠାରୁ ଆଦାୟ କରାଯିବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସଂପୂର୍ଣ୍ଣ ଟଙ୍କା ଆଦାୟ କରାଯାଇ ନଥିବାବେଳେ ତାଙ୍କ ବିରୋଧରେ ୨୦୦୯ ମସିହାରେ କୌଣସି ବକେୟା ନାହିଁ ଏବଂ ଏହି ଅଭିଯୋଗକୁ ଅଣଦେଖା କରାଯାଉ ବୋଲି କେଉଁ ଆଧାରରେ ଏବଂ କାହା ନିର୍ଦ୍ଦେଶରେ ରିପୋର୍ଟ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ସେହିପରି ଏହି ଦୁର୍ନୀତିର ତଦନ୍ତ ଭିଜିଲାନ୍ସକୁ ଦିଆଯାଇଛି ଏବଂ ଏବେସୁଦ୍ଧା ତଦନ୍ତ ପ୍ରକ୍ରିୟା ଶେଷ ହୋଇନାହିଁ । ଏହା ସତ୍ତ୍ୱେ କୌଣସି ମାମଲା ତାଙ୍କ ନାମରେ ନାହିଁ ବୋଲି ବିଧାୟକ ଶ୍ରୀ ରନ୍ଧାରୀ ନିଜ ଆଫିଡେଭିଟରେ ଉଲ୍ଲେଖ କରିବା ସଂପୂର୍ଣ୍ଣ ଆଇନବିରୋଧୀ । ତେଣୁ ଶାସକ ବିଜେଡିର ନିର୍ମଳ ଭାବମୂର୍ତ୍ତି ସ୍ଲୋଗାନ କେବଳ ଏକ ପ୍ରହସନ ବୋଲି ବିଜେପି ଅଭିଯୋଗ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ମିଡିଆ ସେଲର ସୁଜିତ୍ ଦାସ ଉପସ୍ଥିତ ଥିଲେ ।

### ଖର୍ଚ୍ଚ ହେବ ...

ଭିନ୍ନକ୍ଷମ ମାନେ ଯେପରି ସୁବିଧାରେ ଦର୍ଶନ କରିପାରିବେ, ସେଥିପାଇଁ ପଶ୍ଚିମ ଦ୍ୱାରରେ ଲିଫ୍ଟ ଓ ସ୍କାଏବ୍ରିଜ ସୁବିଧାର ବିକାଶ କରାଯିବ । ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ଖଣ୍ଡାଲାଇଟ ପଥର ବିଛାଯିବା ସହିତ ମନ୍ଦିର ଓ ଠାକୁରଙ୍କ ବଗିଚାର ବିକାଶ କରାଯିବ । ଏହାସହିତ ରାସବିହାରୀ ମଣ୍ଡପ, ରଘୁନାଥ ମଠ ଓ ବାଟ ମଙ୍ଗଳା ମନ୍ଦିରର ମଧ୍ୟ ବିକାଶ କରାଯିବ । ଯାତ୍ରୀ ମାନଙ୍କ ଜିନିଷପତ୍ର ରଖିବା ନିମନ୍ତେ ବ୍ୟବସ୍ଥା (କ୍ଲୋକ ରୁମ) ଏବଂ ପଦପ୍ରକ୍ଷାଳନ ବ୍ୟବସ୍ଥାର ମଧ୍ୟ ନିର୍ମାଣ କରାଯିବ । ମନ୍ଦିରକୁ ପ୍ରବେଶ ପାଇଁ ପୂର୍ବ ଓ ପଶ୍ଚିମ ପାର୍ଶ୍ୱ ସଡକର ପ୍ରଶସ୍ତିକରଣ କରାଯିବ । ପୂର୍ବ ପାର୍ଶ୍ୱ ସଡକକୁ ୯ ମିଟର ଓ ପଶ୍ଚିମ ପାର୍ଶ୍ୱ ସଡକକୁ ୧୨ ମିଟର ପ୍ରଶସ୍ତ କରାଯିବ । ମହାନଦୀର କୁଳକ୍ଷୟରୁ ମନ୍ଦିରକୁ ସୁରକ୍ଷା ଯୋଗାଇବା ପାଇଁ ୪୦୦ ମିଟର ସୁରକ୍ଷା ପ୍ରାଚୀର ନିର୍ମାଣ କରାଯିବ । ଏହି ପ୍ରକଳ୍ପ ପାଇଁ ସମୁଦାୟ ଦୁଇ ଏକର ଜମି ଆବଶ୍ୟକ ପଡିବ । ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଜମି ଅଧିଗ୍ରହଣ କରିବେ । ପୂର୍ତ୍ତ ବିଭାଗ ଜରିଆରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ମହାନଦୀ କୁଳକ୍ଷୟ ରୋକିବା ପାଇଁ ସୁରକ୍ଷା ପ୍ରାଚୀର ଜଳସମ୍ପଦ ବିଭାଗ ନିର୍ମାଣ କରିବ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ପ୍ରକଳ୍ପ ସଂପର୍କରେ ଉପସ୍ଥାପନା ରଖିଥିଲେ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ଜଳସଂପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଓ ନୟାଗଡ ଜିଲ୍ଲପାଳ ପ୍ରମୁଖ ଉପସ୍ଥିତ ଥିଲେ ।


### ନୂଆ ପୋଲ ...

ଉକ୍ତ ପୋଲ ତାଙ୍କ ନିଜସ୍ୱ ଜାଗାରେ ଥିଲା । ତେଣୁ ପ୍ରଶାସନ ଏଠାରେ ଆଉ ନୂଆ ପୋଲ ତିଆରି କରିପାରିବ ନାହିଁ । ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ପ୍ରଶାସନ ଯେଉଁ ପଦକ୍ଷେପ ନେଇଥିଲା, ସେହି ପ୍ରଶାସନ ଏବେ ଆଇନ ଜାଲରେ ଛନ୍ଦି ହୋଇଯାଇଛି । ମାମଲାର ସମାଧାନ କେବେ ହେବ ଏବଂ ନୂଆ ପୋଲ ନିର୍ମାଣ ହେବ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ଏବେ ନୀଳାଦ୍ରି ବିହାରରୁ ଚନ୍ଦ୍ରଶେଖରପୁରକୁ ଚାଲିଚାଲି ଆସୁଥିବା ଲୋକଙ୍କ ଲାଗି ୩ ଫୁଟିଆ ଲୁହା ପୋଲଟିଏ ହୋଇଛି । ହେଲେ ଚାଲିଚାଲି ଯିବା ବଦଳରେ ଏହା ଉପରେ ଶହ ଶହ ସଂଖ୍ୟାରେ ଦୁଇଚକିଆ ଯାନ ଯିବାରୁ ପୋଲଟି ହଲୁଛି ଏବଂ ଏହା ଅଣଓସାରିଆ ହୋଇଥିବାରୁ ଦୁର୍ଘଟଣା ମଧ୍ୟ ଘଟୁଛି । ପୋଲ ନିକଟରେ ଦୈନିକ ହାଟ ଥିବାରୁ ଲୋକଙ୍କ ଭିଡ ହେବା ସ୍ୱାଭାବିକ । ତେବେ ଯେଉଁମାନେ ଚାରିଚକିଆରେ ହାଟକୁ ଯାଉଛନ୍ତି ସେମାନେ ଏୟାର ହସ୍ପିଟାଲ ଦେଇ ଅଢ଼େଇ କିଲୋମିଟର ରାସ୍ତା ବୁଲି ହାଟରେ ପହଞ୍ଚୁଛନ୍ତି । ବର୍ତ୍ତମାନ ପୋଲ ନିର୍ମାଣ କାର୍ଯ୍ୟ ନହେବାରୁ ଲୋକମାନେ ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ପ୍ରଶାସନକୁ ଦାୟୀ କରୁଛନ୍ତି । ଲୋକଙ୍କ ଅଭିଯୋଗ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ଆଗକୁ ବର୍ଷାଦିନ ଆସୁଛି । ତେଣୁ ବର୍ଷାଦିନ ପୂର୍ବରୁ ଆଉ ପୋଲ ନିର୍ମାଣର ଆଶଙ୍କା କ୍ଷୀଣ ଦେଖାଦେଇଛି । ତୁରନ୍ତ ଉକ୍ତ ପୋଲ ନିର୍ମାଣ ନହେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ନିକଟରେ ସ୍ଥାନୀୟ କିଛି ବରିଷ୍ଠ ନାଗରିକ ପୋଲ ନିର୍ମାଣରେ ଅହେତୁକ ବିଳମ୍ବ ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ । ହେଲେ ଏଯାଏ ପ୍ରଶାସନର ନିଦ ନ ଭାଙ୍ଗିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ମନେହେଉଛି । ତେବେ ପୋଲ ନିର୍ମାଣକୁ ନେଇ ସ୍ଥାନୀୟ କିଛି ବରିଷ୍ଠ ନାଗରିକଙ୍କ ମତ -



ନୀଳାଦ୍ରି ବିହାରର ସେତୁ ନିର୍ମାଣ ଅହେତୁକ ବିଳମ୍ବ ଯୋଗୁ ଅଞ୍ଚଳର ବିଭିନ୍ନ ସେକ୍ଟର, ଜିଏ ପ୍ଲଟ ଏବଂ ବସ୍ତିବାସିନ୍ଦା ମାନେ ମୁଖ୍ୟ ରାସ୍ତାରେ ପହଞ୍ଚିବା ପାଇଁ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଯେଉଁ ଛୋଟିଆ ପଦଚଲା ଲୁହା ପୋଲଟି ନିର୍ମାଣ ହୋଇଛି ତାହା ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଅସୁବିଧା ସୃଷ୍ଟି କରୁଛି । ଉଭୟ ପଟୁ ଆସୁଥିବା ଦୁଇଚକିଆ ଯାନ ଭିଡ ଯୋଗୁ ଲୋକଙ୍କ ମଧ୍ୟରେ ମାରପିଟ୍ ପର୍ଯ୍ୟନ୍ତ କଥା ମଧ୍ୟ ଯାଉଛି । ଏହାରି ମଧ୍ୟରେ ଅନେକ ଦୁର୍ଘଟଣା ମଧ୍ୟ ଘଟି ସାରିଲାଣି । ବର୍ଷାଦିନ ପୂର୍ବରୁ ଏହି ସେତୁ ନିର୍ମାଣ ନସରିଲେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ।

*- ଆନନ୍ଦ ଚନ୍ଦ୍ର ପଟ୍ଟନାୟକ*



ନୀଳାଦ୍ରି ବିହାର ଏଟିଏମ ସନ୍ନିକଟ ସେତୁର ଅତି ଶୀଘ୍ର ନିର୍ମାଣ ଦାବିରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆମେ ଏକ ଶାନ୍ତିପୂର୍ଣ୍ଣ ଧାରଣା କାର୍ଯ୍ୟକ୍ରମ କରିଥିଲୁ । ସ୍ଥାନୀୟ ଲୋକଙ୍କ ଦସ୍ତଖତରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦିଆଯିବା ସହିତ ପିଡବ୍ଲ୍ୟୁଡିର ମୁଖ୍ୟ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଛୁ । ତେଣୁ ତୁରନ୍ତ ନୂତନ ପୋଲର ନିର୍ମାଣ ଆରମ୍ଭ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ।

*- ପ୍ରଣବ ଛୋଟରାୟ*



ଜନସାଧାରଣଙ୍କ ମୌଳିକ ସୁବିଧାକୁ ଉପେକ୍ଷା କରାଯାଇ, ମୁଖ୍ୟରାସ୍ତା ସହ ସଂଯୋଗ କରୁଥିବା ସେତୁଟିକୁ ଭାଙ୍ଗି ଦିଆଯିବା ଦ୍ୱାରା ସ୍ଥାନୀୟ ବାସିନ୍ଦାମାନେ ଯେଉଁ ଦୁର୍ଦ୍ଦଶା ଭୋଗୁଛନ୍ତି, ତାହା ଯେତେ ଶୀଘ୍ର ନିର୍ମାଣ କରାଯିବ ସେତେ ଭଲ, ନଚେତ ଆଗାମୀ ଦିନରେ ରାସ୍ତାରୋକ ପାଇଁ ଜନସାଧାରଣ ବାଧ୍ୟ ହେବେ ।

*- ଗୋଲକ ବିହାରୀ ସିଂହ*



ଭଙ୍ଗା ଯାଇଥିବା ସେତୁ ଉପରେ ନୀଳାଦ୍ରି ବିହାର ସମେତ ବସ୍ତି ସମୂହ ଏବଂ ଶୈଳଶ୍ରୀ ବିହାର ଅଞ୍ଚଳର ଲକ୍ଷାଧିକ ଲୋକ ନିର୍ଭର କରୁଥିଲେ । ହେଲେ ଏହାକୁ ଭାଙ୍ଗି ଦେଇ ପ୍ରଶାସନ ନିରବ ରହିବା ଦ୍ୱାରା ଲୋକେ କଷ୍ଟ ପାଉଛନ୍ତି । ତେଣୁ ଏହି ସେତୁ ନିର୍ମାଣ କାର୍ଯ୍ୟର ଅତ୍ୟଧିକ ବିଳମ୍ବ ବରଦାସ୍ତ କରାଯାଇପାରିବନାହିଁ । ପ୍ରଶାସନ ଯଦି ଆମର ଦାବି ପ୍ରତି କର୍ଣ୍ଣପାତ ନକରେ ଆଗାମୀ ଦିନରେ ପରିସ୍ଥିତି ଭୟଙ୍କର ହେବ ।

*- ଯୋଗେଶ ଚନ୍ଦ୍ର ନାୟକ*

## ଚର୍ଚ୍ଚାରେ ଡିଇଓ-ବିଇଓଙ୍କ ସମ୍ପର୍କ


# ନ୍ୟାୟ ନମିଳିଲେ ଆତ୍ମାହୂତି ଦେବେ ଶିକ୍ଷୟିତ୍ରୀ

**ଭଦ୍ରକ :** ରାତି ପାହିଲେ ଡିଇଓଙ୍କ ଘରେ ବନ୍ତ ବିଇଓ । ପ୍ରତି ମୁହୂର୍ତ୍ତରେ କେହି କାହାକୁ ଛାଡିବା ଅବସ୍ଥାରେ ନାହାନ୍ତି । ଯେମିତି ସରକାରୀ ଚାକିରି ନୁହେଁ ମଧୁର ସମ୍ପର୍କତାର । ଯେଉଁଥିପାଇଁ ବିଇଓଙ୍କ ବିରୁଦ୍ଧରେ ବାରମ୍ବାର ଅଭିଯୋଗ ହେଉଥିଲେ ବି ଡିଇଓ କିନ୍ତୁ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଉନାହାନ୍ତି । ଯାହାକୁ ନେଇ ଚାରିଆଡେ ଚର୍ଚ୍ଚା ହେଉଛି । ଉଲ୍ଲେଖଯୋଗ୍ୟ ଯେ, ଡିଇଓ ଓ ବନ୍ତ ବିଇଓଙ୍କ ଭିତିରି ସମ୍ପର୍କ ଯୋଗୁ ଜଣେ ଶିକ୍ଷୟିତ୍ରୀ ହଇରାଣ ହରକତ ହେଉଛନ୍ତି । ବିଇଓଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଥିବା ଶିକ୍ଷୟିତ୍ରୀ ଟୁନାବାଳା ଦାସ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଡିଇଓଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିବା ବେଳେ ଡିଇଓ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିନଥିବା ସୂଚନା ମିଳିଛି । ଯାହାଫଳରେ ବନ୍ତ ବିଇଓଙ୍କ କଳାକାରନାମାର ପର୍ଦ୍ଦାଫାସ ହୋଇପାରୁନାହିଁ । ଶିକ୍ଷୟିତ୍ରୀ ଟୁନାବାଳା ଦାସଙ୍କ ଅଭିଯୋଗ ଉପରେ ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ସେ ଆତ୍ମାହୁତି ଦେବେ ବୋଲି କହିଛନ୍ତି । ଅଭିଯୋଗ ଅନୁଯାୟୀ ୨୦୨୦-୨୧ରେ ହୋଇଥିବା ଏସ୍‌ଏମ୍‌ସି ମେମ୍ବର ମାନଙ୍କର ସହଯୋଗ ଟ୍ରେନିଂରେ ସିଆରସିସି ମାନଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଆଦାୟ ହୋଇଛି । ୟୁସି କଲେକ୍ସନର କାମ ବିଆରସିସିଙ୍କର ହୋଇଥିଲା ବେଳେ ବିଇଓ ତାଙ୍କୁ କୌଣସି କାମ ନଦେଇ ନିଜେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି । ସେହିଭଳି ୨୦୨୦-୨୧ରେ ପୋଷାକ ବଣ୍ଟନରେ ଏସ୍‌ଏଚ୍‌ଜି ଗ୍ରୁପ୍ ମାଧ୍ୟମରେ ୫୦ ହଜାର ଟଙ୍କାର ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହେଉଛି । ବିଆର୍‌ଟି ଟୁନାବାଳା ଦାସଙ୍କ ଖବର ପ୍ରସାରଣ ପରେ ଭୟଭୀତ ହୋଇ ଉପରିସ୍ଥ ଅଧିକାରୀଙ୍କୁ କୌଣସି ପ୍ରମାଣ ଦେଇ ନପାରିବାରୁ ବାଧ ହୋଇ ଶିକ୍ଷା ସଚେତନତା ରଥ ପ୍ରୋଗ୍ରାମରେ ସ୍କୁଲରୁ ସ୍କୁଲ ବୁଲେଇବା ବାହାନାରେ ବିଇଓ ମହୋଦୟ ଶିକ୍ଷକମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହେଉଛି ଏବଂ ସେମାନଙ୍କ ଠାରୁ ଜୋର ଜବରଦସ୍ତ ବିଆରଟିଙ୍କ ବିରୁଦ୍ଧରେ ଅଭିଯୋଗ ପାଇଁ ପ୍ରମାଣ ସଂଗ୍ରହ କରାଯାଉଛି । କିଛିଦିନ ତାଳେ ନିଜକୁ ନ୍ୟାୟ ନ ମିଳିଲେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବେ ବୋଲି କହିଥିଲେ ଶିକ୍ଷୟିତ୍ରୀ ଟୁନାବାଳା ଦାସ । ତାଙ୍କ ସହ ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ ମଧ୍ୟ ଧାରଣାରେ ବସିବେ । ବିକାଶଙ୍କ ନିକଟରେ ଅଭିଯୋଗ ହୋଇଥିବା ଘଟଣାର ଅନେକ ତଥ୍ୟ ରହିଛି ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ, ବନ୍ତ ବ୍ଲକ ବିଇଓଙ୍କ ବିରୁଦ୍ଧରେ ମାଳମାଳ ଅଭିଯୋଗ ଥିଲେ ସୁଦ୍ଧା କାହିଁକି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହାକୁ ନେଇ ଶିକ୍ଷକ ମହଲରେ ସନ୍ଦେହ ପ୍ରକାଶ ପାଇଛି ।

# ଆବାସ ଅପେକ୍ଷାରେ ହିତାଧୀକାରୀ; ଭଙ୍ଗା କୁଡିଆରେ ବିତୁଛି ଜୀବନ

**ଉଦଳା,( ନିରୁପମା ରଣା) :** ମିଳୁନି ଘର । ଭଙ୍ଗା କୁଡିଆ ରେ ବିତୁଛି ଜୀବନ । ୱାର୍ଡ ମେମ୍ବର ଠୁ ଆରମ୍ଭ କରି ସରପଞ୍ଚ ଓ ନେତା ମାନ ଙ୍କୁ କହିଲେ ମଧ୍ୟ କେହି ଶୁଣୁ ନାହାଁନ୍ତି । ବାଧ୍ୟ ହୋଇ ନିଜର ଭାଗ୍ୟକୁ ଆଦରି ଜୀବନ ଅତିବାହିତ କରୁଛୁ । ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ନୁଦଡିହା ପଞ୍ଚାୟତ ର ଏ ହେଉଛି ତାଳସାହି ଗ୍ରାମ ! ଏହି ଗ୍ରାମ ରେ ୨୧ ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି । ହେଲେ ଏ ମାନଙ୍କ ପାଇଁ ସରକାରୀ ଯୋଜନା ରେ ଘର ସାତସପନ ! ଘର ପାଇ ନ ଥିବାରୁ ଭଙ୍ଗା କୁଡିଆ ରେ ବିତୁଛି ଜୀବନ । ଖରା, ବର୍ଷା ଓ ଶୀତ ଦିନ ରେ ଏହି ଭଙ୍ଗା କୁଡିଆ ରେ ଜୀବନ ଅତିବାହିତ କରୁଛନ୍ତି ! ଘର ଖଣ୍ଡିକ ପାଇଁ ନେତା ମନ୍ତ୍ରୀ ଠୁ ଆରମ୍ଭ କରି ୱାର୍ଡ ମେମ୍ବର ଓ ସରପଞ୍ଚ ଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା କହିଛନ୍ତି ଗ୍ରାମବାସୀ । ଏ ହେଉଛନ୍ତି ତାଳସାହି ଗ୍ରାମ ର ଶ୍ୟାମସୁନ୍ଦର ମୁର୍ମୁ । ସେ ଜଣେ ଭିନ୍ନକ୍ଷମ । ଆବାସ ଘର ଖଣ୍ଡିକ ପାଇଁ ସମସ୍ତ ଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣୁ ନଥିବା କହିଛନ୍ତି ଶ୍ୟାମସୁନ୍ଦର । ଏକ ଜରି ପାଲ ତଳେ ବିତୁଛି ଜୀବନ । ଏହି ପରି ଅନେକ ହିତାଧୀକାରୀ ଆବାସ ଯୋଜନା ରୁ ବଞ୍ଚିତ ! ସରକାର ଅନେକ ଯୋଜନା କରୁଛନ୍ତି ହେଲେ ବାସ୍ତବ ରେ ଏହି ଯୋଜନା ଗ୍ରାମବାସୀଙ୍କ ପାଇଁ ହୋଇ ଯାଇଛି ସାତସପନ ! ନିର୍ବାଚନ ସମୟ ହେଲେ ଅନେକ ପ୍ରତିଶ୍ରୁତି ମିଳି ଥାଏ ଘର ପାଇଁ । ହେଲେ ନିର୍ବାଚନ ସରିଲେ ତୁ କିଏ ନା ମୁଁ କିଏ ପରି ସବୁ ଭୁଲିଯାଆନ୍ତି ନିର୍ବାଚିତ ପ୍ରତିନିଧି ମାନେ । କେହି ରହିବେ ନାହିଁ କଚ୍ଚା ଘରେ ସମସ୍ତେ ରହିବେ ଛାତ ଘରେ । ସରକାର ଙ୍କ ନରା ଏହା ଥିବାବେଳେ ଏହି ଆଦିବାସୀ ପାରିବାର ଅତି ଦୟନୀୟ ଅବସ୍ଥା ରେ ଭଙ୍ଗା କୁଡିଆରେ ଜୀବନ କାଟୁଛନ୍ତି । ତେବେ ଏ ସମ୍ପର୍କରେ କପ୍ତିପଦା ବିଡିଓ ଙ୍କୁ ପଚାରିବାରୁ ତଦନ୍ତ କରି ସରକାରୀ ନିୟମ ଅନୁସାରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# ଜିଲ୍ଲାର ସବୁ ବ୍ଲକରେ ଖୋଲିଲା ଓଡିଶା ଆଦର୍ଶ ବିଦ୍ୟାଳୟ




**ଜଗତ୍‌ସିଂହପୁର :** ଦୀର୍ଘ ବର୍ଷ ଧରି ସରକାର ସମସ୍ତ ବ୍ଲକ ମାନଙ୍କରେ ଓଡିଶା ଆଦର୍ଶ ବିଦ୍ୟାଳୟ ଖୋଲିବାର ଯୋଜନା ରଖିଥିବା ବେଳେ ଅନେକ ବ୍ଲକରେ ଆଜି ପର୍ଯ୍ୟନ୍ତ ଖୋଲାଯାଇପାରିନାହିଁ । ଜଗତସିଂହପୁର ଜିଲ୍ଲାରେ ସମୁଦାୟ ୮ଗୋଟି ବ୍ଲକ ମଧ୍ୟରୁ କେବଳ ଜଗତସିଂହପୁର ବ୍ଲକର ଶାଳଜଙ୍ଗ ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ୩ବର୍ଷ ତଳୁ ପ୍ରତିଷ୍ଠା ହୋଇ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିବା ବେଳେ ଚଳିତ ବର୍ଷ ଆଉ ୭ଗୋଟି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରାଗଲା । ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପ୍ରବେଶିକା ପରୀକ୍ଷା କରାଯାଇ ପ୍ରତ୍ୟେକ ବିଦ୍ୟାଳୟରେ ୮୦ଜଣ ଛାତ୍ରଛାତ୍ରୀ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରିପାରିଲେ । ଏମାନଙ୍କ ମଧ୍ୟରୁ ଅନୁସୂଚିତଜାତି ବର୍ଗଙ୍କ ପାଇଁ ୧୦ଜଣ, ଅନୁସୂଚିତ ଜନଜାତିଙ୍କ ପାଇଁ ଜଣେ ଓ ସାଧାରଣବର୍ଗଙ୍କ ପାଇଁ ୬୯ଜଣଙ୍କ ନିମନ୍ତେ ସଂରକ୍ଷଣ ରଖାଯାଇଛି । ସରକାର ଜନସାଧାରଣଙ୍କ ସୁବିଧା ନିମନ୍ତେ ତଥା କେନ୍ଦ୍ର ସରକାରଙ୍କ ନବୋଦୟ ଯୋଜନାକୁ ଭିତି କରି ଗ୍ରାମମାନଙ୍କରେ ଆଦର୍ଶ ବିଦ୍ୟାଳୟ ଖୋଲିଥିବା ବେଳେ ସେଥିରେ ଆଜି ପର୍ଯ୍ୟନ୍ତ ସଫଳତା ପାଇପାରିନାହାଁନ୍ତି । ଏହି ଆଦର୍ଶ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କ ରହିବା ତଥା ଯାତାୟତ ନିମନ୍ତେ ଆଦର୍ଶ ବିଦ୍ୟାଳୟ ପକ୍ଷରୁ କୌଣସି ପ୍ରକାର ବ୍ୟବସ୍ଥା କରାଯାଇନାହିଁ । ଫଳରେ ଦୂର ଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ରହିବା ନିମନ୍ତେ ସୁବିଧାରୁ ବଂଚିତ ହେଉଛନ୍ତି । ରଘୁନାଥପୁର ବ୍ଲକର କୋରକୋରା ଗ୍ରାମରେ ୯ଏକର ୨୭ଡିସିମିଲ ଜମିର ଏହି ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ତହସିଲପକ୍ଷରୁ ଜମି ହସ୍ତାନ୍ତର କରାଯାଇଥିଲେ ବି ଗୃହ ନିର୍ମାଣ କରାଯାଇପାରି ନଥିବାରୁ ଚଳିତ ବର୍ଷ ୮୦ଜଣ ଛାତ୍ରଛାତ୍ରୀମାନେ ଗନାଇଲୋ ସ୍ଥିତ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢାଯିବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ଛାତ୍ରଛାତ୍ରୀମାନଙ୍କ ଯାତାୟତ ଓ ରହଣୀ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯାଇନଥିବାରୁ ଏ ଦିଗରେ ଯଥାଶୀଘ୍ର ଦୃଷ୍ଟି ଦେବାକୁ ଅଭିଭାବକ ତଥା ଶିକ୍ଷାବିତ୍ ମାନଙ୍କ ପକ୍ଷରୁ ଦାବି କରାଯାଇଛି । ଏହି ଗନାଇଲୋ ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ଗୁଆଳିପୁର ମହେଶ୍ୱର ଉଚ୍ଚ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଅନ୍ୱେଶା ଦାସ ବ୍ଲକ ମଧ୍ୟରୁ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଅନ୍ୱେଶା ଦାସଙ୍କ ପିତା ଅଜୟ କୁମାର ଦାସ ଓ ମାତା ଅନୁସୂୟା ବେହେରା ଗୋପାଳ ଘର ପରିବାର ହୋଇଥିଲେ ବି ଝିଅଟି ତାଙ୍କର ଏକ ମେଧାବୀ ଛାତ୍ରୀ ହୋଇପାରିବ ସେ ନେଇ ବି ସେ କେବେ ଚିନ୍ତା କରିନଥିଲେ । ଏଥି ନିମନ୍ତେ ମହେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁ, କ୍ରୀଡା ଶିକ୍ଷକ ତଥା ଏନସିସି ଶିକ୍ଷକ ରାଜକିଶୋର ସାହୁ ଓ ପ୍ରତାପ କୁମାର ଜେନା ପ୍ରମୁଖଙ୍କୁ ନିଜ ପରିବାର ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ।



# କୃଷି ଅନୁକୂଳର ପର୍ବ - ଅକ୍ଷୟ ତୃତୀୟା

**ଡାଃ. ବୀର କିଶୋର ପରିଡ଼ା**



ପ୍ରତିବର୍ଷ ପରି ଚଳିତବର୍ଷ ମେ ମାସ ୩ ତାରିଖ ମଙ୍ଗଳବାର ଦିନ ଆମ ରାଜ୍ୟ ତଥା ଦେଶରେ ଏହି ମହାନ୍ କୃଷିଭିତ୍ତିକ ପର୍ବ "ଅକ୍ଷୟ ତୃତୀୟା" ଉତ୍ସବ ପାରମ୍ପାରିକ ରୀତିରେ ପାଳନ କରାଯାଉଛି। ଆମ ରାଜ୍ୟରେ ଜଗନ୍ନାଥ ସଂସ୍କୃତିକୁ ଆଧାର କରି ବାର ମାସରେ ତେର ପର୍ବ ପାଳନ କରାଯାଉଅଛି । ତନ୍ମଧ୍ୟରେ ମହାନ୍ କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ଅନ୍ୟ ତମ। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ଏହି ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବକୁ ଅକ୍ଷୟ ତୃତୀୟା ଦିବସ ଭାବେ ଆମ ଚାଷୀଭାଇମାନେ ପାରମ୍ପରିକ ରୀତିରେ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇ



ଆସୁଅଛି । ଆମ ଜୀବନ ଓ ଜୀବିକା ସହିତ କୃଷି ଓତଃପ୍ରୋତଃ ଭାବେ ଜଡ଼ିତ। ହଳ ଲଙ୍ଗଳ ହେଉଛି କୃଷି କାର୍ଯ୍ୟର ପ୍ରତୀକ ଏବଂ ପ୍ରଭୁ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଦେବଙ୍କର ମୁଖ୍ୟ ଆୟୁଧ। ବଳଦ ହେଉଛି ଆମର ଅନ୍ନଦାତା। ଆମ କୃଷକ ପରିବାରର ମେରୁଦଣ୍ଡ ସଦୃଶ। ମଣିଷ ପରିଶ୍ରମ କରି କୃଷିକାର୍ଯ୍ୟ ଦ୍ୱାରା ଜୀବନର ପୋଷଣ ଓ ସଂବର୍ଦ୍ଧନ କରିବା ପାଇଁ ଆହାର ପ୍ରାପ୍ତି କରେ। ଏହିଦିନ ଧାନ କ୍ଷେତ୍ରେ ପୂଜା, କୃଷକ ମାନଙ୍କର ଅକ୍ଷିମୁଠି ଅନୁକୂଳ, ଶ୍ରୀକ୍ଷେତ୍ରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ବା ରଥ ଅନୁକୂଳ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ନରେନ୍ଦ୍ର ପୁଷ୍କରଣୀରେ ଚନ୍ଦନ ଯାତ୍ରାରମ୍ଭ ସହିତ ନାନା ଶୁଭକାର୍ଯ୍ୟ ଯଥା-ଗୃହ ପ୍ରତିଷ୍ଠା, ଭୂମିପୂଜା, ଦେବତା ପ୍ରତିଷ୍ଠା, ନାମକରଣ, ଜଳାଶୟାରମ୍ଭ ଓ ପ୍ରତିଷ୍ଠା, ବିବାହ ଓ ପାଣିଗ୍ରହଣ, ବ୍ରତୋପନୟନ ଆଦି ଗ୍ରହଣ କରାଯାଏ। ଏହି ଦିନରେ ଯାହା ଆରମ୍ଭ ହୁଏ, ତାହା କ୍ଷୟ ହୁଏନାହିଁ ବରଂ ତାହା ବୃଦ୍ଧି ପାଉଥାଏ ବୋଲି ଏହାକୁ "ଅକ୍ଷୟ ତୃତୀୟା" କୁହାଯାଏ। ଆମ ରାଜ୍ୟ ତଥା ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ନେଇ କୃଷି ଓ କୃଷକର ଗୁରୁତ୍ୱକୁ ଉପଲକ୍ଷ କରି ଏହି ଦିବସଟିକୁ କୃଷକ ଦିବସ ରୂପେ ପାଳନ କରାଯାଇ ଆସୁଅଛି। ସାଧାରଣତଃ ଖରିଫ୍ ଋତୁ ଏହି ପବତ୍ର ଦିବସ ଅକ୍ଷୟ ତୃତୀୟା ଠାରୁ ହିଁ ଆରମ୍ଭ ହୋଇଥାଏ। ଏହି ଦିବସକୁ ବିଶ୍ୱପ୍ରସିଦ୍ଧ ସଂସ୍କୃତ ଗୀତିକାବ୍ୟ 'ଶ୍ରୀ ଗୀତ ଗୋବିନ୍ଦ'ର ରଚୟିତା ତଥା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ ଦେବକବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ଦିବସ ଭାବେ ପାଳିତ ହୋଇଥାଏ। ତାଙ୍କ ରଚିତ 'ଶ୍ରୀ ଗୀତ ଗୋବିନ୍ଦ' ହେଉଛି ଆମ ରାଜ୍ୟର ବହୁମୂଲ୍ୟ ସାଂସ୍କୃତିକ ସଂପଦ। 'ଶ୍ରୀ ଗୀତ ଗୋବିନ୍ଦ' ଏକ ହୃଦୟସ୍ପର୍ଶୀ, ଭାବଗର୍ଭକ ଓ ଲୋକପ୍ରୀୟ ଭକ୍ତି ରସାତ୍ମକ ଗୀତିକାବ୍ୟ ଭାବରେ ଲୋକଙ୍କ ଦ୍ୱାରା ଅତି ପ୍ରାଚୀନ କାଳରୁ ଆଦୃତ ହୋଇ ଆସୁଅଛି।

ଏହି ପବିତ୍ର ଅକ୍ଷୟ ତୃତୀୟା ଦିନ କୃଷକ ମାନଙ୍କର ଧାନ କ୍ଷେତରେ ଅକ୍ଷିମୁଠି ଅନୁକୂଳ ହୁଏ । କୃଷକ ଗୃହିଣୀ ଏକ ବେତ ଟୋକେଇ ଓ ଗୌଣୀକୁ ଗୋବର ପାଣିରେ ଲେପନ କରି ଶୁଦ୍ଧ କରିଥାଏ। ତାପରେ ଏହାର ବାହାର ପଟକୁ ଚାଉଳ ବଟା ଆଣି ଓ ଢ଼ାଉରେ ଚିତ୍ର ଆଙ୍କେ। ସକାଳୁ କୃଷକ ସ୍ନାନ କରି ନୂଆ ଲୁଗା ପିନ୍ଧେ। ତାପରେ ଘରେ ରହିଥିବା ଏକ ଓଳିଆରୁ ଧଳା ଧାନ ବାହାର କରି ଟୋକେଇ ଓ ଗୌଣୀରେ ଭର୍ତ୍ତି କରେ। ଟୋକେଇ ଧାନ ଉପରେ ଗୌଣୀକୁ ରଖେ। ନୂଆଁ ବା ସଫା କପଡ଼ା ଆଣି ଏହି ଟୋକେଇ-ଗୌଣୀ ଉପରେ ଘୋଡେଇ ଦିଏ। ଏଥି ସହିତ ଗୋଟିଏ ଲଙ୍ଗଳ ଲୁହା ଓ ଏକ ସ୍ୱର୍ଣ୍ଣ ଅଳଙ୍କାର ଏହି ଟୋକେଇ ମଧ୍ୟରେ ରଖେ। ଧାନ କ୍ଷେତରେ ପୂଜା ପାଇଁ ପାଣି ଢ଼ାଳ, ଫୁଲ, ଚନ୍ଦନ, ଗୋଟା ଗୁଆ, ନଡ଼ିଆ, ଭୋଗ, ଦୀପ, କ୍ଷୀର ଇତ୍ୟାଦି ଏକାଠି କରେ। ତା'ପରେ କୃଷକ ଟୋକେଇ ଓ ଗୌଣୀକୁ ମୁଣ୍ଡାଇ କାନ୍ଧରେ କୋଡ଼ି ରଖି କ୍ଷେତକୁ ଶୁଭଯାତ୍ରା କରେ। କୃଷକ ଗୃହିଣୀ ଓ ତା'ର ପିଲାମାନେ ଭୋଗ ଓ ପୂଜା ସାମଗ୍ରୀ ଧରି ପଛରେ ଚାଲନ୍ତି। ଘରୁ ବାହାରିବା ବେଳେ ଶଙ୍ଖ ବାଜେ ଓ ହୁଳହୁଳି ପଡ଼େ। ଗୋଟିଏ କିଆରିରେ ପୁରୁଷାନୁକ୍ରମିକ ଭାବେ ସବୁ ବର୍ଷ ଅଖିମୁଠି ପଡ଼େ। ଏହାକୁ ଅଖିମୁଠି କିଆରି କୁହାଯାଏ। କୃଷକ କିଆରିରେ ପହଞ୍ଚି ପୂର୍ବକୋଣରେ ବିହନ, ଟୋକେଇ, ଗୌଣୀ, ପୂଜା ଓ ଭୋଗ ସାମଗ୍ରୀ ରଖି ପାଣି ଛିଞ୍ଚେ। ମନରେ ମା' ଧରିତ୍ରୀଙ୍କୁ ସୁମରଣା କରେ। ପୂର୍ବକୁ ମୁହଁ କରି କୋଡ଼ିରେ ମାଟିହାଣି ଗୁଣ୍ଡ କରେ। ବଳଦେବଙ୍କ ଆୟୁଧ ଲଙ୍ଗଳ ଲୁହା, ସ୍ୱର୍ଣ୍ଣ ଅଳଙ୍କାର ଓ ଗୁଆକୁ ମାଟି ଉପରେ ରଖି ଚନ୍ଦନ ସିନ୍ଦୁର ଓ ଫୁଲ ଦିଏ। ନଡ଼ିଆ ଭାଙ୍ଗି ତାର ପାଣି ଓ କ୍ଷୀର ଢ଼ାଳି ମା' ଧରିତ୍ରୀଙ୍କୁ ଶାନ୍ତ କରାଏ। ତାପରେ ବସୁମାତାଙ୍କ ଉଦ୍ଦେଶ୍ୟରେ ଭୋଗ ଦିଏ ଓ ଦୀପ ଜାଳେ। ପରିବାରର ଉପସ୍ଥିତ ଥିବା ସମସ୍ତେ ବସୁମାତାଙ୍କୁ ମୁଣ୍ଡିଆ ମାରନ୍ତି। ଏହାପରେ କୃଷକ ଟୋକେଇରୁ ତିନିମୁଠା ବିହନ ଥର ଥର କରି ଆଣି ସେହି ପୂର୍ବ କୋଣରେ ମାଟି ଗୁଣ୍ଡ ହୋଇଥିବା ସ୍ଥାନରେ ବୁଣେ। ତା'ପରେ ହାତମାରି ଉପର ମାଟିରେ ବିହନକୁ ଘୋଡାଇ ଦିଏ। ସେଠାରେ ପାଣି ଢ଼ାଳି ପୁଣି ବସୁମାତାଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଘରକୁ ଫେରେ। ସେଦିନ କୃଷକ ପରିବାରରେ ଖିରି, ଖେଚୁଡି ରନ୍ଧାଯାଇ ସମସ୍ତେ ଆନନ୍ଦରେ ଖାଆନ୍ତି। ଏହିଦିନ କୃଷକ ଗୃହିଣୀ ବାଡ଼ି, ବଗିଚା ଓ ଅଗଣାରେ ନାନାପ୍ରକାରର ଫଳଗଛ ସହିତ ପନିପରିବା ମଞ୍ଜି ଲଗାଇ ସେଗୁଡିକରୁ ଫଳ ପାଇବା ଆଶାରେ ବସୁମାତାଙ୍କୁ ପ୍ରଣାମ କରେ।

ଏହି ଅକ୍ଷୟ ତୃତୀୟା ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ କମ୍ବଦନ୍ତୀ ତଥ୍ୟ ସହିତ ବୈଜ୍ଞାନିକ କାରଣ ମଧ ରହିଛି। ଭୂମି କର୍ଷଣ ସମୟରେ ମହର୍ଷି ଜନକ ସୀତାଙ୍କୁ ଲାଭ କରିଥିବାରୁ ଏହିଭଳି ଏକ ଶୁଭ ଦିନରେ ଜମିରେ ବୀଜ ବପନ କଲେ ଭଲ ଆମଦାନୀ ମିଳିଥାଏ। ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ ସମୟରେ କୌଟଲ୍ୟଙ୍କ ଅର୍ଥଶାସ୍ତ୍ରରୁ ଜଣାଯାଏ ଯେ, ସେତେବେଳେ ସବୁ ପ୍ରକାରର ବୀଜ ବୁଣିବା ସମୟରେ ଏହାର ପ୍ରଥମ ମୁଠା ବୀଜକୁ ସ୍ୱର୍ଣ୍ଣଜଳରେ ଓଦାକରି ପ୍ରଥମ ବୁଣା ଆରମ୍ଭ କରାଯାଏ। ବୀଜ ବୁଣିବା ସମୟରେ କାଶ୍ୟପ ଋଷି ବା କ୍ଷେତ୍ରପତିଙ୍କୁ ପ୍ରଣାମ କରି ପ୍ରାର୍ଥନା କରାଯାଏ ଯେ, ଏ ବୀଜ ଅକ୍ଷୟ ହେଉ ଏବଂ ଏହି ବୀଜରୁ ପ୍ରଚୁର ଶସ୍ୟ ଉତ୍ପନ୍ନ ହେଉ। ସେହିପରି ଆଉ ଏକ ପ୍ରବାହ ହେଲା- ଏହି ଅକ୍ଷୟ ତୃତୀୟା ଦିନ ପବିତ୍ର ଗଙ୍ଗାନଦୀ ପୃଥିବୀରେ ଆବିର୍ଭୁତା ହୋଇଥିଲେ ତେଣୁ ସମଗ୍ର ପୃଥିବୀରେ କୃଷିଜମିକୁ ସୁଦୃଢ଼ କରିବା ପାଇଁ ଜଳର ଚିରନ୍ତନ ଉତ୍ସ ଗଙ୍ଗାନଦୀଙ୍କ ଆବିର୍ଭାବ ଦିବସ ରୂପେ ଏହି ଅକ୍ଷୟ ତୃତୀୟା ଦିବସଟିକୁ ଓଡ଼ିଶା ସମେତ ସମଗ୍ର ଭାରତରେ ଏକ ମହାନ ପବିତ୍ର ଦିବସ ରୂପେ ପାଳନ କରାଯାଇଥାଏ। ଏହିଦିନ ସ୍ତ୍ରୀଲୋକମାନେ ନିଜ ନିଜର ସନ୍ତାନ ମାନଙ୍କର ମଙ୍ଗଳ ଓ ପରମାୟୁ ବୃଦ୍ଧି ପାଇଁ "ଷଷ୍ଠୀ ଦେବୀ"ଙ୍କୁ ଆବାହନ କରିଥାଆନ୍ତି। ତେଣୁ ଷଷ୍ଠୀଦେବୀଙ୍କ ବିଶେଷ ଉପାସନାର ତିଥିଭାବେ ଅକ୍ଷୟ ତୃତୀୟା ଦିବସଟିକୁ ମାନ୍ୟତା ପ୍ରଦାନ କରାଯାଇଥାଏ। ଏଇତ ହେଲା କେତେକ ପୌରାଣିତ ତଥ୍ୟ ଉପରେ ଆଧାରିତ କିମ୍ବଦନ୍ତୀ।

ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ବିବେଚନା କରାଯାଏ, ଆମେ ଦେଖିବାଯେ ଯେକୌଣସି ବିହନ ବା ବୀଜର ଅଙ୍କୁରୋଦ୍‌ଗମ ପାଇଁ ମୁଖ୍ୟତଃ ତିନିଗୋଟି ଉପାଦାନ ଉପରେ ନିର୍ଭର କରେ। ତାହା ହେଲା ଉତ୍ତାପ, ଜଳ ଓ ଅମ୍ଳଜାନ। ଏଥିସହିତ କେତେକ ବୀଜ ବା ମଞ୍ଜିର ସଠିକ୍ ଅଙ୍କୁରୋଦ୍‌ଗମ ହେବାପାଇଁ ଆଲୋକର ମଧ ଆବଶ୍ୟକ ହୋଇଥାଏ। ଅନେକ କ୍ଷେତ୍ରରେ ମଧ ଦେଖାଯାଇଛି ଯେ-୦୦ ସେଣ୍ଟିଗ୍ରେଡ୍ ଉତ୍ତାପରୁ କମ୍ ଏବଂ ୪୮୦ ସେଣ୍ଟିଗ୍ରେଡ୍ ଉତ୍ତାପରୁ ଅଧିକ ହେଲେ, ମଞ୍ଜିର ଅଙ୍କୁରୋଦ୍‌ଗମ ପ୍ରକ୍ରିୟା ସଠିକ୍ ଭାବେ ସଙ୍ଗଠିତ ହୋଇପାରେ ନାହିଁ। ଖରିଫ୍ ଋତୁରେ ଧାନ ବିହନ ପାଇଁ ଆବଶ୍ୟକ ହେଉଥିବା ମାଟିର ଉଷ୍ମତା ବା ଉତ୍ତାପ ଏହି ଅକ୍ଷୟ ତୃତୀୟା ଠାରୁ ହିଁ ମିଳିଥାଏ। କିନ୍ତୁ ବର୍ତ୍ତମାନ ଜଳବାୟୁର ପରିବର୍ତ୍ତନ ଯୋଗୁ ପାଣିପାଗର ସମୟରେ ବ୍ୟାପକ ପରିବର୍ତ୍ତନ ଦେଖାଦେବା ସହିତ ଅକ୍ଷିମୁଠି ପ୍ରଚଳନ ବା ବିହନ ବିପଣନ ନିମନ୍ତେ ଅନୁକୁଳ ପାଗ ଓ ପରିବେଶରେ ବିଶେଷ ତାରତମ୍ୟ ଦେଖାଦେଇଛି। କୃଷକ ଏହି ଖରାଟିଆ ଚାଷ କରିବା ଦ୍ୱାରା ମାଟି ଭିତରେ ଥିବା ଅନିଷ୍ଟକାରୀ ପୋକଜୋକ, ଗେଣ୍ଡା ଶାମୁକା ଓ ଘାସ ଲତାର ଚେର ମାଟି ଉପରକୁ ଉଠିଆସି ଟାଣ ଖରାରେ ମରିଯାଆନ୍ତି। ଫଳରେ ମାଟି ବିଶୋଧିତ ହୁଏ ଏବଂ ଧାନର ଖରୁଡି ବୁଣା ପାଇଁ ଏହା ପ୍ରକୃଷ୍ଟ ସମୟ ଅଟେ। ତା'ପରେ ପ୍ରାକ୍ ମୌସୁମୀ ବର୍ଷାରେ ଧାନ ବିହନରେ ଗଜା ସୃଷ୍ଟି ହୋଇ ଧାନ ଗଛରେ ପରିଣତ ହୁଏ। ଜମି ଭଲକରି କର୍ଷଣ ହେବାଦ୍ୱାରା ଧାନ ବିହନର ଅଙ୍କୁରୋଦ୍‌ଗମ ହେବାପାଇଁ ଅମ୍ଳଜାନ ସହଜରେ ମିଳିଥାଏ। ଖରାଟିଆ ଚାଷ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ହେବା ଦ୍ୱାରା ଧାନ ଗଛର ବୃଦ୍ଧି ଘଟିଥାଏ । ବର୍ତ୍ତମାନ ଜଳବାୟୁର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆକାଶରେ ମେଘ ବାଦଲକୁ ଚାହିଁ କୃଷକମାନଙ୍କ ବିହନ ବୁଣିବା ହେଉଛି ପ୍ରକୃଷ୍ଟ ସମୟ ।

ଭାରତୀୟ ପାଣିପାଗ ବିଭାଗ (ଆଇ.ଏମ୍.ଡ଼ି)ଏବଂ ପାଣିପାଗ ବିଶେଷଜ୍ଞଙ୍କ ସୂଚନା ମୁତାବକ ଚଳିତ ବର୍ଷ ଭଲ ବର୍ଷା ହେବାର ସମ୍ଭାବନା ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱଭାବିକ ହେବାର ଆଶଙ୍କା ରହିଛି । ଆମ ରାଜ୍ୟ ତଥା ଦେଶର ସବୁ ପ୍ରାନ୍ତରେ ସମାନୁପାତ ବର୍ଷା ହେବା ସହ ଅର୍ଥନୀତି ପାଇଁ ମଧ ଏକ ଅନୁକୂଳ ପରିବେଶ ରହିବ ବୋଲି ପରିକଳ୍ପନା କରାଯାଇଛି ।



ଆମ ରାଜ୍ୟରେ ଆଗରୁ ଯେଉଁଭଳି ଚାଷୀଙ୍କ ଘରେ ଘରେ ବଡ଼ ବଡ଼ ହଳ ବଳଦ ମାନ ଗାଁ ଦାଣ୍ଡରେ ବନ୍ଧା ହେବାର ଦେଖା ଯାଉଥିଲା, ତାହା ଏବେ ଆଉ ଦେଖାଯାଉ ନାହିଁ। ବଳଦ ଗାଁରେ ଖୋଜିଲେ ଆଉ ମିଳୁନାହିଁ। ଗାଁ ମାନଙ୍କରେ ଟ୍ରାକ୍ଟର ଦ୍ୱାରା ଚାଷ କାର୍ଯ୍ୟକୁ ଚାଷୀଭାଇ ମାନେ ପ୍ରାୟ ଆଦରି ନେଉଛନ୍ତି। ବର୍ତ୍ତମାନ ବଳଦ ଦ୍ୱାରା ଗଭୀର ଚାଷ ପ୍ରଣାଳୀ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଯାହାଫଳରେ ମାଟିର ଉର୍ବରତା ରକ୍ଷା ସହିତ ଜୈବିକ ଉପାୟରେ ଫସଲ ଉତ୍ପାଦନ ବୃଦ୍ଧି ନେଇ ପ୍ରଶ୍ନବାଚୀ ହୋଇ ଉଠିଛି। ଗ୍ରାମାଞ୍ଚଳରେ ଟ୍ରାକ୍ଟର ବା ପାୱାର ଟିଲରର ବହୁଳ ବ୍ୟବହାର ଯୋଗୁଁ ବଳଦଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି ବା ଆଉ ଦେଖିବାକୁ ମିଳୁନାହିଁ । ଛୋଟ ଛୋଟ ଜମି ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ବଳଦ ନଥିବା ଯୋଗୁଁ ଚାଷ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକମାନେ ଅଣ୍ଡିରା ବାଛୁରୀକୁ ବଳଦ ହେବା ପୂର୍ବରୁ ବିକ୍ରି କରି ଦେଉଛନ୍ତି କିମ୍ବା ଷଣ୍ଢ କରି ବାହାରକୁ ଛାଡ଼ି ଦେଉଛନ୍ତି । ଗାଁଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏହି ଷଣ୍ଢମାନଙ୍କର ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ଦୁର୍ଘଟଣା ଘଟି ଅନେକ ଜୀବନହାନୀ ଘଟୁଛି।

କୃଷି ଓ କୃଷକର ଉନ୍ନତିରେ ରାଜ୍ୟ ତଥା ଦେଶର ପ୍ରଗତି ସମ୍ଭବ । ତେଣୁ କୃଷକର ଉନ୍ନତି ନିମନ୍ତେ ସରକାର ବଦ୍ଧ ପରିକର । ସେଥିପାଇଁ ରାଜ୍ୟ ସରକାର କୃଷି ବିଭାଗକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନାମରେ ନାମିତ କରିଛନ୍ତି । ବର୍ତ୍ତମାନ ଆମ ରାଜ୍ୟ ଜାତୀୟ ସ୍ତରରେ ଖାଦ୍ୟଶସ୍ୟ ଉତ୍ପାଦନରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହୋଇ ପାରିଛି। ସେଥିପାଇଁ ଆମ ରାଜ୍ୟର କୃଷି ବୈଜ୍ଞାନିକ ଓ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ, କୃଷକ ଭାଇ ମାନଙ୍କ ଅକ୍ଳାନ୍ତ ପରିଶ୍ରମ, ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ କୃଷି ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଦିଗ୍‌ଦର୍ଶନ ଓ ପ୍ରେରଣା ଯୋଗୁ ଆଜି ଆମ ରାଜ୍ୟ କୃଷି ଉତ୍ପାଦନ କ୍ଷେତ୍ରରେ ଏହି ସମ୍ମାନର ଅଧିକାରିଣୀ ହେବା ସମ୍ଭବପର ହୋଇପାରିଛି।

ରାଜ୍ୟରେ କୃଷକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ସହିତ କୃଷିର ବିକାଶ ପାଇଁ କର୍ଣ୍ଣାଟକ ରାଜ୍ୟ ପରେ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଛନ୍ତି । ଯାହାକି ଏକ ସ୍ୱାଗତ ଯୋଗ୍ୟ ଓ ପ୍ରଶଂସନୀୟ ପଦକ୍ଷେପ । ଯାହା ଫଳରେ କୃଷି ଓ କୃଷକର ବିକାଶ ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଦିବସର ଗୁରୁତ୍ୱକୁ ଉପଲକ୍ଷ କରି ସରକାର ଏହି ଦିବସକୁ 'କୃଷକ ଦିବସ' ଭାବରେ ପାଳନ କରୁଛନ୍ତି । କୃଷକ କୃଷି କାର୍ଯ୍ୟ କରିବା ସମୟରେ ବିହନ ଓ ସାରର ଆବଶ୍ୟକତା ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର କର୍ପସ ପାଣ୍ଠି ଗଠନ କରାଯାଇଛି । ଯାହାଫଳରେ କୃଷକମାନେ ଆଉ ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ପ୍ରତିବର୍ଷ କୃଷକମାନଙ୍କୁ ଚାଷ ଆରମ୍ଭରେ କୃଷି ଋଣ ସୁଧ ରିହାତି ହାରରେ ପ୍ରଦାନ କରୁଛନ୍ତି । ଏଥି ସହିତ କୃଷି ଓ କୃଷକର ଉନ୍ନତି ସହିତ ଆମ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି । ରାଜ୍ୟରେ କୃଷକ ମାନଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ଭୁବନେଶ୍ୱର ଠାରେ ଏକ ବୃହତ କୃଷକ ଭବନ ସ୍ଥାପନ କରାଯାଇଛି ।

ଏହି ଅକ୍ଷୟ ତୃତୀୟା ପାଳନ ଅବସରରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଭୂମିପୂଜା, ଅଖିମୁଠି ଅନୁକୂଳ, ଭଜନ କୀର୍ତ୍ତନ ସଭା ଓ କୃଷକମାନଙ୍କ ସମ୍ବର୍ଦ୍ଧନା ପ୍ରଦାନ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଅଛି। ତେଣୁ ଆମ ରାଜ୍ୟର ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ପରିବର୍ତ୍ତିତ ଜଳବାୟୁକୁ ଆଖିଆଗରେ ରଖି ଦୃଢ଼ ମନୋବଳ ନେଇ ଚାଷକାର୍ଯ୍ୟ ଅବ୍ୟାହତ ରଖିବା ପାରିଲେ ଏହି ଅକ୍ଷୟ ତୃତୀୟା ଉତ୍ସବର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବା ସହିତ ଆମ ରାଜ୍ୟ ସର୍ବଭାରତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ ହୋଇପାରିବ।

*ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,*
*ଜଗତସିଂହପୁର*
*ମୋ - ୯୪୩୭୬୦୭୩୧୨*

# ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ପକ୍ଷରୁ ମଧୁସୂଦନ ଜୟନ୍ତୀ ପାଳିତ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ସମାରୋହୟ ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ହାଇକୋର୍ଟ ର ମୁଖ୍ୟ ବିଚାରପତି ଡଃ ଏସ୍ ମୁରଲୀଧର ସାରା ଓଡ଼ିଶା ର ଆଇନଜୀବୀ ମାନଙ୍କୁ ଆଭାଷୀ କାର୍ଯ୍ୟକ୍ରମ ଜରିଆରେ ଉଦବୋଧନ ଦେଇ ମଧୁବାବୁ ଆଇନଜୀବୀ ମାନଙ୍କ ପ୍ରେରଣା ର ଉତ୍ସ ବୋଲି କହିଥିଲେ। ଆଇନ ଭିତ୍ତିଭୂମି ର ବିକାଶ ପାଇଁ ନିରନ୍ତର ଉଦ୍ୟମ ଚାଲିଛି ଓ ଏହି ପରିପ୍ରେକ୍ଷୀରେ ଓଡ଼ିଶା ର ସମସ୍ତ ଜିଲ୍ଲାର କୋର୍ଟ ଗୃହ ଗୁଡ଼ିକ ଆଧୁନିକ ଶୈଳୀରେ ନିର୍ମିତ ହୋଇସାରିଛି ଓ ଆଗକୁ ନ୍ୟାୟ ସେବାରେ କିଭଳି ଉନ୍ନତି ହେଇପାରିବ ସେଥିପ୍ରତି ହାଇକୋର୍ଟ ଦୃଷ୍ଟି ଦେବେ ବୋଲି ସେ' କହିଥିଲେ। ଏହି ଅବସରରେ ଯୁବ ଆଇନଜୀବୀ ମାନଙ୍କୁ ଆଇନ ବୃତ୍ତିରେ ଉତ୍ସାହିତ କରିବା ପାଇଁ ମୁଖ୍ୟ ବିଚାରପତି 'ଓଡ଼ିଶା ହାଇକୋର୍ଟ ପ୍ରମିଜିଙ୍ଗ ଲୟର୍' ନାମରେ ଏକ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ପ୍ରତିବର୍ଷ ପ୍ରତ୍ୟେକ ଜିଲ୍ଲା ର ଜଣେ ଆଇନଜୀବୀ ଙ୍କୁ ନିଜ ବୃତ୍ତିଗତ ଦକ୍ଷତା ପାଇଁ ଦଶହଜାର ଟଙ୍କା ର ଆଇନ ପୁସ୍ତକ ସହ ଉତ୍ତରୀୟ ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯିବ । ଏଥିପାଇଁ ଜିଲ୍ଲା ସ୍ତରରେ ଜିଲ୍ଲା ଜଜ୍, ଆଇନଜୀବୀ ସଂଘ ସଭାପତି ଓ ଦୁଇ ଜଣ ବରିଷ୍ଠ ଆଇନଜୀବୀ ଙ୍କ କମିଟି ଗଠନ କରାଯାଇ ନିଷ୍ପତ୍ତି ନିଆଯିବ। ଜିଲ୍ଲା ଆଇନଜୀବୀ ସଂଘ ତରଫରୁ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସଞ୍ଜୀବ ଦୁବେ ଯୋଗ ଦେଇ ଆଜିର ନୂତନ ଓଡିଶା ମଧୁବାବୁଙ୍କ ଯୋଗୁଁ ସମ୍ଭବ ହୋଇଛି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ର କୁଳପତି ପ୍ର. ଡଃ ଶରତ କୁମାର ପାଳିତ ଯୋଗ ଦେଇ ଆଇନଜୀବୀ ମାନଙ୍କ ପ୍ରତି ମଧୁସୂଦନ ଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପରିବାର ଅଦାଲତ ବିଚାରପତି ଡଃ ମୁନ୍ ରାଣୀ ମିଶ୍ର ଓ ରାଜ୍ୟ ଆଇନଜୀବୀ ପରିଷଦ ର ପୂର୍ବତନ ସଦସ୍ୟ ବିଷ୍ଣୁ ପ୍ରସାଦ ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରତି ଓ ଆଇନଜୀବୀ ଙ୍କ ପ୍ରତି ମଧୁସୂଦନ ଦାସଙ୍କ ଜୀବନ ପୂର୍ଣ୍ଣ ସମର୍ପିତ ଥିଲା ବୋଲି କହିଥିଲେ । ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାମ ପ୍ରସାଦ ପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ବିଜୟ କୁମାର ମିଶ୍ର, ଆଇନଜୀବୀ କୁଞ୍ଜ ବିହାରୀ ଦାଶ ଓ କିଶୋରୀ ପଟ୍ଟନାୟକ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ପ୍ରଭାତରେ ସହର ମଧ୍ୟରେ ଥିବା ମଧୁସୂଦନ ପ୍ରତିମୂର୍ତ୍ତୀରେ ଓ ନୂତନ ଓ ପୁରାତନ କୋର୍ଟ ପରିସରରେ ଥିବା ପ୍ରତିମୂର୍ତ୍ତୀରେ ସଂଘ ତରଫରୁ ଓ କୋର୍ଟ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସଂଗୀତ ଶିକ୍ଷକ ଓ ଜିଲ୍ଲା ସାଂସ୍କୃତିକ ସଂଘର ଛାତ୍ରୀ ମାନେ ଉତ୍କଳ ବନ୍ଦନା ପରିବେଷଣ କରିଥିଲେ ଓ ଆଇନଜୀବୀ ସୁବୋଧ ଚନ୍ଦ୍ର ବେହେରା ସଂଗୀତ ଗାନ କରିଥିଲେ। ଶେଷରେ ଉପ ସଭାପତି ବିଧୁ ଶେଖର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ନିରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ଜଜ୍ ଶିବ ପ୍ରସାଦ ମିଶ୍ର, ରେଜିଷ୍ଟ୍ରାର ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ଅନ୍ନପୂର୍ଣ୍ଣା ନାୟକ, ଏସ୍ ଡି ଜେ ଏମ୍ ପ୍ରିୟରଞ୍ଜନ ଓଝା, ଯୁଗ୍ମ ସମ୍ପାଦକ ଅନୀଲ ଜ୍ୟୋତି ଚନ୍ଦ୍ର ଦୀନବନ୍ଧୁ, କୋଷାଧ୍ୟକ୍ଷ ବାଲାଜୀ ପ୍ରସାଦ ମିଶ୍ର, କାର୍ଯ୍ୟ କାରିଣୀ ସଦସ୍ୟ ବିରେନ୍ଦ୍ର କୁମାର ନାୟକ, ଉମେଶ ଚନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବିନ୍ଦ୍ର ଜଗନ୍ନାଥ ନାୟକ, ନରେନ୍ଦ୍ର ମହାପାତ୍ର, ଆଇନଜୀବୀ ସି. ଏଚ୍. ବାବା ଯୁଗନ୍ଧର, ରବିନ୍ଦ୍ର ପ୍ରସାଦ ପାଢ଼ୀ, ରବି ପ୍ରସାଦ ଶତପଥୀ, ସୁଧାକର ପଟ୍ଟନାୟକ, ଗଜପତି ପଟ୍ଟନାୟକ, ସମରେଶ ଗନ୍ତାୟତ, ଜେନିଫର ସୁନା, ସ୍ନେହଲତା ଦେବୀ, ଅନୁପମା ଗନ୍ତାୟତ, ମିନାକ୍ଷୀ ପାଢ଼ୀ, ପ୍ରଫୁଲ୍ଲ ସିଂ, ହରି ନାରାୟଣ ବେହେରା, ପ୍ରଦୀପ ସାହୁ, ଶ୍ରୀନିବାସ ପାତ୍ର, ଦିଲ୍ଲୀପ ବେହେରା, ଦେବୀ ପ୍ରସାଦ ସିଂ, ଆସେର ଜାନୀ, ତ୍ରିପତି ମାଝୀ, ହେମନ୍ତ ସ୍ୱାଇଁ, ଶ୍ରୀକାନ୍ତ କୁମାର ପଣ୍ଡା, ଶର୍ମିଷ୍ଠା ରଥ, ସୁରଭି ତ୍ରିପାଠୀ, ମିନତି ମହାପାତ୍ର, ପଙ୍କଜିନୀ ତ୍ରିପାଠୀ, ରାକ୍ଷୀ ଜୈନ, ସନ୍ଧ୍ୟା ରାଣୀ ପଣ୍ଡା, ସୁଦର୍ଶନ ପାତ୍ର, ସୁରଜ ନାୟକ, ସନ୍ଦୀପ ମିଶ୍ର, ସିରାଜୁଦ୍ଦିନ ଅହମ୍ମଦ, ଅବନୀ କାନ୍ତ ଦାଶ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ମହମ୍ମଦ ତାଜ ଇମ୍ରାନ ସରିଫ, ତାରିଣୀ କୁମାର ଦାଶ, ଅରୁଣ ପ୍ରସନ୍ନ ନାୟକ, ଦେବେନ୍ଦ୍ର ହରିଜନ, ତପନ ପାଣିଗ୍ରାହୀ, ସନ୍ତୋଷ ମିଶ୍ର ମୁରଲୀ ଧର ପଟ୍ଟନାୟକପ୍ରମୁଖ ଯୋଗଦେଇଥିଲେ।




# ଶକ୍ତିପୀଠ ଝଙ୍କଡ ଶାରଳାଙ୍କ ମନ୍ଦିର ପ୍ରାଙ୍ଗଣରେ ୫ଟି ସଚିବ

**ଜଗତ୍‌ସିଂହପୁର (ଜ୍ୟୋତିରଂଜନ ପଟ୍ଟନାୟକ):** ସମଗ୍ର ଓଡିଶାର ଏକ ଶକ୍ତିପୀଠ ଝଙ୍କଡ ସ୍ଥିତ ମା ଶାରଳାଙ୍କ ମନ୍ଦିରକୁ ସକାଳ ୭ଘଟିକା ସମୟରେ ୫ଟି ସଚିବ ଭିକେ ପାଣ୍ଡିୟାନ ହଠାତ ପଂହଚିବା ଘଟଣା ଯେତିକି ରୋଚକ ପୂର୍ଣ୍ଣ ଥିଲା ସେତିକି ବି ଜନସାଧାରଣକୁ ଆଶ୍ଚର୍ଯ୍ୟଜନିତ କରିଥିଲା। ୫ଟି ସଚିବ ପାଣ୍ଡିୟାନଙ୍କ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କଲା ପରେ ଶାରଳାଙ୍କ ପୀଠକୁ ଗସ୍ତ କରିବା ଏହା ପ୍ରଥମ ଘଟଣା ହୋଇପାରେ। ଆଗରୁ ଏହି ପୀଠକୁ ନିଜ ପତ୍ନୀଙ୍କ ସହିତ ଆସିଥିଲେ ବି ତାଙ୍କୁ ଏପରି କେବେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇନଥିବା ବେଳେ ଚଳିତ ଗ୍ରସ୍ତ କାର୍ଯ୍ୟକ୍ରମରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଓଡିଶା ଇତିହାସରେ ଜଣେ ଦକ୍ଷ ପ୍ରଶାସକ ତଥା ଜ୍ଞାନୀ ଗୁଣିବ୍ୟକ୍ତି ଭାବେ ସେ ଯେପରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ତାହାର ଏକାନ୍ତ ନମୁନା ଶାରଳାଙ୍କ ପୀଠ ସ୍ଥଳୀରେ ଦେଖିବାକୁ ମିଳିଥିଲା। ମନ୍ଦିର ପରିସରରେ ପହଂଚିଲା ମାତ୍ରେ ନିଜ ପାଦରୁ ଚପଲ ଓହ୍ଲାଇ ଓ ମୁହଁରେ ମାସ୍କ ପରିଧାନ କରି ମା ଶାରଳାଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିରର ବେଢା ପ୍ରଦୀକ୍ଷଣ କରିବା ବେଳେ ତାଙ୍କ ସହିତ ପୀଠର ବହୁ ସେବାୟତ, ବୁଦ୍ଧିଜୀବି ଓ ଜନସାଧାରଣ ବି ଉପସ୍ଥିତ ରହି ମନ୍ଦିରର ଉନ୍ନତିକରଣ, ମନ୍ଦିର ସମ୍ମୁଖ ସିଂହଦ୍ୱାର ନବୀକରଣ, ମାଶାରଳାଙ୍କ ଚନ୍ଦନ ପୋଖରୀ ପୁନରୁଦ୍ଧାର ସହିତ ପୀଠଟିର ସୌନ୍ଦର୍ଯ୍ୟ କରଣ ଓ କଟକ-ପାରାଦ୍ୱୀପ ରାସ୍ତା ନିକଟରୁ ମା ଶାରଳାଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତାଟିର ପ୍ରଶସ୍ତିକରଣ ଓ ଆଲୋକିକରଣ କରିବା ସମ୍ପର୍କରେ ମନ୍ଦିର ସେବାୟତ ଏବଂ ଜନସାଧାରଣଙ୍କ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ୫ଟି ସଚିବ ସେଠାରେ ଉପସ୍ଥିତ ଥିବା ଜିଲ୍ଲାପାଳ ପାରୁଲ ପଟୱାରୀଙ୍କୁ ସମସ୍ତ ଦାବି ଗୁଡିକ ଉପରେ ଗୁରୁତ୍ୱ ଦେଇ ଓ ପୀଠଟିର ବିକାଶ ଲାଗି ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏହି ପୀଠ ନିକଟକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଯାତ୍ରୀମାନେ ଆସି ପହଂଚୁଥିବା ବେଳେ ସେମାନଙ୍କର ରାତ୍ରୀଯାପନ ନିମନ୍ତେ କୌଣସି ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇନଥିବାରୁ ଏଠାରେ ଏକ ପାନ୍ଥଶାଳା ନିର୍ମାଣ କରିବାକୁ ସାଧାରଣରେ ବି ଦାବି କରାଯାଉଛି। ୫ଟି ସଚିବ ସମସ୍ତ ବେଢା ପରିଦର୍ଶନ କରି ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ପୀଠଟିର ପାରିପାର୍ଶ୍ୱିକ ବିକାଶ ପ୍ରସ୍ତୁତ କରି ୧୫ଦିନ ମଧ୍ୟରେ ମାଷ୍ଟର ପ୍ଲାନ ପଠାଇବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ଉନ୍ନତି କରଣ ନିମନ୍ତେ ଆର୍ଥିକ ଅଭାବ ରହିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଏହି ୫ଟି ସଚିବଙ୍କ ଉଦ୍ୟମ କ୍ରମେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଉନ୍ନତୀକରଣ, ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମନ୍ଦିରର ଉନ୍ନତୀକରଣ, ମା କଟକ ଚଣ୍ଡୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟକ୍ରମ ସବୁ ଆଗେଇ ନେଉଥିବା ବେଳେ ମା ଶାରଳାଙ୍କ ପୀଠଟି ଆଗାମୀ ଦିନରେ ବିକାଶ ଧାରାରେ ଆଗେଇ ଯିବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ୫ଟି ସଚିବଙ୍କ ଏପରି ହଠାତ୍ ଗ୍ରସ୍ତକୁ ନେଇ ରାଜନୈତିକ ମହଲରେ ଏକ ପ୍ରକାର ଭାଳେଣି ପଡିଗଲାଣି। ଏପରିକି ସେଠାରେ ଶାସକ ଦଳର ନେତା, ମନ୍ତ୍ରୀ ଓ କର୍ମୀମାନଙ୍କୁ ଦେଖିବାକୁ ମିଳିନଥିବା ବେଳେ ଜିଲ୍ଲାପାଳ ପଟୁୱାରୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂହ, ଜିଲ୍ଲାର ବରିଷ୍ଠ ଅଧୀକାରୀ , ସେବାୟତ ଓ ବହୁ ସଂଖ୍ୟାରେ ଜନସଧାରଣଙ୍କୁ ଦେଖିବାକୁ ମିଳିଥିଲା। ୫ଟି ସଚିବଙ୍କ ଗ୍ରସ୍ତ କାର୍ଯ୍ୟକ୍ରମ ଖୁବ୍ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିଲା। ଆଗାମୀ ଦିନରେ ଶାରଳା ପୀଠରେ କି ଉନ୍ନତିକରଣ ହେବ ସେ ନେଇ ସାଧାରଣରେ ଆଲୋଚନା ହେଉଛି।



# ପ୍ରତିଭାବାନ ବ୍ୟକ୍ତି ଦେଶର ଭାଗ୍ୟ ପରିବର୍ତ୍ତନ କରିଛନ୍ତି : ଧର୍ମେନ୍ଦ୍ର



**ବେଙ୍ଗାଲୁରୁ/ଭୁବନେଶ୍ୱର :** କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଭାରତୀୟ ବିଜ୍ଞାନ ସଂସ୍ଥା (ଆଇଆଇଏସସି), ବେଙ୍ଗାଲୁର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତିର କଳ୍ପନା ଏବଂ ଯଥାର୍ଥତାକୁ ବାସ୍ତବ ରୂପ ଦେବା ପାଇଁ ପଥ ପରିଷ୍କାର କରୁଥିବା ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନସିଏଫ)ର ଆଧିକାରିକ ନିର୍ଦ୍ଦେଶ ପତ୍ରର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ବିଜ୍ଞାନ ସଂସ୍ଥା, ବେଙ୍ଗାଲୁରୁ ସହ ଜଡ଼ିତ ସିଭି ରମଣ, ଡ଼. ହୋମି ଭାବା, ବିକ୍ରମ ସାରାଭାଇ, ଡ଼ା. ଏପିଜେ ଅବଦୁଲ କଲାମଙ୍କ ଭଳି ଅନେକ ପ୍ରତିଭାବାନ ବ୍ୟକ୍ତି ଦେଶର ଭାଗ୍ୟ ପରିବର୍ତ୍ତନ କରିଛନ୍ତି। ଏଭଳି ଏକ ସ୍ଥାନରେ ଆମର ଭବିଷ୍ୟତର ଦସ୍ତାବିଜକୁ ଶୁଭାରମ୍ଭ କରିବା ଗୌରବର ବିଷୟ। ଯଦି ଜାତୀୟ ଶିକ୍ଷା ନୀତି ହେଉଛି ସିଦ୍ଧାନ୍ତ ତେବେ ଜାତୀୟ ପାଠ୍ୟକ୍ରମ ରୂପରେଖ ବା ଏନସିଏଫ ହେଉଛି ପଥ ପ୍ରଦର୍ଶକ ଏବଂ ଉନ୍ମୋଚିତ ହୋଇଥିବା ଆଧିକାରିକ ନିର୍ଦ୍ଦେଶ ପତ୍ର ହେଉଛି ଏହାର ସମ୍ବିଧାନ ଯାହା ଆମ ଭବିଷ୍ୟତର ସଭ୍ୟତା ଉପରେ ସକରାତ୍ମକ ପ୍ରଭାବ ପକାଇବ। ଏହି ଆଧିକାରିକ ନିର୍ଦ୍ଦେଶାବଳି ଜାତୀୟ ପାଠ୍ୟକ୍ରମ ରୂପରେଖକୁ ବିକଶିତ କରିବାରେ ସାହାଯ୍ୟ କରିବ। ଶିଶୁଙ୍କ ସାମଗ୍ରିକ ବିକାଶ କରିବା ଦକ୍ଷତା ଉପରେ ଗୁରୁତ୍ୱ ଦେବ । ସେହିପରି ଶିକ୍ଷକଙ୍କ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା, ମାତୃଭାଷାରେ ଶିକ୍ଷାଲାଭ ଏବଂ ସଂସ୍କୃତିର ମୂଳଦୁଆ ଉପରେ ଗୁରୁତ୍ୱ ଦେବ। ଆଧିକାରିକ ନିର୍ଦ୍ଦେଶ ପତ୍ର ଦ୍ୱାରା ଜାତୀୟ ପାଠ୍ୟକ୍ରମର ରୂପରେଖ ଏନସିଏଫ୍ ବିକଶିତ କରାଯିବ । ଏନସିଏଫକୁ ଏକ ସହଯୋଗୀ ଏବଂ ପରାମର୍ଶ ପ୍ରକ୍ରିୟା ମାଧ୍ୟମରେ ପ୍ରସ୍ତୁତ କରାଯାଉଛି, ଯାହା ଜିଲ୍ଲାରୁ ଆରମ୍ଭ ହୋଇ ରାଜ୍ୟ ସ୍ତର ଏବଂ ପୁନଶ୍ଚ ଜାତୀୟ ସ୍ତର ପର୍ଯ୍ୟନ୍ତ ହେବ। ଜାତୀୟ ପାଠ୍ୟକ୍ରମର ରୂପରେଖର ବିକାଶ ପାଇଁ ସ୍ଥିତି ପତ୍ରର ଗାଇଡଲାଇନ୍ ଏହି ଆଧିକାରିକ ନିର୍ଦ୍ଦେଶ ପତ୍ରର ଏକ ଅଭିନ୍ନ ଅଙ୍ଗ ଅଟେ। ଏହି ଅବସରରେ ଜାତୀୟ ପାଠ୍ୟକ୍ରମ ରୂପରେଖର ଜାତୀୟ ସଂଚାଳନ ସମିତିର ଅଧ୍ୟକ୍ଷ ଡା. କେ. କସ୍ତୁରିରଙ୍ଗନ, କର୍ଣ୍ଣାଟକର ଉଚ୍ଚ ଶିକ୍ଷା ମନ୍ତ୍ରୀ ଡା. ଅଶ୍ୱଥନାରାୟଣ ସି.ଏନ., କର୍ଣ୍ଣାଟକର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ମନ୍ତ୍ରୀ ଡା. ବି.ସି. ନାଗେଶ, ସ୍କୁଲ୍ ଶିକ୍ଷା ଏବଂ ସାକ୍ଷରତା ବିଭାଗ, ଶିକ୍ଷା ମନ୍ତ୍ରଣାଳୟର ସଚିବ ଅନିତା କରୱାଲ୍ ଏବଂ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନସିଇଆରଟି) ର ନିର୍ଦ୍ଦେଶକ ପ୍ରଫେସର ଡି.ପି. ସକଲାନି ପ୍ରମୁଖ ଉପସ୍ଥିତ ରହିଥିଲେ।

# ସତ୍ୟଭାମାପୁର ସବୁ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ କ୍ଷେତ୍ର : ନବୀନ

**ଭୁବନେଶ୍ୱର :** ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଠାରେ 'ଉତ୍କଳ ଗୌରବ ମଧୁସୁଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର' (ସଂଗ୍ରହାଳୟ ଏବଂ ବ୍ୟାଖ୍ୟା କେନ୍ଦ୍ର) ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମଧୁ ବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କ ଜୀବନୀ ହେଉଛି ଓଡ଼ିଆ ସ୍ୱାଭିମାନର ଗୌରବମୟ ଗାଥା। ଭିଡିଓ କନ୍‌ଫରେନ୍ସିଂ ଜରିଆରେ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ସତ୍ୟଭାମାପୁର ସବୁ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ କ୍ଷେତ୍ର। ଏହି ସଂଗ୍ରହାଳୟରେ ସମସ୍ତଙ୍କୁ ବିଶେଷ କରି ଯୁବ ପିଢିଙ୍କୁ ଓଡିଆ ସ୍ୱାଭିମାନର ସୁରକ୍ଷା ପାଇଁ ପ୍ରେରଣା ଦେଇ ଚାଲିବ ବୋଲି ସେ କହିଥିଲେ। ସତ୍ୟଭାମାପୁରକୁ ଏକ ଆଦର୍ଶ ଗ୍ରାମ ରୂପେ ବିକାଶ କରାଯାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ଗ୍ରାମକୁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳ ଭାବରେ ପରିଣତ କରିବା ପାଇଁ ସରକାରଙ୍କ ପଦକ୍ଷେପ ଜାରି ରହିବ। ମଧୁବାବୁଙ୍କ ଆଦର୍ଶରେ ଓଡିଶାକୁ ଶ୍ରେଷ୍ଠ ରାଜ୍ୟ କରିବାପାଇଁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇ କହିଲେ ଯେ ମଧୁବାବୁଙ୍କ ଜାତି ପ୍ରୀତି



ଓ ତ୍ୟାଗର ତୁଳନା ନାହିଁ । ଓଡ଼ିଆ ଜାତି ପାଇଁ ମଧୁବାବୁ ତାଙ୍କର ସବୁ କିଛି ତ୍ୟାଗ କରିଯାଇଛନ୍ତି। ତାଙ୍କ ପାଇଁ ଓଡ଼ିଆ ସ୍ୱାଭିମାନ ଥିଲା ସବୁଠୁ ଉପରେ। ତା ସହ ସେ କେବେବି ସାଲିସ କରିନାହାନ୍ତି। ଏ ଜାତି ପାଇଁ ତାଙ୍କର ଅବଦାନ ତାଙ୍କୁ ଓଡ଼ିଆ ଙ୍କ ହୃଦୟରେ ଯୁଗ ଯୁଗ ପାଇଁ ଅମର କରି ରଖିବ। ଓଡିଶାକୁ ମଧୁବାବୁଙ୍କ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଭାଷାକୁ ଭିତ୍ତିକରି ରାଜ୍ୟ ଗଠନ ପାଇଁ ମଧୁ ବାବୁଙ୍କ ଉଦ୍ୟମ, ତାଙ୍କର ଦୂର ଦୃଷ୍ଟିର ପରିଚୟ ଦିଏ। ସ୍ୱାଧୀନତା ପରେ ଭାଷା ସୂତ୍ରରେ ହିଁ ଭାରତର ଅନେକ ରାଜ୍ୟ ଗଠିତ ହୋଇଛି । କିନ୍ତୁ ସେତେବେଳେ ଓଡିଶା ଥିଲା ଭାଷା ଭିତିରେ ଭାରତର ପ୍ରଥମ ରାଜ୍ୟ। କାର୍ଯ୍ୟକ୍ରମରେ ଯୋଗ ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଲେ ଯେ ମଧୁ ବାବୁ ଥିଲେ ଓଡ଼ିଆ ଜାତିର ମୁଖ୍ୟ ପୁରୋଧା। ତାଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଆଜି ମଧୁ ସଂଗ୍ରହାଳୟ ଲୋକାର୍ପିତ କରିଛନ୍ତି। ଆଜି ସାରା ବିଶ୍ୱରେ ଥିବା ଓଡ଼ିଆ ମାନଙ୍କ ପାଇଁ ଗର୍ବ ଓ ଗୌରବର ଦିନ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସତ୍ୟଭାମାପୁର ଗାଁର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ସତ୍ୟଭାମାପୁରର ଉନ୍ନତି ପାଇଁ ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଭବାନୀ ଚରଣ ଚଇନି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସତ୍ୟଭାମାପୁର ମଧୁସୂଦନ ସାଂସ୍କୃତିକ ସଂଘର ସଭାପତି ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକ ସେବା ଭବନ ରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର ସଂପର୍କରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ସଂଗ୍ରହାଳୟରେ ମଧୁବାବୁଙ୍କ ଏନ୍ତୁଡ଼ି ଶାଳ, ପିଲା ଦିନର ବିରଳ ଫଟୋ, ଜନ୍ମ ଜାତକ, ଢ଼ିଙ୍କି ଆଦି ବିଭିନ୍ନ ବିରଳ ଜିନିଷ ସ୍ଥାନ ପାଇଛି।

# ବସୁନି ବୈଠକ, କାଗଜ କଲମରେ ଚାଲିଛି ଜିଲ୍ଲା ବିଦ୍ୟୁତ କମିଟି

**ଭୁବନେଶ୍ୱର :** ବିଦ୍ୟୁତ ବଳକା ରାଜ୍ୟ ଭାବେ ରାଜ୍ୟ ସରକାର କହୁଥିବା ବେଳେ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ମାତ୍ରେ ବିଦ୍ୟୁତ କାଟ ନିଅଣ୍ଟିଆ ପରିସ୍ଥିତିକୁ ଇଙ୍ଗିତ କରୁଛି। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ପରେ ମଧ ଗ୍ରାମାଞ୍ଚଳରେ ଦୈନିକ ୨ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ କାଟ କରୁଛନ୍ତି ବିଦ୍ୟୁତ ଯୋଗାଣକାରୀ କମ୍ପାନୀ। ତେବେ ଏ ସବୁ ଭିତରେ ବିଦ୍ୟୁତ ଭିତ୍ତିଭୂମି ଓ ସମସ୍ୟାର ସମାଧାନ ନିମନ୍ତେ ଗଠିତ ଜିଲ୍ଲା ବିଦ୍ୟୁତ କମିଟି (ଡିଇସି) ବୈଠକ ନିୟମିତ ହେଉନଥିବା ଜଣାପଡିଛି। ରାଜ୍ୟ ସରକାର ଏ ନେଇ ଜିଲ୍ଲା ବିଦ୍ୟୁତ କମିଟିଗୁଡିକୁ ତୁରନ୍ତ ବୈଠକ ଡାକିବାକୁ କହିଛନ୍ତି। ଏ ନେଇ ଶକ୍ତି ବିଭାଗର ଅତିରିକ୍ତ ସଚିବ ସମ୍ବିତ ପରିଜା ତୁରନ୍ତ ଜିଲ୍ଲା ବିଦ୍ୟୁତ କମିଟି ବୈଠକ ଡାକିବାକୁ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି। ବିଦ୍ୟୁତ ଯୋଗାଣ ଭିତ୍ତିଭୂମି ସଂକ୍ରାନ୍ତରେ ସମୀକ୍ଷା ନିମନ୍ତେ ଗତ ବର୍ଷ ନଭେମ୍ବରରେ ଜିଲ୍ଲା ବିଦ୍ୟୁତ୍ କମିଟି ପୁର୍ନଗଠନ ନିମନ୍ତେ କୁହାଯାଇଥିଲେ ମଧ ଏ ଯାଏଁ କୌଣସି ଜିଲ୍ଲାରୁ ତଥ୍ୟ ଆସିନଥିବା ଜଣାପଡିଛି। ଶକ୍ତି ବିଭାଗ ଲେଖିଥିବା ପତ୍ରରେ ଦର୍ଶାଯାଇଛି ଯେ ବିଭିନ୍ନ ଜିଲ୍ଲାରେ ସାଂସଦ କିମ୍ବା ବିଧାୟକ, ଯିଏ କି କମିଟିର ଅଧକ୍ଷ ରହିଛନ୍ତି, ସେମାନେ କମିଟି ଗଠନ ସଂକ୍ରାନ୍ତରେ ପ୍ରାୟତଃ କିଛି ଜାଣନ୍ତି ନାହିଁ। ତେବେ ଏ ନେଇ ଜିଲ୍ଲା ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ କି କମିଟିର ପୁର୍ନଗଠନ ସଂକ୍ରାନ୍ତରେ ଅଧକ୍ଷଙ୍କୁ କୌଣସି ସୂଚନା ଦିଆଯାଉନାହିଁ। ତେଣୁ ଜିଲ୍ଲା ବିଦ୍ୟୁତ କମିଟିଗୁଡିକ ପୁନର୍ଗଠନ କରି ବୈଠକ କରିବା ଲାଗି ଶକ୍ତି ବିଭାଗ କହିଛି।

# ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା କମିଟି ବୈଠକ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ବୈଠକରେ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା(ବନ୍ୟା) କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାନ୍ୟବର ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ ପ୍ରତିନିଧି ପ୍ରମୋଦ କୁମାର ପାଢୀ, ବିଧାୟକ ନବରଙ୍ଗପୁର ସଦାଶିବ ପ୍ରଧାନୀ, ମାନ୍ୟବର ବିଧାୟକ ଡାବୁଗାଁ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ ଉମେରକୋଟ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ସମସ୍ତ ପଞ୍ଚାୟତ ସମିତି ଅଧକ୍ଷ ଅଧକ୍ଷା, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ, ଭାସ୍କର ରଇତ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ମୌସୁମୀ ନାୟକ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ନିର୍ବାହି



ଅଧିକାରୀ। ବିଶେଷ କରି ବର୍ଷା ଦିନ ବନ୍ୟା ସମୟରେ ଏହାର ସଫଳ ମୁକାବିଲା କିପରି ଭାବରେ କରାଯାଇ ପାରିବ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଜିଲ୍ଲାରେ ଥିବା ଦୁର୍ବଳ ନଦୀ ବନ୍ଧ ଗୁଡିକ ଶୀଘ୍ର ଚିହ୍ନଟ କରି ତାର ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଡ଼ଃ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ବନ୍ୟା ପ୍ରବଣ ଅଞ୍ଚଳ ଗୁଡିକରେ ପ୍ରଯ୍ୟାପ୍ତ ପରିମାଣରେ ଚାଉଳ, କିରୋସିନି,ଚୁଡା, ଗୁଡ଼, ଗୋଖାଦ୍ୟ, ଔଷଧ ବ୍ୟତୀତ ଶୁଦ୍ଧ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଉପରେ ଯଥା ସମ୍ଭବ ଆଗୁଆ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳ ମାନଙ୍କରେ ସମ୍ଭାବ୍ୟ ମହାମାରୀକୁ ପ୍ରତିହିତ କରିବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସହିତ ଉପସ୍ଥିତ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ସେହି ପରି କୋଷାଗୁମୁଡ଼ା ବ୍ଲକର ଉକିଆପାଲି ପଞ୍ଚାୟତ ର ଘାଟବସୁଲି ଠାରେ ଏକ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ସାଂସଦ ପ୍ରତିନିଧି, ବିଧାୟକ, କୋଷାଗୁମୁଡ଼ା ବ୍ଲକ ଅଧକ୍ଷାଙ୍କ ସହିତ ସମସ୍ତ ନିର୍ବାଚିତ ପ୍ରତିନିଧି ଦାବି ଉପସ୍ଥାପନ କରିଥିଲେ। ବନ୍ୟା ବାତ୍ୟା ପରେ ପରେ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ସଡକ ପରିଷ୍କାର ଅର୍ଦ୍ଧ ଭଗ୍ନ ବିଦ୍ୟୁତ ଖୁଣ୍ଟ ଗୁଡିକର ମରାମତି ଓ ପୁନଃରୁଦ୍ଧାର ଆଦି ସମସ୍ତ ପ୍ରକାର କାର୍ଯ୍ୟ ଯୁଦ୍ଧକାଳିନ ଭିତ୍ତିରେ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୌସୁମୀ ବର୍ଷା ଆଗମନ ପୂର୍ବରୁ ଜିଲ୍ଲାରେ ଥିବା ସମସ୍ତ ନାଳ ନର୍ଦ୍ଦମା ଗୁଡିକୁ ସଫା ରଖିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଡ଼ଃ ମିଶ୍ର ପରାମର୍ଶ ଦେଇଥିଲେ। ବର୍ଷା ଦିନ ପୂର୍ବରୁ ବ୍ଲକ ମାନଙ୍କରେ ଥିବା ବୃଷ୍ଟି ମାପ ସ୍ଥାନ ଏବଂ ଉପକରଣ ଗୁଡ଼ିକର ସଠିକ ଅନୁଧ୍ୟାନ କରି ଆଗାମୀ ପାଞ୍ଚ ତାରିଖ ସୁଦ୍ଧା ଏକ ବିବରଣୀ ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ସଠିକ ବୃଷ୍ଟିର ପରିମାଣ ଜିଲ୍ଲା ଜରୁରୀକାଳୀନ ଉପବିଭାଗ କୁ ପ୍ରେରଣ କରିବା ପାଇଁ ସମ୍ପୃକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଅଛି ଅଙ୍ଗନବାଡି କେନ୍ଦ୍ର, ନାହିଁ ନିଜସ୍ୱ ଗୃହ

**ଜଗତ୍‌ସିଂହପୁର :** ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ପିଲାମାନଙ୍କ ଶାରିରୀକ ବିକାଶ ନିମନ୍ତେ ସରକାର ରାଜ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଆରମ୍ଭ କରି ପ୍ରତ୍ୟେକ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ମାନ ଖୋଲାଯାଇ ସରିଛି। ଏହି ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ୫ବର୍ଷରୁ କମ୍ ପିଲାମାନଙ୍କ ଶାରିରୀକ ବିକାଶ ସହ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯିବା ନିମନ୍ତେ ସେମାନଙ୍କୁ ବିଭିନ୍ନ ଉପକରଣ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ଏହାର ଲକ୍ଷ୍ୟ ରହିଛି। କିନ୍ତୁ ରଘୁନାଥପୁର ବ୍ଲକରେ ୧୯ଗୋଟି ଗ୍ରାମ ପଂଚାୟତ ମଧ୍ୟରେ ୧୪୫ଟି ଅଙ୍ଗନୱାଡି କେନ୍ଦ୍ର ଥିବା ବେଳେ ଆଜିସୁଦ୍ଧା ୫୯ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠାଘର ନାହିଁ, ଫଳରେ ଛାତ୍ରଛାତ୍ରୀମାନେ କେତେକ ସ୍ଥାନରେ ଚାଳଘରେ ରହି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ପାଠପଢିବା ସାଙ୍ଗକୁ ରନ୍ଧାଖାଦ୍ୟ ଭୋଜନ କରୁଥିବା ବେଳେ ଆଉ କେତେକ ସ୍ଥାନରେ ସ୍କୁଲ ଘରେ କିମ୍ବା ବାରଣ୍ଡାରେ ବସି ପାଠ ପଢୁଥିବାର ଦେଖିବାକୁ ମିଳିଛି। ଏପରିକି ଅଙ୍ଗନୱାଡି କର୍ମୀମାନେ ନିଜ ଘରୁ ରୋଷେଇ କରି ଆଣି ପିଲାମାନଙ୍କୁ ଖାଇବାକୁ ଦେଉଛନ୍ତି। ଏହି ବ୍ଲକରେ ରାଜନୈତିକ ଆକ୍ରୋଶ ବା ପ୍ରଶାସନିକ ଅଧୀକାରୀମାନଙ୍କ ଅବହେଳାର ଶିକାର ଏହି କୋମଳମତି ଶିଶୁମାନଙ୍କୁ ହେବାକୁ ପଡୁଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବା ରାଜନୈତିକ ଦଳ ପକ୍ଷରୁ ହେଉ କୋଠାଘର ନିର୍ମାଣ କରାଯାଇଥିଲେ ବି ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ଏପରିକି ବହୁ ସ୍ଥାନରେ ଅଧା ଅଙ୍ଗନୱାଡି ଘରକୁ ଭାଙ୍ଗି ଲୋକମାନେ ଇଟା, ଗୋଡି ଓ ରଡକୁ ବି ରାତିଅଧିଆ ଉଠାଇ ନେଉଛନ୍ତି। ଦୀର୍ଘ ୫-୭ବର୍ଷ ଧରି ଏହି ଗୃହଗୁଡିକ ନିର୍ମାଣ କରାଯାଇଥିଲେ ବି ଏପର୍ଯ୍ୟନ୍ତ ଶେଷ ନ ହୋଇପାରିବାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଦୀର୍ଘ ବର୍ଷ ଧରି ଏ ସମସ୍ୟା ସବୁ ଲାଗି ରହିଥିବା ବେଳେ ସ୍ଥାନୀୟ ପ୍ରଶାସନ କିମ୍ବା ଲୋକପ୍ରତିନିଧୀମାନେ ଏଥିପ୍ରତି ଗୁରୁତ୍ୱ ନ ଦେଉଥିବାକୁ ନେଇ ଘରଗୁଡିକ ଅଧା ହୋଇ ପଡିରହିଛି। ଏସମ୍ପର୍କରେ ଆମ ପ୍ରତିନିଧି ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ ଯେ ନିର୍ମାଣ ଧୀନ ଅଙ୍ଗନୱାଡି

**ରଘୁନାଥପୁର ବ୍ଲକ**


**ଗୁମର କଥା**

କେନ୍ଦ୍ର ଗୁଡିକର କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ମୁଁ ଉଦ୍ୟମ କରୁଛି। ଏସମ୍ପର୍କରେ ମୁଁ ଉପରିସ୍ଥ ଅଧିକାରିମାନଙ୍କୁ ବି ଜଣାଇଦେଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଏହି ଅଙ୍ଗନୱାଡି କେନ୍ଦ୍ର ଗୁଡିକର କାର୍ଯ୍ୟ କନିଷ୍ଠ ଯନ୍ତ୍ରୀମାନଙ୍କ ନାମରେ ଥିବାରୁ ସେ ଗୁରୁତ୍ୱ ଦେଉନାହାଁନ୍ତି କି କାର୍ଯ୍ୟଗୁଡିକ କଲାବେଳେ ସେ ଉପସ୍ଥିତ ନରହି ସ୍ଥାନୀୟ କୁଜିନେତାମାନଙ୍କୁ ଧରାଇ ଦେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଓ ମିଥ୍ୟା ଭାଉଚର ପ୍ରସ୍ତୁତ କରି ଟଙ୍କା ହଡପ୍ କରି ନେଉଥିବା ବେଳେ କାର୍ଯ୍ୟ ଶେଷ ମଧ କରାଯାଉନାହିଁ। ତାହାକୁ ନେଇ କାହାକୁ ଦାୟୀ କରାଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ଅଙ୍ଗନୱାଡି କେନ୍ଦ୍ର ଗୁଡିକୁ ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବା ଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।







# ୧୨ରୁ ୧୭ ବର୍ଷୀୟ ଶିଶୁଙ୍କ ପାଇଁ 'କୋଭୋଭାକ୍ସ'



**ନୂଆଦିଲ୍ଲୀ :** ନ୍ୟାସନାଲ୍ ଟେକନିକାଲ୍ ଆଡଭାଇଜରି ଗ୍ରୁପ ଅନ୍ ଇମ୍ୟୁନାଇଜେସନ୍ (ଏନଟିଏଜିଆଇ) ୧୨-୧୭ ବର୍ଷର ପିଲାଙ୍କ ଟିକାକରଣ ଲାଗି ସେରମ୍ ଇନଷ୍ଟିଚ୍ୟୁଟ ଦ୍ୱାରା ପ୍ରସ୍ତୁତ କୋଭୋଭାକ୍ସ ଟିକାକୁ ଅନୁମୋଦନ ପ୍ରଦାନ କରିଛି। ଫଳରେ ଦେଶରେ କିଶୋରଙ୍କ କ୍ଷେତ୍ରରେ କରୋନା ନିରୋଧୀ ଟିକାକରଣ କ୍ଷେତ୍ରରେ ଆଉ ଏକ ସଫଳତା ମିଳିଛି । ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୧୬ ତାରିଖରୁ ଭାରତରେ ୧୨ରୁ ୧୪ ବର୍ଷ ବୟସ୍କ ଶିଶୁଙ୍କ ଲାଗି ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଏହା ପୂର୍ବରୁ ଡ୍ରଗ୍ସ କଂଟ୍ରୋଲର ଜେନେରାଲ୍ ଅଫ୍ ଇଣ୍ଡିଆ (ଡିଜିସିଆଇ) ୨୦୨୧ ଡିସେମ୍ବର ୨୮ରେ ବୟସ୍କମାନଙ୍କ କ୍ଷେତ୍ରରେ କୋଭୋଭାକ୍ସର ଜରୁରୀକାଳୀନ ବ୍ୟବହାର ଲାଗି ଅନୁମତି ଦେଇଥିଲା। ଏଥିସହ ୧୨ରୁ ୧୭ ବର୍ଷ ବୟସ୍କ ବର୍ଗ କିଶୋରଙ୍କୁ ନିର୍ଦ୍ଦିଷ୍ଟ ସ୍ଥଳରେ ଟିକା ଦେବାଲାଗି ଅନୁମୋଦନ ବି କରିଥିଲା। ପରେ ସେରମ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଶିଶୁ ଓ କିଶୋରଙ୍କ କ୍ଷେତ୍ରରେ କୋଭୋଭାକ୍ସର ପ୍ରୟୋଗ ଲାଗି ସ୍ଥାୟୀ ଅନୁମତି ପ୍ରଦାନ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଆବେଦନ କରାଯାଇଥିଲା। ଏନଟିଏଜିଆଇଙ୍କ ସୁପାରିସ ପରେ ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟକୁ ଯିବ। ଡିସିଜିଆଇ କୋଭୋଭାକ୍ସକୁ ଜରୁରୀକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ପ୍ରଦାନ କରିପାରନ୍ତି।


PLOT FOR SALE



MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455



MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE


BHUBANESWAR

30th Approch Road

Contact : 8658607286 / 8917571455


# କୁଆଡ଼େ ଯିବନି କରୋନା : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର :** କରୋନାର ପାଣ୍ଡେମେସିଟିରୁ ଏଣ୍ଡେମେସିଟି ଆଡ଼କୁ ଯାଉଛି ଦେଶ। କୋଭିଡ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ଏଭଳି ପ୍ରତିକ୍ରିୟା ଦେଇଛନ୍ତି। ଏହା ଭିତରେ ଏମିତି ଗୋଟେ ଗୋଟେ ସ୍ପାଇକ ଆସିବ। ଏଥିପାଇଁ ଆତଙ୍କିତ ହେବାର ନାହିଁ। ଏ ଭାଇରସ କୁଆଡ଼େ ଯିବନି, କିନ୍ତୁ ତା'ର ରୋଗ କରିବା କ୍ଷମତା କମିଯିବ। ଯଦି ସଂଖ୍ୟା ବଢ଼ିବ, ଏହାର ମୁକାବିଲା ପ୍ରସ୍ତୁତି ପାଇଁ ଆମକୁ ବିଶେଷ ଅସୁବିଧା ହେବନି। କାରଣ ଆମର ଅଭିଜ୍ଞତା ଅଛି, ଭିତ୍ତିଭୂମି ଅଛି, ଔଷଧ ଅଛି। ଏବେ କେନ୍ଦ୍ର ସରକାରଙ୍କ ଗାଇଡ଼ ଲାଇନ ହେଉଛି, ଏଭିଡ଼େନ୍ସ ବେସଡ ଡିସିସନ ମେକିଙ୍ଗ। ଅର୍ଥାତ ଯେଉଁଠି ବଢୁଛି, ସେଇଠି ପଦକ୍ଷେପ ନିଅ। ତେଣୁ ସେଇ ଆଧାରରେ ପଦକ୍ଷେପ ନିଆଯିବ। ବର୍ତ୍ତମାନ ରାଜ୍ୟର ଦୈନିକ ସଂକ୍ରମଣ ୧୫ ତଳେ ରହିଛି। ମାତ୍ର ୫-୬ଟି ଜିଲ୍ଲାରେ ନୂଆ ମାମଲା ଆସୁଛି। ଆକ୍ଟିଭ କେସ୍ ସଂଖ୍ୟା ୧୦୦ ତଳେ ଅଛି। ଡାକ୍ତରଖାନାରେ କୌଣସି ରୋଗୀ ନାହାନ୍ତି। ଏଣୁ ଏବେଠୁ ଆତଙ୍କିତ ହେବାର ନାହିଁ। ଯଦି ସଂଖ୍ୟା ବଢ଼ିବ, ତା ପାଇଁ ପ୍ରସ୍ତୁତି ଅଛି। ତୁରନ୍ତ ବନ୍ଦୋବସ୍ତ ହୋଇପାରିବ। ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସେମାନେ କଣ୍ଟିନଜେନ୍ସି ପ୍ଲାନ କରି ପ୍ରସ୍ତୁତ ରହିବେ। ଯେଉଁ ଅଞ୍ଚଳରେ ବଢ଼ିବ, ତାକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି



ଅଧିକ ବଢ଼ିବ, ରାଜ୍ୟ ସ୍ତରରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଲୋକମାନଙ୍କୁ ଅନୁରୋଧ କୋଭିଡ ନିୟମ ମାନନ୍ତୁ। ମାସ୍କ ପିନ୍ଧନ୍ତୁ। ସାମାଜିକ ଦୂରତା ରଖନ୍ତୁ। ତୃତୀୟ ଲହରରେ ଯଦିଓ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଲା, ଲୋକମାନେ ଡାକ୍ତରଖାନା ଗଲେନି, ମୃତ୍ୟୁ ମୁଖରେ ପଡ଼ିଲେନି। ଟୀକାକରଣ ହେଉ ବା ଆମର ସଚେତନତା ହେଉ, ଗତ ଦୁଇ ତିନି ବର୍ଷ ଭିତରେ କୋଭିଡ ସାଙ୍ଗେ ଲଢ଼ିବାର ସାମର୍ଥ୍ୟ ଆମର ହେଇଗଲାଣି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**

ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**

ସମ୍ପାଦକ : ତାରକ ମହାନ୍ତି